


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-60 ◆SUNDAY ◆24 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୦ ◆ରବିବାର ◆୨୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଜବାବୀ ଶୁଳ୍କକୁ ନେଇ ବଢ଼ୁଛି ଦ୍ୱନ୍ଦ୍ୱ

# ଆମେରିକାକୁ ଡାକ ସେବା ବନ୍ଦ

■ **ନୂଆଦିଲ୍ଲୀ, ୨୩ା୮ (ଏଜେନ୍ସି):** ଜବାବୀ ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ଦେଖାଦେଇଛି । ଆସନ୍ତା ୨୯ ତାରିଖରୁ ଭାରତ ସମେତ ଅନ୍ୟ କେତେକ ଦେଶରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ ହେବ । ଏଥିରେ ଡାକ ସେବା ଏବଂ କୋରିୟର ସେବାକୁ ସାମିଲ କରାଯାଇଛି । ତେବେ କେଉଁ ସାମଗ୍ରୀ ଉପରେ କେତେ ଶୁଳ୍କ ଲାଗୁହେବ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି । ଆମେରିକା ପ୍ରଶାସନ ଏହାକୁ ନେଇ ଚୁପ୍ ରହିଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଫଳରେ ଆସନ୍ତା ୨୫ ତାରିଖରୁ ଆମେରିକାକୁ ଡାକ ସେବା ବନ୍ଦ କରିବା ପାଇଁ ଭାରତ ସରକାର ଘୋଷଣା କରିଛନ୍ତି । କେବଳ ଭାରତ ନୁହେଁ; ବ୍ରିଟେନ, ବେଲଜିୟମ, ଇଟାଲି, ଜର୍ମାନୀ, ଫ୍ରାନ୍ସ ଭଳି ୟୁରୋପୀୟ ରାଷ୍ଟ୍ର ମଧ୍ୟ ଆମେରିକାକୁ ଡାକ ସେବା ବନ୍ଦ କରୁଥିବା ନେଇ ସୂଚନା ଦେଇଛନ୍ତି । ଫଳରେ ପରିସ୍ଥିତି ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ଆମେରିକୁ ଡାକ ସେବା ଗୁରୁତର ଭାବେ ପ୍ରଭାବିତ ହେବାକୁ ଯାଉଛି । ଏଭଳି ଅବସ୍ଥା ଆଗରୁ କେବେ ଦେଖିବାକୁ ମିଳିନଥିଲା ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ନୂଆ ନିୟମ ଘୋଷଣା ହେବା ପରେ ଭାରତ ସରକାର ଆମେରିକାକୁ ଅସ୍ଥାୟୀ ଭାବେ ଡାକ ସେବା ବନ୍ଦ କରିଦେଇଛନ୍ତି । ୨୫ ତାରିଖରୁ ଡାକ ମାଧ୍ୟମରେ ଆମେରିକାକୁ ଯାଉଥିବା ସାମଗ୍ରୀ ବୁକିଂ ଉପରେ କଟକଣା ଲଗାଇଛି ଡାକ ବିଭାଗ । ତେବେ ଚିଠି, ପୁସ୍ତକ, ଛୋଟ ପାର୍ସଲ ଓ ଶହେ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାରକୁ ଏଥିରୁ ବାଦ୍ ଦିଆଯାଇଛି । ଡାକ ବିଭାଗ ପକ୍ଷରୁ ଜାରି ବିବୃତି ଅନୁଯାୟୀ ଅନ୍ତର୍ଜାତୀୟ ଡାକ ନେଟୱର୍କ ଦ୍ୱାରା ମାଲ୍ ପହଞ୍ଚାଉ ଥିବା ଗାଡ଼ି କିମ୍ବା ଆମେରିକା ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ଦ୍ୱାରା ଅନୁମୋଦନ ହୋଇଥିବା ଅନ୍ୟ 'ଯୋଗ୍ୟ ପକ୍ଷ'ଙ୍କୁ ଡାକ ସିପ୍‌ମେଣ୍ଟ ଉପରେ ଶୁଳ୍କ ଆଦାୟ କରାଯିବ । ତେବେ ଏ ପର୍ଯ୍ୟନ୍ତ ଯୋଗ୍ୟ ପକ୍ଷ କିଏ ହେବ ତାହାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ । ଭାରତୀୟ ଡାକ ବିଭାଗ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି । ଯଥାଶୀଘ୍ର ସେବାକୁ ସ୍ୱାଭାବିକ କରିବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି । ଯେଉଁ ଗ୍ରାହକ ପୂର୍ବରୁ ଏଭଳି ସାମଗ୍ରୀ ବୁକ୍ କରି ସାରିଛନ୍ତି କିମ୍ବା ଆମେରିକା ପଠାଇ ପାରିନାହାନ୍ତି, ସେମାନେ ଶୁଳ୍କ ଫେରାଇ ନେଇପାରିବେ ବୋଲି କୁହାଯାଇଛି ।




**ଭାରତ ସମେତ ଅନେକ ୟୁରୋପୀୟ ଦେଶ ବନ୍ଦ କଲେ ସେବା**

**ସାମିଲ ହେବାକୁ ଧମକ ଦେଲେ ୫୧ ୟୁରୋପୀୟ ସଂସ୍ଥା**

**ଗୁରୁତର ଭାବେ ପ୍ରଭାବିତ ହେବ କୋରିୟର ସେବା**

ଏବେ ଶହେ ଡଲାର ଅର୍ଥାତ୍ ପ୍ରାୟ ୮,୭୦୦ ଟଙ୍କା ମୂଲ୍ୟ ଉପହାର ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ । ପୂର୍ବରୁ ଏହି ସୀମା ୮୦୦ ଡଲାର ଅର୍ଥାତ୍ ୭୦ ହଜାର ଟଙ୍କା ଥିଲା । ଡାକ ବିଭାଗ ଏହା ଉପରେ ଅସ୍ଥାୟୀ କଟକଣା ଲଗାଇ ଥିଲେ ବି ଏହା କେତେ ଦିନ ପର୍ଯ୍ୟନ୍ତ ଜାରି ରହିବ ତାହା ସ୍ପଷ୍ଟ କରିନାହିଁ । ସିବିପି ଏବଂ ୟୁନାଇଟେଡ ଷ୍ଟେଟସ୍ ପୋର୍ଟାଲ ସର୍ଭିସେସ (ୟୁଏସପିଏସ) ସହ ମିଶି ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରାଯାଉଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଭାରତ ଭଳି ଅନେକ ଦେଶ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି । ଏଥିରେ ପ୍ରାୟ ସମସ୍ତ ୟୁରୋପୀୟ ଦେଶ ରହିଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରିଆ, ବେଲଜିୟମ, ଇଟାଲୀ, ଡେନମାର୍କ ଓ ସୁଇଡେନ । ଏହାସହିତ ୫୧ଟି ୟୁରୋପୀୟ ଡାକସେବା ସଂସ୍ଥାକୁ ନେଇ ଗଠିତ ପୋଷ୍ଟୟୁରୋପ ମଧ୍ୟ ଧମକ ଦେଇଛି ଯେ ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରାନଗଲେ ଏହା ମଧ୍ୟ ଆମେରିକାକୁ ସମସ୍ତ ଡାକ ସେବା ବନ୍ଦ କରିଦେବ । ▶ପୃଷ୍ଠା-୭

# ନବୀନ ନିବାସରେ ମୋହନ

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୩ା୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସୁସ୍ଥତା କାମନା କରିବା ସହିତ 'ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି' ବୋଲି ପଚାରିଥିଲେ । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଉତ୍ତରରେ 'ମୁଁ ସୁସ୍ଥ ଅନୁଭବ କରୁଛି' ବୋଲି କହିଥିଲେ । ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ ଧରି ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ନବୀନଙ୍କ ନିରାମୟ ଜୀବନ କାମନା କରିବା ସହ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ସହଯୋଗ ଲୋଡ଼ିଥିଲେ । ସୂଚନାଯୋଗ୍ୟ ଯେ ଗତ ୧୭ ତାରିଖରେ ଅତ୍ୟଧିକ 'ଡିହାଇଡ୍ରେସନ' କାରଣରୁ ବିରୋଧୀ ଦଳ ନେତା ▶ପୃଷ୍ଠା-୭

**ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା**



**ଅନଲାଇନ୍ ବେଟିଂ**

# କର୍ଣ୍ଣାଟକ ବିଧାୟକ ଗିରଫ

■ **ବେଙ୍ଗାଲୁରୁ, ୨୩ା୮ (ଏଜେନ୍ସି):** ଅନ୍‌ଲାଇନ୍ ବେଟିଂ ତଥା ଜୁଆକୁ ବ୍ୟାନ୍ କରାଯିବାର ୨୪ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଏହାର ପ୍ରଥମ ଶିକାର ହୋଇଛନ୍ତି କର୍ଣ୍ଣାଟକର କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ର । ତାଙ୍କୁ ସିକ୍କିମରୁ ଗିରଫ କରାଯାଇଛି । ବୀରେନ୍ଦ୍ରଙ୍କ ବିଭିନ୍ନ ଠିକଣା ଉପରେ ଚଢ଼ଉ କରିଛି ଇଡି । ଚଢ଼ଉ ବେଳେ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କାର ସୁନା ଗହଣା ଜବତ କରାଯାଇଛି । କେବଳ ସେତିକି ନୁହେଁ; ଏକ କୋଟି ଟଙ୍କାର ବିଦେଶୀ ମୁଦ୍ରା ଓ ୪ଟି ଗାଡି ମଧ୍ୟ ଜବତ କରିଛି ।

ବୀରେନ୍ଦ୍ରଙ୍କ ଗ୍ୟାଙ୍ଗଟକ, ଚିତ୍ରଦୁର୍ଗ, ବେଙ୍ଗାଲୁରୁ, ହୁବଲି, ଯୋଧପୁର, ମୁମ୍ବଇ ଓ ଗୋଆର ଠିକଣା ଉପରେ ଚଢଉ କରାଯାଇଛି । ତାଙ୍କର ୫ଟି କାସିନୋ ଉପରେ ମଧ୍ୟ ଚଢ଼ଉ କରାଯାଇଥିବା ଜଣାପଡ଼ିଛି । ବୀରେନ୍ଦ୍ର କର୍ଣ୍ଣାଟକର ଚିତ୍ରଦୁର୍ଗରୁ ବିଧାୟକ ରହିଛନ୍ତି । ଗୋଆରେ ତାଙ୍କର କ୍ୟାସିନୋ କାରବାର ମଧ୍ୟ ରହିଛି ବୋଲି କୁହାଯାଉଛି । ତାଙ୍କର ୧୭ଟି ବ୍ୟାଙ୍କ ଖାତା ଓ ଦୁଇଟି ବ୍ୟାଙ୍କ ଲକରକୁ ସିଜ୍ କରିଦିଆଯାଇଛି । ଏଥିସହ ତାଙ୍କ ଭାଇଙ୍କ ବାସଭବନରୁ ବହୁ କାଗଜପତ୍ର ମଧ୍ୟ ଜବତ କରାଯାଇଛି । ତାଙ୍କ ଭାଇ କେସି ଥିପ୍ପେସ୍ୱାମୀ ଦୁବାଇରେ ଡାଇମଣ୍ଡ ସଫ୍ଟଟେକ, ଟିଆରଏସ୍ ଟେକ୍ନୋଲୋଜିସ, ପ୍ରାଇମ୯ ଟେକ୍ନୋଲୋଜିସ ଭଳି କମ୍ପାନୀ ▶ପୃଷ୍ଠା-୭



**୧୨ କୋଟି ନଗଦ ଟଙ୍କା, ୬ କୋଟିର ଗହଣା ଜବତ**

## ୩,୦୭୩ କୋଟିର ଋଣ ଠକେଇ

# ଅନିଲ ଅମ୍ବାନୀଙ୍କ ଘରେ ସିବିଆଇ ଚଢ଼ଉ

■ **ମୁମ୍ବଇ, ୨୩ା୮ (ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ୩,୦୭୩ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଶନିବାର ସକାଳେ ଅନିଲଙ୍କ ମୁମ୍ବଇର ସିୱିଣ୍ଡ ସ୍ଥିତ ବାସଭବନରେ ଚଢ଼ଉ କରିଛି । ସୂଚନା ଅନୁଯାୟୀ ସକାଳ ୭ଟାରେ ସିବିଆଇର ୭ରୁ ୮ ଅଧିକାରୀ ଶିଳ୍ପପତିଙ୍କ ଘରେ ପହଞ୍ଚିଥିଲେ । ଅନିଲ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅଧିକାରୀ ଘରର ତଲାସୀ ନେଇଥିଲେ । ବ୍ୟାଙ୍କ ଜାଲିଆତି ନେଇ ଦିଲ୍ଲୀରେ ଏସ୍‌ବିଆଇ ପକ୍ଷରୁ ଅମ୍ବାନୀ ଏବଂ ତାଙ୍କର ରିଲାଏନ୍ସ ଇନଫୋକମ୍ ▶ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

# ବର୍ଷାରେ ଭିଜିବ ପହିଲି ପାର୍ବଣ

■ **ଭୁବନେଶ୍ୱର, ୨୩ା୮ (ସମିସ):** ରାଜ୍ୟର ବିଭିନ୍ନ ଭାଗରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହା ପହିଲି ପାର୍ବଣକୁ ଫିକା କରିପାରେ । ଆଗାମୀ ୪ ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ପହିଲି ପାର୍ବଣ ଗଣେଶ ପୂଜା ଫିକା ପଡ଼ିବା ନେଇ ଆଶଙ୍କା ଦେଖାଦେଇଛି । ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିବା କାରଣରୁ ଆଗାମୀ ୨୭ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ପ୍ରଦାନ କରାଯାଇଛି ।

**୨୭ ଯାଏଁ ରାଜ୍ୟବ୍ୟାପୀ ବର୍ଷା**

**ଆଜି ୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି**

ଏହି ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଉତ୍ତର ପଶ୍ଚିମ ଦିଗ ସହ ଝାଡଖଣ୍ଡ ଦେଇ ଗତି କରିବାର ସମ୍ଭାବନା ରହିଛି । ଫଳସ୍ୱରୂପ ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି । ଏହାବ୍ୟତୀତ ▶ପୃଷ୍ଠା-୭

# ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା

■ **ବାଲେଶ୍ୱର, ୨୩ା୮ (ସମିସ):** ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖାର ଉପରମୁଣ୍ଡ ତଥା ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରେ ପ୍ରବଳ ବର୍ଷା ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ଗାଲୁଡିହି ବ୍ୟାରେଜ୍‌ର ୧୩ଟି ଫାଟକ ଖୋଲି ଦିଆଯାଇଛି । ଫଳରେ ଉପରମୁଣ୍ଡରୁ ଘଣ୍ଟାପ୍ରତି ୫୪୨୮.୫୬ କ୍ୟୁସେକ୍ ପାଣି ମାଡ଼ି ଆସୁଛି । ଏହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ବିଶେଷକରି ସୁବର୍ଣ୍ଣରେଖାରେ ଜଳସ୍ତର ବଢ଼ି ଚଳିତବର୍ଷ ଷଷ୍ଠଥର ପାଇଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଅପରପକ୍ଷେ, ବାଲେଶ୍ୱର ଜିଲ୍ଲାରେ ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ଫଳରେ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ▶ପୃଷ୍ଠା-୭

**ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ ଖୋଲିଲା ୧୩ ଫାଟକ**

# ପୁଣି ୮ ଫାଟକ ଖୋଲିଲା ହୀରାକୁଦ

■ **ସମ୍ବଲପୁର, ୨୩ା୮ (ସମିସ):** ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟାଜଳ ପରିମାଣ ବୃଦ୍ଧି ପାଇଛି । ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ । ଜଳ ପରିଚାଳନା ସକାଶେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ପୁଣିଥରେ ଜଳଭଣ୍ଡାରର ବାମ ପାଶ୍ୱର୍ର ୩ଟି ଓ ଡାହାଣ ପାଶ୍ୱର୍ର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି । ଏହି ସମୟରେ ହୀରାକୁଦ ଜଳସ୍ତର ୬୨୦.୪୦ ଫୁଟ୍ ରହିଥିଲା । ଉଲ୍ଲେଖଯୋଗ୍ୟ ଯେ ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବା ▶ପୃଷ୍ଠା-୭

**ପ୍ରବେଶ କରୁଛି ୨,୧୩,୧୩୫ ଘନଫୁଟ ଜଳ**


# ମାରିଜୁଆନା ପାଇଁ ଭୁବନେଶ୍ୱର ନିରାପଦ!

■ **ଭୁବନେଶ୍ୱର, ୨୩ା୮ (ସମିସ):** ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୪କୋଟିର ମାରିଜୁଆନା । ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଲା ବେଳେ ଧରିଲା କଷ୍ଟମ ବିଭାଗ । ମାରିଜୁଆନା ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ପଞ୍ଜାବର ପ୍ରେମୀ ଯୁଗଳ । ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଏହାପୂର୍ବରୁ ସେମାନେ ଏକାଧିକ ଥର ଏୟାରପୋର୍ଟ ଦେଇ ମାରିଜୁଆନା ଭୁବନେଶ୍ୱରକୁ ଆଣିଥିବା କହିଛନ୍ତି । ଭୁବନେଶ୍ୱର ବିମାନବନ୍ଦରରେ କଡ଼ା ଯାଞ୍ଚ ▶ପୃଷ୍ଠା-୭

**ବିମାନବନ୍ଦରରୁ ଆଉ ୪ କୋଟିର ମାରିଜୁଆନା ଜବତ**

**ପ୍ରେମୀ ଯୁଗଳ ଗିରଫ, ବ୍ୟାଙ୍କକ୍‌ରୁ ଆସିଥିଲେ**

**ଧରାପଡିଲାଣି ୫୦ କୋଟିର ବିଦେଶୀ ଡ୍ରଗ୍ସ**








**୭ ଲକ୍ଷର ଫସଲ ବୀମା**

# ୩୦ ହଜାର ପ୍ରିମିୟମ୍; ଚାଷୀ ପାଇଲେ ୧୨୭୪

■ **ଭୋପାଳ, ୨୩ା୮ (ଏଜେନ୍ସି):** ଫସଲକ୍ଷତିରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଣାଯାଇଥିବା ସରକାର ଦାବି କରୁଛନ୍ତି । ମାତ୍ର ଏହାର ପ୍ରକୃତ ଲାଭ ଚାଷୀଙ୍କୁ ମିଳିପାରୁନାହିଁ । କିନ୍ତୁ ଚାଷୀ ଯେଉଁ ଅର୍ଥ ଦେଇ ଫସଲ ବୀମା କରାଉଛନ୍ତି ସେଥିରେ ବୀମା କମ୍ପାନୀ ଲାଭାନ୍ୱିତ ହେଉଛନ୍ତି । ଧର୍ମକୁ ଆଖିଠାରୁ ଭଳି ଫସଲ କ୍ଷତିର କ୍ଷତିପୂରଣ ନାମରେ ଠକି ଦିଆଯାଇଛି ବୋଲି ଖୋଦ୍ ଚାଷୀ ଅଭିଯୋଗ କହୁଛନ୍ତି ।

ମଧ୍ୟପ୍ରଦେଶ ଖଣ୍ଡୱାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି । ଗତ ବର୍ଷ ଚାଷୀ ରାଜେନ୍ଦ୍ର ପ୍ରଜାପତି ୨୧ ଏକରରେ ସୋୟାବିନ ଚାଷ କରିଥିଲେ । ମାତ୍ର ଏହି ଫସଲ ଖରାପ ହୋଇ ଯାଇଥିଲା । ମରୁଡି ଯୋଗୁଁ ଗୋଟିଏ ଦାନା ବି ତାଙ୍କୁ ମିଳିପାରି ନ ଥିଲା । ଫସଲ ବୀମା କରିବାକୁ ସେ ନିଜ ହାତରୁ ୬ ହଜାର ଟଙ୍କାର ପ୍ରିମିୟମ ଦେଇଥିଲେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଂଶକୁ ମିଶାଇ ପ୍ରିମିୟମ ମୋଟ ୩୦ ହଜାର ଟଙ୍କା ହୋଇ ଯାଇଥିଲା । ୭ ଲକ୍ଷରୁ ଅଧିକ ଟଙ୍କାର ଫସଲ ବରବାଦ ହେବା ପରେ ବୀମା ପାଇଁ ଦାବି କରାଯାଇଥିଲା । ମାତ୍ର ଏବେ ସରକାର କ୍ଲେମ କରାଇବାରୁ ବୀମା କମ୍ପାନୀ କେବଳ ୧୨୭୪ ଟଙ୍କା ପ୍ରଦାନ କରିଛି । ବୀମା କମ୍ପାନୀ ଘା'ରେ ମଲମ ଲଗାଇବା ପରିବର୍ତ୍ତେ ଅଧିକ ଦୁଃଖ ଦେଇଛି । ତେଣୁ ବୀମାରାଶିକୁ ଡିଡି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଠାଇବି ବୋଲି ଚାଷୀ କହିଛନ୍ତି ।

ରାଜେନ୍ଦ୍ରଙ୍କ ସୂଚନା ଅନୁଯାୟୀ ସରକାର ଏବଂ ବୀମା କମ୍ପାନୀ କ୍ଲେମ ବାବଦ ଅର୍ଥ ଦେଇ ଖରିଫ ଋତୁରେ ଫସଲ କ୍ଷତି ହୋଇଛି ବୋଲି ସ୍ୱୀକାର କରିଛନ୍ତି । କ୍ଲେମ ବାବଦକୁ ୧୨୭୪ ଟଙ୍କା କେମିତି ହେଲା ତାହାର ଗଣିତ ବୁଝା ପଡୁନାହିଁ । ପ୍ରିମିୟମ ବାବଦକୁ ଏହାର ୫ ଗୁଣା ରାଶି ପ୍ରଦାନ କରିଛି । ଅଂଶଧନ ବାବଦକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଚାରି ଗୁଣା ଲେଖାଏଁ ରାଶି ପ୍ରଦାନ କରିଛନ୍ତି । ରାଜେନ୍ଦ୍ର କହିଛନ୍ତି ଯେ ସହରଠୁ ୧୫ କିମି ଦୂର ମୋରଦଡ଼ରେ ତାଙ୍କ ୨୫ ଏକର ପୈତୃକ ଜମି ରହିଛି । ସେ ଏଥିରୁ ୨୧ ଏକରରେ ସୋୟାବିନ ଲଗାଇଥିଲେ । କିନ୍ତୁ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଥିଲା । ବୀମା କମ୍ପାନୀର ସର୍ଭେୟର ମଧ୍ୟ ଖେତକୁ ବୁଲି ଦେଖିଥିଲେ । ଏକର ପିଛା ୭ କ୍ୱିଣ୍ଟାଲ ହିସାବରେ ମୋଟ ୧୪୦ କ୍ୱିଣ୍ଟାଲ ସୋୟାବିନ ହେବ ବୋଲି ଆକଳନ କରିଥିଲେ । ସେ ସମୟରେ ବଜାରରେ ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କା ଥିଲା । ଏହି ହିସାବରେ ଫସଲ ମୂଲ୍ୟ ୭ ଲକ୍ଷ ଟଙ୍କା ▶ପୃଷ୍ଠା-୭






ସକାଳ
www.sakalaepaper.com

# ଭାରତରୁ ତେଲ କିଣିବାକୁ କାହାକୁ ବାଧ୍ୟ କରାଯାଉ ନାହିଁ

ନୂଆଦିଲ୍ଲୀ, ୨୩ା୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇସାରିଥିବା ବେଳେ ବାକି ୨୫% ୨୭ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଶୁଳ୍କକୁ ଭାରତ ବିରୋଧ କରିଛି। ଏହାକୁ ମନମୁଖି ଏବଂ ବେଆଇନ କହିଛି। ଏହାକୁ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଲାଗି ରହିଛି। ଏପରି ସମୟରେ ଭାରତ ଏବଂ ଆମେରିକା ମଧ୍ୟରେ କୌଣସି ଝଗଡ଼ା ନାହିଁ ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଏବେ ବି ବାଣିଜ୍ୟ ଚୁକ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ତେବେ ଏହି ଚୁକ୍ତିରେ କିଛି ଲକ୍ଷ୍ମଣରେଖା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ 'ଇକନୋମିକ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ-୨୦୨୫'ରେ ସାମିଲ ହୋଇ ସେ ଶନିବାର ଏହି ଟିପ୍ପଣୀ ଦେଇଛନ୍ତି।

ଜୟଶଙ୍କର କହିଛନ୍ତି ଯେ ଭାରତର ଚାଷୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ନିଷ୍ପତ୍ତି ନିଆଯାଉଛି। ରୁଷଠାରୁ ତୈଳ କ୍ରୟକୁ ନେଇ ସମାଲୋଚକଙ୍କୁ ବିଦେଶମନ୍ତ୍ରୀ ଦୃଢ଼ ଜବାବ ଦେଇଛନ୍ତି। ସେ ଭାରତର ତୈଳ କ୍ରୟକୁ ଉଚିତ ବୋଲି କହିଛନ୍ତି। ଭାରତ ନିଜ ରାଷ୍ଟ୍ରୀୟ ସ୍ୱାର୍ଥକୁ ଦେଖି ନିଷ୍ପତ୍ତି ନେଉଛି। ଏହା ମୂଲ୍ୟକୁ ମଧ୍ୟ ସ୍ଥିର ରଖୁଛି। ଅଧିକ ଦାମ୍‌ରେ ରୁଷ୍ ତୈଳ ବିକିବା ଅଭିଯୋଗ ଉପରେ ଜୟଶଙ୍କର କହିଛନ୍ତି ଯେ ଆମେରିକା ସରକାରର ବ୍ୟବସାୟିକ ସ୍ୱାର୍ଥ ସପକ୍ଷରେ କାମ କରୁଥିବା ଲୋକ ଅନ୍ୟମାନଙ୍କ ଉପରେ ବ୍ୟବସାୟକୁ ନେଇ ଅଭିଯୋଗ ଲଗାଇବା ହାସ୍ୟାସ୍ପଦ। ଯଦି କୌଣସି ଦେଶ ଭାରତଠାରୁ ତେଲ କିଣିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନେ ନ କିଣନ୍ତୁ। ଭାରତ କୌଣସି ଦେଶକୁ ତେଲ କିଣିବାକୁ ବାଧ୍ୟ କରୁନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ ଠାରୁ ତେଲ କିଣି ଏହାର ବିଶୋଧନ ପରେ ଭାରତୀୟ



**ଯାହାର ସମସ୍ୟା ହେଉଛି ସେ ନ ନିଅନ୍ତୁ**

**ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି**

କଂପାନୀ ଅନ୍ୟ ଦେଶକୁ ବିକ୍ରି କରୁଛନ୍ତି।

ଶୁଳ୍କ ବିବାଦ ସଂପର୍କାରେ ଜୟଶଙ୍କର ତିନୋଟି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ବ୍ୟବସାୟ, ରୁଷ ତୈଳ କ୍ରୟ ଏବଂ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା ସାମିଲ ରହିଛି। ଜୟଶଙ୍କର କହିଛନ୍ତି ଯେ ବ୍ୟବସାୟ ଏବଂ ଚାଷୀଙ୍କ ସ୍ୱାର୍ଥକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି। କୌଣସି ବି ପରିସ୍ଥିତିରେ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ। ଏଥିପାଇଁ ଯାହା କରିବାକୁ ପଡ଼ିବ ତାହା କରାଯିବ।

ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ଜୟଶଙ୍କର କହିଛନ୍ତି ଯେ ଏଥିରେ କାହାର ମଧ୍ୟସ୍ଥତାକୁ ଗ୍ରହଣ କରାଯିବ ନାହିଁ। ଏ ନେଇ ଭାରତର ଆଭିମୁଖ୍ୟ ବହୁତ ସ୍ପଷ୍ଟ ରହିଛି। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ଏହି ସଂଘର୍ଷ ବନ୍ଦ କରାଇଥିବା ଦାବି କରି ଆସୁଛନ୍ତି। ମାତ୍ର ଭାରତ ଏହାକୁ ଖାରଜ କରିଚାଲିଛି। ଜୟଶଙ୍କର କହିଛନ୍ତି ଯେ କୌଣସି ସଂଘର୍ଷ ହେଲେ ଦେଶମାନେ ପରସ୍ପର ସହ ଆଲୋଚନା କରିଥାନ୍ତି। ଆମେରିକା ଏବଂ ଅନ୍ୟ ଦେଶମାନେ ମଧ୍ୟ ଫୋନ୍ କରିଥିଲେ। ଏହାକୁ ନେଇ ଚୁକ୍ତି କରାଇଥିବା ଦାବି କରିବା ଭୁଲ୍। ପାକିସ୍ତାନ ସହ ନିଜର ପୁରୁଣା ସମ୍ପର୍କକୁ ଆମେରିକା ଭୁଲି ଯାଉଛି। ବିଶ୍ୱର ସବୁଠୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ପାକିସ୍ତାନରେ ହିଁ ଥିଲା। ଆମେରିକା ଏବଂ ପାକିସ୍ତାନ ନିଜ ନିଜ ଇତିହାସକୁ ବାରମ୍ବାର ଅଣଦେଖା କରିଚାଲିଛନ୍ତି। କିଛି ଦେଶ ସୁବିଧା ପାଇଁ ରାଜନୀତି କରୁଛନ୍ତି। ଏଥିରେ କିଛି ରଣନୈତିକ ଲାଭ ଥାଇପାରେ ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସଂପର୍କରେ ସେ କହିଛନ୍ତି ଯେ ଏହାପୂର୍ବରୁ ଆମେରିକାାରେ ଏଭଳି ରାଷ୍ଟ୍ରପତି ନଥିଲେ। ଟ୍ରମ୍ପଙ୍କ ଭଳି କୌଣସି ରାଷ୍ଟ୍ରପତି ବିଦେଶ ନୀତିର ପରିଚାଳନା କରି ନାହାନ୍ତି। ଏହା ଦ୍ୱାରା ବଡ଼ ପରିବର୍ତ୍ତନ ଆସିଛି। କେବଳ ଭାରତ ନୁହେଁ, ଅନେକ ରାଷ୍ଟ୍ର ଉପରେ ଏହାର ପ୍ରଭାବ ପଡ଼ିଛି।

### ଫୋଗତ ହତ୍ୟା ମାମଲା

## ୩ ବର୍ଷରେ ୫୦ ତାରିଖ; ସିବିଆଇ ବାଟବଣା

ଫତେହାବାଦ୍, ୨୩।୮ (ଏଜେନ୍ସି): ହରିୟାଣାର ଜଣାଶୁଣା ଟିକ୍‌ଟକ୍ ତାରକା ତଥା ବିଜେପି ନେତ୍ରୀ ସୋନାଲି ଫୋଗତ ହତ୍ୟା ଘଟଣା ଆଜିକୁ ୩ ବର୍ଷ ପୁରିଛି। ୩ ବର୍ଷ ଧରି ସିବିଆଇ ଯାଞ୍ଚ୍ କରିବା ପରେ ହତ୍ୟାର ଉଦ୍ଦେଶ୍ୟ ନେଇ କୌଣସି ସୂଚନା ପାଇନାହିଁ ଓ ବାଟବଣା ହୋଇଛି। ଗତ ୩ ବର୍ଷ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ତାରିଖ ଆସିଛି ବୋଲି ତାଙ୍କ ଭାଇ କହିଛନ୍ତି। ଅଭିଯୁକ୍ତ ଜାମିନ ପାଇ ବାହରକୁ ଆସି ଖୋଲା ଖୋଲି ଭାବେ ବୁଲୁଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ କୁହାଯାଇଛି। ନ୍ୟାୟ ପାଇବାକୁ ତାଙ୍କ ପରିବାର ଆଶାବାନ୍ଧି ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଅଗଷ୍ଟ ୨୨ ଓ ୨୩ ତାରିଖ ରାତିରେ ଗୋଆର ଅଞ୍ଜୁନା ବିଚ୍‌ସ୍ଥିତ କର୍ଲିସ ରେସ୍ତୋରାଁ-କ୍ଲବ ସୋନାଲିଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅତ୍ୟଧିକ ଔଷଦ ସେବନ ବା ଡ୍ରଗ୍ ଓଭରଡୋଜ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି। ସୋନାଲିଙ୍କ ବ୍ୟକ୍ତିଗତ ସହଯୋଗୀ ସୁଧୀର ସାଙ୍ଗୱାନ ଓ ତାଙ୍କ ବନ୍ଧୁ ସୁଖବିନ୍ଦର ସିଂ ହତ୍ୟା କରିଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି। ତଦନ୍ତ ପରେ ସବିଆଇ ଏହି ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ତେବେ ୮ ମାସ ପରେ ଦୁହିଁଙ୍କୁ ଜାମିନ ମିଳିଥିଲା। ଜାମିନ ବାତିଲ କରିବାକୁ ପରିବାର ତରଫରୁ ଆବେଦନ କରାଯାଇଥିଲେ ମଧ୍ୟ ଏ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଆଗାମୀ ସେପ୍ଟେମ୍ବର ୩ରେ ଏହି ମାମଲାର ଆଗାମୀ ଶୁଣାଣି ଗୋଆ ଜିଲ୍ଲା କୋର୍ଟରେ ହେବ। ସୁଧୀର ଏବେ ମଧ୍ୟ ସୋନାଲିଙ୍କ କାର ଚଳାଉଛନ୍ତି ଓ ସେ ତାଙ୍କର ୨୫ ଲକ୍ଷ ଟଙ୍କା ଜିନିଷ ହଡପ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସୋନାଲିଙ୍କ ଝିଅ ଯଶୋଧାରା ସ୍କୁଲ ଶେଷ କରିବା ପରେ ଏବେ କଲେଜରେ ଆଡମିଶନ କରିବେ।

## ପଞ୍ଜାବରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣରେ ୫ ମୃତ

ହୋଶିଆରପୁର, ୨୩।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁରରେ ପରିବା ନେଇ ଯାଉଥିବା ପିକ୍‌ଅପ୍ ଭ୍ୟାନ ଏକ ଏଲ୍‌ପିଜି ଟ୍ୟାଙ୍କରକୁ ଧକ୍କା ଦେବା ଫଳରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ସ୍ଥାନୀୟ ମଣ୍ଡିଆଲା ଗାଁରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି। ଏଥିରେ ଏପର୍ଯ୍ୟନ୍ତ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ବିସ୍ଫୋରଣ ପରେ ୨୦୦ମିଟର ପରିମିତ ଅଞ୍ଚଳରେ ୨୫ଟି ଦୋକାନ ଓ ୧୦ଟି ଦୋକାନ ଜଳିବା ସହ କ୍ଷତିଗ୍ରସ୍ତ ହୋଇଛି। କେତୋଟି ଘରର ଛାତ ଗଳି ପଡ଼ିଛି। ଏଥିରେ ୩୦ ଜଣ ଲୋକଙ୍କ ଦେହରେ ନିଆଁ ଲାଗିବା ଫଳରେ ସେମାନେ ଆହତ ହୋଇଛନ୍ତି। ପିକ୍‌ଅପ ଚଳାଉଥିବା ଡ୍ରାଇଭରଙ୍କର କୌଣସି ପତା ମିଳିନାହିଁ। ସେ ଘଟଣାସ୍ଥଳରୁ ପଳାଇଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ଏଲ୍‌ପିଜି ଟ୍ୟାଙ୍କର ଡ୍ରାଇଭର ମୃତ୍ୟୁବରଣ କରିଛନ୍ତି। ଆହତଙ୍କୁ ହୋସିଆପୁର ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଭାବେ ଆହତଙ୍କୁ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପାକିସ୍ତାନ ମିସାଇଲ ଦ୍ୱାରା ଆକ୍ରମଣ କରିଛି ବୋଲି ଭାବି ନେଇଥିଲେ। ସୂଚନା ପାଇବା ପରେ ବାୟୁସେନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ଭଗବତ ମାନ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ୧୪ ଘଣ୍ଟା ଧରି ଧରି ରାସ୍ତା ଜାମ ରହିବା ପରେ ପୁଲିସ ଜଳନ୍ଧର- ହୋସିଆରପୁର ହାଇୱେକୁ ଖାଲି କରିଛି।

## ନ୍ୟୁୟର୍କରେ ପଲଟିଲା ପର୍ଯ୍ୟଟକ ବସ୍, ୫ ମୃତ

ନ୍ୟୁୟର୍କ, ୨୩।୮ (ଏଜେନ୍ସି): ନ୍ୟୁୟର୍କରେ ଶୁକ୍ରବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ପଲଟିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ନାଏଗ୍ରା ଜଳପ୍ରପାତରୁ ବସ୍‌ଟି ନ୍ୟୁୟର୍କ ସିଟି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ବସ ଡ୍ରାଇଭର ନିୟନ୍ତ୍ରଣ ହରାଇବା ପରେ ବସ୍ ପଲଟିଥିଲା ବୋଲି ନ୍ୟୁୟର୍କ ଷ୍ଟେଟ୍ ପୁଲିସ ତରଫରୁ କୁହାଯାଇଛି। ଏହି ଦୁର୍ଘଟଣା ସ୍ଥାନୀୟ ସମୟ ଅପରାହ୍ଣ ୧୨.୩୦ରେ ହୋଇଥିଲା। ବସରେ ୫୪ ଜଣ ଯାତ୍ରୀ ଥିଲେ। ଅଧିକାଂଶ ଯାତ୍ରୀ ସିଟ୍ ବେଲ୍ଟ ଲଗାଇ ନଥିଲେ। ଫଳରେ କିଛି ଯାତ୍ରୀ ଝରକା କାଚ ଭାଙ୍ଗିବା ଫଳରେ ବାହରକୁ ବାହାରି ଯାଇଥିଲେ। ଏହି ବସରେ ଅଧିକାଂଶ ଭାରତ, ଚୀନ୍ ଓ ଫିଲିପାଇନ୍ସର ଯାତ୍ରୀ ବସିଥିଲେ। ବସରେ ଛୋଟପିଲା ମଧ୍ୟ ଥିଲେ। ଆହତଙ୍କୁ ହଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ରସ୍ତାକୁ ବନ୍ଦ କରାଯାଇଥିଲା। ଉଦ୍ଧାରକାର୍ଯ୍ୟ ଏବେବି ଜାରି ରହିଛି।

### କର୍ଣ୍ଣାଟକ ଧର୍ମସ୍ଥଳ ମାମଲାରେ ନୂଆ ମୋଡ଼

## ମିଛ କହି ଗିରଫ ହେଲା ଅଭିଯୋଗକାରୀ

ମାଙ୍ଗାଲୁରୁ, ୨୩।୮ (ଏଜେନ୍ସି): କର୍ଣ୍ଣାଟକର ଧର୍ମସ୍ଥଳରେ ଏକାଧିକ ମୃତଦେହକୁ କବର ଦେବା ମାମଲା ଏବେ ନୂଆ ମୋଡ଼ ନେଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହି ମାମଲାରେ ଅଭିଯୋଗକାରୀକୁ ହିଁ ଗରିଫ କରିଛି। ତାଙ୍କ ବିରୋଧରେ ମିଥ୍ୟା ସୂଚନା ଓ ପ୍ରମାଣ ଦେବା ଅଭିଯୋଗ ହୋଇଛି। ଗିରଫ୍ ହୋଇଥିବା ଏହି ବ୍ୟକ୍ତି ମନ୍ଦିରର ପୂର୍ବତନ ସଫାଇ କର୍ମଚାରୀ ଥିଲେ। ଏହି ବ୍ୟକ୍ତି ହିଁ ଦୁଇ ଦଶନ୍ଧି ହେବ ଧର୍ମସ୍ଥଳରେ ଏକାଧିକ ହତ୍ୟା, ଦୁଷ୍କର୍ମ ଓ ମୃତଦେହ ପୋତିବାର ଅଭିଯୋଗ ଆଣିଥିଲେ। ଏହି ରହସ୍ୟମୟ ବ୍ୟକ୍ତି ହେଉଛନ୍ତି ସିଏନ ଚିନ୍ନାୟା। ସେ ୭୦ରୁ ୮୦ଟି ମୃତହେହ ବିଭିନ୍ନ ସ୍ଥାନରେ ପୋତିବା ନେଇ ଦାବି କରିଥିଲେ। ତାଙ୍କୁ ଗତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ପଚରା ଉଚରା କରାଯାଇଥିଲା। ସେ ଦେଇଥିବା ସୂଚନା ଓ କାଗଜପତ୍ରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା ବୋଲି ଏସ୍‌ଆଇଟି ମୁଖ୍ୟ ପ୍ରଣବ ମହାନ୍ତି କହିଛନ୍ତି। ତାଙ୍କୁ ଶନିବାର ସକାଳେ ଗରିଫ କରାଯାଇଛି। ପାର୍ଷ୍ଟକ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ହାଜର କରାଯାଇଥିଲା। କୋର୍ଟ ତାକୁ ୧୦ ଦିନ ପାଇଁ ଏସଆଇଟି ହେପାଜତକୁ ପଠାଇ ଦେଇଛନ୍ତି। ଚିନ୍ନାୟା ଏହି ମନ୍ଦିରରେ ୨୦୧୪ ପର୍ଯ୍ୟନ୍ତ ଝାଡୁଦାର ରୂପେ କାର୍ଯ୍ୟ କରୁଥିଲେ।



ଏହି ମାମଲାରେ କୌଣସି ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇନାହିଁ। ଗତ ଜୁଲାଇ ୧୧ରେ ଚିନ୍ନାୟା ବେଲଥାଙ୍ଗାଡି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ସେବାସହ ଏକ ଖପୁରୀ ଓ କେତୋଟି ହାଡ ଉପସ୍ଥାପନ କରିଥିଲେ। ଏହା ଜଣେ ମହିଳାଙ୍କର ଓ ତାଙ୍କର ଯୌନଶୋଷଣ ହୋଇଥିଲା ବୋଲି ସେ ଦାବି କରିଥିଲେ। କିନ୍ତୁ ଏହି ଅବଶେଷ ଜଣେ ପୁରୁଷଙ୍କର ବୋଲି ଫରେନସିକ ଯାଞ୍ଚରୁ ଜଣାପଡ଼ିଥିଲା। ତାଙ୍କ ଉପରେ ଚାପ ପ୍ରୟୋଗ କରି ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପିଲାଙ୍କ ମୃତଦେହ ପୋତିବାକୁ ବାଧ୍ୟ କରାଯାଇଥିଲା ବୋଲି ସେ କହିଥିଲେ। କିନ୍ତୁ ଏହାପରେ ଏସ୍‌ଆଇଟି ୧୭ଟି ସ୍ଥାନରେ ଖନନ କରିଥିଲେ ମଧ୍ୟ କେବଳ ମାତ୍ର ଦୁଇଟି ପୁରୁଷଙ୍କ କଙ୍କାଳ ଉଦ୍ଧାର କରିଛି। ତେଣୁ ଚିନ୍ନାୟାଙ୍କ ସୂଚନା ଓ ମନ୍ତବ୍ୟରେ ତାଳମେଳ ରହୁନାହିଁ ବୋଲି ଏସ୍‌ଆଇଟି ଜାଣିବାକୁ ପାଇଛି। ଉଲ୍ଲେଖଥାଉ କି, ଧର୍ମସ୍ଥଳ ହେଉଛି ଭଗବାନ ଶିବଙ୍କର ମଞ୍ଜୁନାଥ ମନ୍ଦିର। ଏହା ମେଙ୍ଗାଲୁରୁ ନିକଟରେ ନେତ୍ରାବତୀ ନଦୀ କୂଳରେ ଅବସ୍ଥିତ ଓ ଏହା ଏକ ପ୍ରସିଦ୍ଧ ମନ୍ଦିର ଭାବେ ଖ୍ୟାତି ଲାଭ କରିଆସିଛି। ଏହି ମନ୍ଦିରରେ ପୂଜାପାଠ ବ୍ରାହ୍ମଣ କରିଥାନ୍ତି। କିନ୍ତୁ ମନ୍ଦିରର ସଞ୍ଚାଳନ ଜୈନ ଧର୍ମର ଲୋକ କରିଥାନ୍ତି।

## ନକଲି କଲ୍‌ସେଣ୍ଟର, ୧୩୦ କୋଟିର ଠକେଇ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ବଡ଼ କର୍ଯ୍ୟାନୁଷ୍ଠାନ ଗ୍ରହଣକରି ଗୁରୁଗ୍ରାମ ଓ ଦିଲ୍ଲୀରେ ୭ଟି ଠିକଣାରେ ଚଢ଼ାଉ କରିବା ସହିତ ନକଲି ତଥା ଠକ କଲ ସେଣ୍ଟରଗୁଡିକର ପର୍ଦ୍ଦାଫାସ କରିଛି। ଏହି ସେଣ୍ଟରଗୁଡ଼ିକ ୧୩୦ କୋଟି ଟଙ୍କାର ଠକେଇ କରିଥିବା ଜଣାପଡ଼ିଛି।

ଅବୈଧ କଲସେଣ୍ଟର ଓ ଜାଲିଆତି ମାମଲାରେ ଇଡି ମନି ଲଣ୍ଡରିଂ (ପିଏମ୍‌ଏଏଲ୍‌ଏ), ୨୦୦୨ର ଆଇନ୍ ଅନୁସାରେ ୭ଟି ଭିନ୍ନ ଭିନ୍ନ ଠିକଣା ଉପରେ ଚଢ଼ାଉ କରିଥିଲା। ସିବିଆଇର ଏକ ଏଫ୍‌ଆଇଆରକୁ ଆଧାରିତ କରି ଇଡି ଏହି ବଡ଼ ଧରଣର ଚଢ଼ାଉ କରିଥିଲା। ଦିଲ୍ଲୀ ଓ ଗୁରୁଗ୍ରାମର କେତେକ ଠକ ନକଲି କଲ୍ ସେଣ୍ଟର ପରିଚାଳନା କରୁଥିଲେ। ଏମାନେ ଖାସ୍ କରି ଆମେରିକୀୟ ନାଗରିକଙ୍କୁ ଲକ୍ଷ୍ୟ କରି ଠକାମି କରୁଥିଲେ। ଏହି ଧନ୍ଦା ୨୦୨୨ ନଭେମ୍ବରରୁ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ଚାଲିଥିଲା। ଏହି ମାମଲାର ଅଭିଯୁକ୍ତ ଅର୍ଜୁନ ଗୁଲାଟୀ, ଦିବ୍ୟାଂଶ ଗୋଏଲ ଓ ଅଭିନବ କଲରା ଗୁରୁଗ୍ରାମ ଓ ନୋଏଡାରେ କଲସେଣ୍ଟର ଚଳାଇ ଆମେରିକୀୟ ନାଗରିକଙ୍କୁ ଟେକନିକାଲ ସପୋର୍ଟ ନାମରେ ଠକି ବିପୁଳ ଅର୍ଥ ଆଦାୟ କରିଥିଲେ। ଅଭିଯୁକ୍ତମାନେ ପୀଡିତଙ୍କ ବ୍ୟାଙ୍କ ଖାତାର ସୂଚନା ପାଇ ସେଥିରେ ଅନଧିକୃତ ଭାବେ ସଞ୍ଚାଳନ କରିବା ସହିତ କୋଟି କୋଟି ଟଙ୍କା ବିଦେଶୀ ଖାତାକୁ ପଠାଉଥିଲେ। ଏହାପରେ ଜଟିଳ ବ୍ୟାଙ୍କିଙ୍ଗ ନେଟ୍‌ୱର୍କ ମାଧ୍ୟମରେ ଏହି ଅର୍ଥ ଭାରତକୁ ଆଣି ବିଳାଷମୟ ଜୀବନଯାପନ କରୁଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ଏମାନେ ୧୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୩୦ କୋଟି ଟଙ୍କା ଠକି ନେଇଥିଲେ। ଏହିକ୍ରମରେ ଇଡି ୩୦ଟି ବ୍ୟାଙ୍କ ଖାତାକୁ ଅକାମୀ କରିଛି। ୮ଟି ବିଳାଷମୟ କାର୍, ଦାମୀ ଘଡି ସହ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ କରିଛି।

**ଦିଲ୍ଲୀରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ**

**୩୦ ବ୍ୟାଙ୍କ ଖାତା, ୮ ବିଳାସପୂର୍ଣ୍ଣ କାର୍ ଜବତ**

**ଟାର୍ଗେଟରେ ଥିଲେ ଆମେରିକା ନାଗରିକ**

## ସର୍ଗିଓ ଗୋର ଭାରତରେ ଆମେରିକା ରାଷ୍ଟ୍ରଦୂତ ନିଯୁକ୍ତ




ୱାଶିଂଟନ, ୨୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ଗିଓ ଗୋରଙ୍କୁ ଶୁକ୍ରବାର ଭାରତରେ ଆମେରିକାର ରାଜଦୂତ ନିଯୁକ୍ତ କରିଛନ୍ତି। ତାଙ୍କୁ ଦକ୍ଷିଣ ଓ ମଧ୍ୟ ଏସୀୟ ସଂକ୍ରାନ୍ତରେ ସ୍ୱତନ୍ତ୍ର ଦୂତ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଟ୍ରମ୍ପ ଓ ଏଲନ ମସ୍କଙ୍କ ମଧ୍ୟରେ ସର୍ଗିଓ ବିବାଦ ଆରମ୍ଭ କରାଇଥିଲେ ବୋଲି କୁହାଯାଉଛି। ମସ୍କ ରାଗିଯାଇ ସର୍ଗିଓଙ୍କୁ ଏକଦା ବିଷଧର ସାପ ବୋଲି କହିବାକୁ ପଛାଇ ନଥିଲେ। ଟ୍ରମ୍ପ ପରିବାରର ଏକାନ୍ତ ବିଶ୍ୱସ୍ତ ବୋଲି ତାଙ୍କୁ କୁହାଯାଇଥାଏ। ପୂର୍ବରୁ ସେ ଟ୍ରମ୍ପଙ୍କ କାର୍ଯ୍ୟକ୍ରମର ଦେଖାଶୁଣା କରୁଥିଲେ। ଟ୍ରମ୍ପଙ୍କୁ କିଏ ସାକ୍ଷାତ କରିବ ଓ କିଏ ନକରିବ ସେ ନିଷ୍ପତ୍ତି ସର୍ଗିଓ ନେଉଥିଲେ। ଏଥିପାଇଁ ଆମେରିକା ଗଣମାଧ୍ୟମ ତାଙ୍କୁ ଟ୍ରମ୍ପଙ୍କ 'ଗେଟ୍‌କିପର' ବୋଲି ଉଲ୍ଲେଖ କରିଥାଏ। ଏହି ନୂଆ ଦାୟିତ୍ୱ ମିଳିବା ପରେ ସେ ସାମାଜିକ ଗଣମାଧ୍ୟମ ଜରିଆରେ ଟ୍ରମ୍ପଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୭ ମାସ ପରେ ଟ୍ରମ୍ପ ଭାରତରେ ଆମେରିକାର ରାଜଦୂତ ନିଯୁକ୍ତି ଦେଇଛନ୍ତି। ୩୮ ବର୍ଷୀୟ ସର୍ଗିଓ ଏବେ ଏରିକ ଗାର୍ସେଟିଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଏରିକ୍ ୨୦୨୩ ମେରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ଆମେରିକାର ରାଜଦୂତ ରହିଥିଲେ।

## ୧୦ ଜଣ ମିଶି ଜଣକୁ ମାରିଲେ

ଅହମଦାବାଦ, ୨୩।୮ (ଏଜେନ୍ସି): ସ୍ଥାନୀୟ କାଗଡ଼ାପୀଡ ଅଞ୍ଚଳରେ ଦିନ ଦ୍ୱିପହରରେ ନିତିନ ପଟନୀ ନାମକ ଜଣେ ଯୁବକକୁ ସଙ୍ଘବଦ୍ଧ ଭାବେ ହତ୍ୟା କରାଯାଇଛି। ୧୦ ଜଣ ଲୋକ ଧାରୁଆ ଅସ୍ତ୍ରରେ ରାସ୍ତା ଉପରେ ଆକ୍ରମଣ କରି ଜଣକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଗୁରୁତର ଆହତ ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଛନ୍ତି। ଦୁଇଟି ଗ୍ୟାଙ୍ଗ ମଧ୍ୟରେ ଲଢ଼େଇ କାରଣରୁ ଏପରି ହୋଇଛି ବୋଲି କୁହାଯାଇଛି। ପୀଡିତଙ୍କ ଭାଇ ଅକ୍ଷୟ ୭ଜଣଙ୍କ ବିରୋଧରେ ଅପହରଣ ଓ ହତ୍ୟାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ବିଜୟ, ଶୈଳେଶ, ପୁନମ ପଟନୀଙ୍କୁ ଗିରଫ କରିଛି। ବାକି ଅଭିଯୁକ୍ତଙ୍କୁ ପୁଲିସ ଖୋଜା ଜାରି ରଖିଛି ଓ ୫ଟି ଟିମ୍ ଗଠନ କରିଛି। ଅଭିଯୁକ୍ତମାନେ ଖଣ୍ଡା, ପାଇପ୍, ବାଡିରେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ଓ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ଚନ୍ଦ୍ରବାବୁ ସବୁଠୁ ଧନୀ; ମମତା, ଓମାର ଗରିବ





ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ। ତାଙ୍କ ପାଖରେ ୯୩୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ରହିଛି। ଦେଶରେ ଏବେ ମୋଟ୍ ୩୦ଜଣ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୬୩୨ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହାର ଅଧାରୁ ଅଧିକ ଅର୍ଥାତ ୫୭ ପ୍ରତିଶତ କେବଳ ଚନ୍ଦ୍ରବାବୁ ନାଇଡୁଙ୍କ ପାଖରେ ରହିଛି। ତାଙ୍କ ପଛକୁ ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ପାଖରେ ୩୩୨ କୋଟି ଟଙ୍କାର ସଂପତ୍ତି ଥିବା ବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ୫୧ କୋଟି ଟଙ୍କା ସହିତ ତୃତୀୟ ସ୍ଥାନରେ ରହିଛନ୍ତି। କୋଟିପତି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ଯୋଗୀ ଆଦିତ୍ୟନାଥ (୧କୋଟି ୫୪ ଲକ୍ଷ), ମୋହନ ମାଝୀ (୧କୋଟି ୯୭ ଲକ୍ଷ), ନୀତୀଶ କୁମାର (୧କୋଟି ୬୪ ଲକ୍ଷ), ବିଷ୍ଣୁଦେଓ ସାଏ (୩କୋଟି୮୦ଲକ୍ଷ)। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେଉଛନ୍ତି ସବୁଠାରୁ ଗରିବ। ତାଙ୍କର ସବୁଠୁ କମ୍ ସମ୍ପତ୍ତି ରହିଛି। ସେ ହେଉଛନ୍ତି ମାତ୍ର ୧୫ ଲକ୍ଷ ୩୮ ହଜାର ଟଙ୍କାର ମାଲିକ। କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କର ୫୫ ଲକ୍ଷର ସଂପତ୍ତି ରହିଛି। ଆସୋସିଏଟ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ନାମକ ଏନ୍‌ଜିଓ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି।

## ଟ୍ରକ୍- ଅଟୋ ମୁହାଁମୁହିଁ ଧକ୍କା: ୯ ମୃତ

ପାଟନା, ୨୩।୮ (ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଶନିବାର ସକାଳେ ଶାହାଜାହାଁପୁରର ଦନିୟାବା- ହିଲସା ରାଜ୍ୟ ରାଜପଥ-୪ରେ ସିଗ୍ରିୟାବା ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ୍ ଓ ଏକ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣ ଲୋକ ଘଟଣା ସ୍ଥଳରେ ହିଁ ଜୀବନ ହରାଇଥିଲେ। ସେହିପରି ଦୁଇଜଣ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୮ ମହିଳା ଓ ଅଟୋ ଡ୍ରାଇଭର ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମା ଓ ଝିଅ ମଧ୍ୟ ରହିଛନ୍ତି। ସବୁ ମୃତକ ନାଳନ୍ଦାର ହିଲସ୍‌ରେ ରୁହନ୍ତି। ଆହତ ହୋଇଥିବା ଲୋକଙ୍କ ସ୍ଥିତି ଗମ୍ଭୀର ରହିଛି। ଆହତ ହୋଇଥିବା ଯାତ୍ରୀଙ୍କୁ ନାଳନ୍ଦା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏନ୍‌ଏମ୍‌ସିଏଚ୍)ରେ ଭର୍ତ୍ତି କରାଯାଇଛି। ସକାଳ ୬ଟାରେ ହିଁ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଟ୍ରକ ଅଟୋକୁ ଜୋରଦାର ଧକ୍କା ଦେଇଥିଲା। ଅଟୋରେ ବସିଥିବା ଲୋକ ଗଙ୍ଗା ସ୍ନାନ କରିବାକୁ ତ୍ରିବେଣୀ ଘାଟ ଯାଉଥିଲେ। ସିମେଣ୍ଟ ଫ୍ୟାକ୍ଟ୍ରି ପାଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଟ୍ରକ ସିମେଣ୍ଟ ଫ୍ୟାକ୍ଟ୍ରିର ହିଁ ଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଟ୍ରକ୍ ଏହି ସମେଣ୍ଟ କମ୍ପାନୀ ଭିତରକୁ ଚାଲିଯାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଲୋକ ରାସ୍ତା ରୋକ କରିଥିଲେ। ଘଟଣାସ୍ଥଳକୁ କମ୍ପାନୀ ମ୍ୟାନେଜରଙ୍କୁ ଡାକିବାକୁ ଲୋକ ଦାବି କରିଥିଲେ। ଦୁର୍ଘଟଣା ପରେ ରାସ୍ତା ସାରା ରକ୍ତର ଛିଟ୍‌କା ପଡ଼ିଥିଲା।

## ଉତ୍ତରାଖଣ୍ଡରେ ପୁଣି ବାଦଲଫଟା ବର୍ଷା; ଭାସିଗଲା ଦୋକାନ ବଜାର

ଡେରାଡୁନ୍, ୨୩।୮ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଥରାଲୀରେ ଶୁକ୍ରବାର ରାତି ୧ରୁ ୨ଟା ମଧ୍ୟରେ ବାଦଲ ଫଟା ବର୍ଷା ହୋଇଛି। ଆଖପାଖରେ ଥିବା ଦୁଇଟି ଗାଁ ସାଗୱାରା ଓ ଚୋପଡୋନରେ ବହୁତ କ୍ଷୟକ୍ଷତି ହୋଇଛି। ଥରାଲି ତହସିଲର ମୁଖ୍ୟ କାର୍ଯ୍ୟାଳୟର ନିକଟବର୍ତ୍ତୀ ଏକ କିମି ଅଞ୍ଚଳରେ ଜବରଦସ୍ତ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ କେତୋଟି ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ କ୍ଷୟକ୍ଷତି ଆହୁରି ଅଧିକ ହୋଇଛି ବୋଲି ଚାମୋଲିର ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦୀପ ତିୱାରୀ କହିଛନ୍ତି। ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ଚୋପଡନ ଗାଁରେ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ସେହିପରି ସାଗୱାରା ଗାଁରେ ଏକ ଘର ଉପରେ ଆବର୍ଜନା ମାଡିଯିବାରୁ ଜଣେ ଝିଅ ତଳେ ଦବି ରହିଛି। କିଛି ଘଣ୍ଟା ପରେ ଏହି ଝିଅର ମୃତଦେହ ଉଦ୍ଧାର କରାଯାଇଛି। ଦୁଇଟି ଗାଁରେ ପାଖାପାଖି ୭୦-୮୦ ଘରେ ୨ ଫୁଟ୍‌ର ଆବର୍ଜନା ଭରି ରହିଛି। ଥରାଲୀକୁ ସଂଯୋଗ କରୁଥିବା କର୍ଣ୍ଣପ୍ରୟାଗ- ଗୁଆଲଦମ ଜାତୀୟ ରାଜପଥରେ ଆବର୍ଜନା ଥିବାରୁ ବନ୍ଦ ରହିଛି। ଗତ ୧୮ ଦିନ ମଧ୍ୟରେ ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଦ୍ୱିତୀୟଥର ପାଇଁ ଏପରି ଘଟଣା ଘଟିଛି। ଏହାପୂର୍ବରୁ ଅଗଷ୍ଟ ୫ରେ ଧରାଲୀରେ ବାଦଲ ଫଟା ବର୍ଷା ଯୋଗୁଁ ବହୁତ କ୍ଷୟକ୍ଷତି ହୋଇଥିଲା।

**୮୦ ଘରେ ଦୁଇ ଫୁଟର ଆବର୍ଜନା ଭରିଗଲା**

**ଝାଡଖଣ୍ଡରେ ପ୍ରବଳ ବର୍ଷା: ୫ ମୃତ**

ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ହୋଇଥିଲେ। ମୌସୁମୀ ଆସିବା ପରେ ଉତ୍ତରାଖଣ୍ଡ ଓ ହିମାଚଳ ଭଳି ରାଜ୍ୟରେ ବାଦଲ ଫଟା ବର୍ଷା କାରଣରୁ ପ୍ରତିବର୍ଷ ଏହି ଭଳି ଏକାଧିକ ଘଟଣା ଘଟିଥାଏ। ସେପଟେ ସାରା ଦେଶରେ ୧୯ଟି ରାଜ୍ୟରେ ପ୍ରବଳ ବର୍ଷା



ହେବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। ହିମାଚଳରେ ପ୍ରଦେଶରେ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ଆଶଙ୍କା କରାଯାଉଛି। ବର୍ଷା ଓ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ-୩୦୫ ସମେତ ମୋଟ୍ ୩୪୭ଟି ସଡ଼କ ବନ୍ଦ ରହିଛି। ଜୁନ୍ ୨୦ରୁ ମୌସୁମୀ ଆସିବା ପରଠାରୁ ହିମାଚଳରେ ଏପର୍ଯ୍ୟନ୍ତ ୨୯୫ ଜଣଙ୍କ ମୃତ୍ୟୁବରଣ କରିଛନ୍ତି।

ଝାଡଖଣ୍ଡରେ ଶନିବାର ସକାଳେ ପ୍ରବଳ ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ହୋଇଛନ୍ତି। ସରେଇକଳା ଓ ଖରସୁଆଁ ଜିଲ୍ଲାରେ ଘର କାନ୍ଥ ଭୁଶିଡିବା କାରଣରୁ ଜଣେ ମହିଳା ଓ ତାଙ୍କର ୭ ବର୍ଷର ପୁଅ ଜୀବନ ହରାଇଛନ୍ତି। ମା ଓ ପୁଅଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଅବସରରେ ଦୁହେଁ ପ୍ରାଣ ହରାଇଛନ୍ତି। ସେହିପରି ରାଜନଗର ବ୍ଲକର ଦଣ୍ଡୁ ଗାଁରେ ୮ ଜଣ ଲୋକ ଆହତ ହୋଇଛନ୍ତି।

## ଜେଲ୍ ଗଲେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

### ଆୟଠାରୁ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତି

କଟକ, ୨୩।୮ (ସମିସ): କଟକ ସିଟି ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ଭିଜିଲାନ୍ସ ତାଙ୍କ ଘର, ଅଫିସ୍ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଆୟ ତୁଳନାରେ ଶ୍ରୀ ସାହାଣୀ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତିର ଅଧିକାରୀ ବୋଲି ଭିଜିଲାନ୍ସ କହିଛି। ସରକାରୀ ଅର୍ଥ ତୋଷରପାତ ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୁର୍ନୀତି ନିବାରଣ ସଂଶୋଧିତ ଆଇନ-୨୦୧୮ର ଧାରା ୧୩(୨)/୧୩(୧)ରେ ଭିଜିଲାନ୍ସ ଶ୍ରୀ ସାହାଣୀଙ୍କ ସମେତ ତାଙ୍କ ପତ୍ନୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଦିନ ତାଙ୍କର ଅଫିସ, ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ସାହାଣୀଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଶ୍ରୀ ସାହାଣୀ ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ୍ ପ୍ଲଟ୍, ୩ ମହଲା ବିଶିଷ୍ଟ କୋଠା, ନଗଦ ୩ଲକ୍ଷ ୩୦ହଜାର ୮୦୦ଟଙ୍କା, ୧୩୫ ଗ୍ରାମ୍ ଓଜନର ସୁନା ଗହଣା ସହ ଗୋଟିଏ କାର୍ ଓ ୩ଟି ବାଇକ ମିଳିଥିଲା ।

## ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ

ବାରିପଦା, ୨୩।୮ (ସମିସ): ବନବିଭାଗ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧୀନ ଦୁମାସାହି ଜଳଡିହା ଗ୍ରାମରେ ଏହି ଘଟଣା ଘଟିଛି। ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ୍ ହୋଇ ବନ ବିଭାଗର ବଲେରୋକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଅଭିଯୁକ୍ତକୁ ଖସାଇ ନେଇଛନ୍ତି। ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମହିଳା ବନରକ୍ଷୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳାଜଣଙ୍କ ହେଲେ, ଶ୍ୟାମସୁନ୍ଦର ବିଟ୍ ହାଉସର ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ। ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲେ ହେଁ ଆଜି ପଦାକୁ ଆସିଛି। ଏନେଇ ପୁଲିସ୍ ନମ୍ବର ୨୩୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିନ୍ତୁ ଏଯାଏ ଫେରାର୍ ଶିକାରୀକୁ ଗିରଫ କରିପାରିନାହିଁ।

■ ଆକ୍ରମଣରେ ମହିଳା ବନରକ୍ଷୀ ଗୁରୁତର
■ ଭାଙ୍ଗିଦେଲେ ବନ ବିଭାଗ ଗାଡ଼ି

ସୂଚନାନୁଯାୟୀ, ଗତବର୍ଷ ନଭେମ୍ବର ୧୧ରେ ଏକ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଦୁମାସାହି ଗ୍ରାମର କିଛି ଶିକାରୀ ଜଡ଼ିତ ଥିଲେ। ବନବିଭାଗ ପକ୍ଷରୁ ସେତେବେଳେ ମାମଲା ରୁଜୁ ହୋଇଥିଲା। ଘଟଣାରେ ଜଡ଼ିତ ଥିବା ଶିକାରୀ ସହ ୬ ଅଭିଯୁକ୍ତଙ୍କୁ ଧରିବା ପାଇଁ ବାରିପଦା ବନଖଣ୍ଡର ଅତିରିକ୍ତ ବନସଂରକ୍ଷକ ମେହେରବାନ ଅଲ୍ଲୀଙ୍କ ନେତୃତ୍ୱରେ ଗଠିତ ୨୦ଜଣିଆ ଟିମ୍ ଗତ ୧୫ତାରିଖ ବିଳମ୍ବିତ ରାତିରେ ଗାଁରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଭାଗୀରଥି ମାରାଣ୍ଡି ଓ ଟୋପା ସୋରେନଙ୍କୁ ସେମାନେ ଧରି ଆଣୁଥିବା ବେଳେ ଗ୍ରାମର ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ ହୋଇ ବିରୋଧ କରିଥିଲେ। ଅଭିଯୁକ୍ତମାନଙ୍କୁ ଛାଡ଼ିଦେବା ପାଇଁ ଗାଁ ଲୋକେ କହିବାରୁ ବନ କର୍ମଚାରୀଙ୍କ ସହ ସେମାନଙ୍କର କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ବନକର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ଟୋପା ସୋରେନକୁ ଖସାଇ ନେଇଥିଲେ। ଏହାସହ ବନବିଭାଗର ବଲେରୋ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏଥିରେ ଶ୍ୟାମସୁନ୍ଦର ବିଟ୍ ହାଉସର ମହିଳା ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ ଗୁରୁତର ଆହତ ହୋଇଥିଲେ। ଘଟଣାର ପରଦିନ ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ମହେଶ୍ୱର ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

## ଦୁଇ ଅଭିଯୁକ୍ତଙ୍କ ଜାମିନ ଖାରଜ

କଟକ, ୨୩।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି ଅଦାଲତ। ଅଭିଯୁକ୍ତ ଜୟନ୍ତ କୁମାର ରାଉତ ଓ ବିଜୟ କୁମାର ମିଶ୍ରଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତ। ଉଭୟଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ଦୁଇଜଣଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲା। ଏବେ ଏହି କେଳେଙ୍କାରୀ ଘଟଣାରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତି ଓ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ସପ୍ତାହରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

## ବୋଟ୍‌ରୁ ମାଛ କାଢୁକାଢୁ ଚାଲିଗଲା ୨ ଜୀବନ

ବାଲେଶ୍ୱର, ୨୩।୮ (ସମିସ): ବୋଟ ମଧ୍ୟରେ ବରଫରେ ଥିବା ମାଛକୁ କାଢୁଥିବା ବେଳେ ଦୁଇଜଣ ମତ୍ସ୍ୟଜୀବୀଙ୍କ ଆଜି ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏଭଳି ଅଘଟଣ ଘଟିଛି, ବାଲେଶ୍ୱର ଜିଲ୍ଲା ବଳରାମଗଡି ମେରାଇନ ଥାନା ଅର୍ନ୍ତଗତ ବଳରାମଗଡିରେ। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ମଧୁସୂଦନ ମଳିକ ଏବଂ ସନ୍ତୋଷ ମଳିକ। ୮/୧୦ ଦିନ ତଳେ ବଳରାମଗଡ଼ିରୁ ନାଗେଶ୍ୱରୀ ବୋଟ୍ ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲା। ଶନିବାର ଉକ୍ତ ବୋଟ୍ଟି କୂଳକୁ ଫେରିଥିଲା। ସମୁଦ୍ରରୁ ଯାହା ମାଛ ମରାଯାଇଥିଲା, ତାହା ବୋଟ ମଧ୍ୟରେ ବରଫ ଦେଇ ରଖାଯାଇଥିଲା। କୂଳକୁ ଫେରିବା ପରେ ମଧୁସୂଦନ ଏବଂ ସନ୍ତୋଷ ବରଫ ମଧ୍ୟରୁ ମାଛ କାଢୁଥିଲେ। ଏହି ସମୟରେ ଉଭୟ ଶ୍ୱାସରୁଦ୍ଧ ହୋଇ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବଳରାମଗଡ଼ି ଥାନାଧିକାରୀ ନରେନ୍ଦ୍ର ପାଳ କହିଛନ୍ତି ଯେ ମାଛ ଗ୍ୟାସ୍‌ରେ ସେମାନଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

### ୧୩ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

# ସମାଧାନ ପରିବର୍ତ୍ତେ ବିଜେଡି ଉପରେ ଦୋଷ ଲଦିଲେ ରାଜସ୍ୱ ମନ୍ତ୍ରୀ

■ ସୋମବାର କାର୍ଯ୍ୟରେ ଯୋଗ ନଦେଲେ ବଡ଼ ଅସ୍ତ୍ର ପ୍ରୟୋଗ ଚେତାବନୀ
■ ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ଅଚଳାବସ୍ଥା: ବିଜେଡି
■ ମନ୍ତ୍ରୀଙ୍କ ବୟାନ ଦୁର୍ଭାଗ୍ୟପୂର୍ଣ୍ଣ ଓ ନିନ୍ଦନୀୟ
■ ସରକାରଙ୍କ ଚେତାବନୀରେ ଡରିଯିବୁ ନାହିଁ: ସଂଘ

ଭୁବନେଶ୍ୱର, ୨୩।୮ (ସମିସ): ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଶନିବାର ୧୩ ଦିନରେ ପହଞ୍ଚିଛି। ଏଥିଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଲୋକମାନେ ରାଜସ୍ୱ କାର୍ଯ୍ୟ ପାଇଁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ସରକାର ଆନ୍ଦୋଳନରତ କର୍ମଚାରୀଙ୍କ ସହ ଏଯାଏ ଆଲୋଚନା କରୁନାହାନ୍ତି। ସଂଘର କର୍ମକର୍ତ୍ତାଙ୍କୁ ଡାକି ଆନ୍ଦୋଳନ ଏବଂ ଅସନ୍ତୋଷକୁ ପ୍ରଶମିତ କରିବା ପରିବର୍ତ୍ତେ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆନ୍ଦୋଳନ ପାଇଁ ବିଜେଡିକୁ ଦାୟୀ କରିଛନ୍ତି। ଖାଲି ସେତିକି ନୁହେଁ, ସଂଘକୁ ଚେତାବନୀ ବି ଦେଇଛନ୍ତି। ସୋମବାର ସୁଦ୍ଧା ଆନ୍ଦୋଳନରୁ ନ ଓହରିଲେ ସରକାରଙ୍କ ପାଖରେ ଥିବା ବହୁ ବଡ଼ବଡ଼ ଅସ୍ତ୍ର ସେମାନେ ଦେଖିବେ ବୋଲି କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଏହି ବୟାନକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଜେଡି ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛି। ରାଜସ୍ୱ ଅମଲା ସଂଘ ମଧ୍ୟ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛି। ସଂଘ କହିଛି, ଆମେ ସରକାରୀ କର୍ମଚାରୀ। କୌଣସି ରାଜନୈତିକ ଦଳର ନେତା, କର୍ମୀ ନୋହୁଁ। ସରକାରଙ୍କ ଚେତାବନୀରେ ସଂଘ ଡରିଯିବ ନାହିଁ। ତେଣୁ, ସରକାର ଆମକୁ ଡାକି ଆଲୋଚନା କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ବର୍ତ୍ତମାନ ମଧ୍ୟ ରାଜ୍ୟରେ ବିଜେଡି ସରକାର ଚାଲୁଛି ବୋଲି କିଛି ଲୋକ ଭାବୁଛନ୍ତି। ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ମୋ ପାଖରେ ଅଛି। ଏଯାବତ୍ କ୍ଷମତାରୁ ବାହାରି ଯାଇଥିବା ନେଇ ସେମାନଙ୍କର ହଜମ ହେଉନାହିଁ। ମୁଁ ପୂରା ବିଜେଡିକୁ କାଠଗଡ଼ାରେ ଠିଆ କରିବାକୁ ଚାହୁଁନାହିଁ। ମାତ୍ର ଯେଉଁମାନେ ବିଜେଡି ସରକାର ସମୟରେ ସମ୍ପୂର୍ଣ୍ଣ କ୍ଷମତା ଉପଭୋଗ କରୁଥିଲେ, ସେମାନଙ୍କର ଏହା ହଜମ ହେଉନାହିଁ। କେମିତି ସରକାର ପଳେଇବ, ତାଙ୍କ ସରକାର ପୁଣି ଆସିବ ଏବଂ ସେମାନେ ପୁନଃ କ୍ଷମତା ଉପଭୋଗ କରିବେ, ତାହା ସେମାନଙ୍କର ଲକ୍ଷ୍ୟ। ୮ ହଜାର ଅମଲାଙ୍କୁ ଆନ୍ଦୋଳନ କରାଇ ସେମାନେ କ'ଣ ସରକାରଙ୍କୁ ଅପଦସ୍ଥ କରାଇଦେବେ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ମୋର ମନେ ହେଉଥିଲା ଯେଉଁମାନେ ଅମଲା ସଂଘର ଦାୟିତ୍ୱରେ ଅଛନ୍ତି, ସେମାନେ ସଂଘର ବିକାଶ ଏବଂ ସମସ୍ୟାର ସମାଧାନ ଚାହୁଁଛନ୍ତି। ମାତ୍ର ପରେ ହୃଦ୍‌ବୋଧ ହେଲା ଯେ ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ସେମାନେ କେବଳ ଦାୟିତ୍ୱରେ ଅଛନ୍ତି। ସମସ୍ୟାର ସମାଧାନ କରିବା ସେମାନଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ। ମୋ ପାଖରେ ଏନେଇ ବିଭିନ୍ନ ମହଲରୁ ତଥ୍ୟ ହସ୍ତଗତ ହୋଇଛି। ଅମଲାମାନଙ୍କୁ ଢାଲ କରି ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ସେମାନଙ୍କର ଲକ୍ଷ୍ୟ ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଅମଲା ସଂଘର ସମସ୍ତ ସଦସ୍ୟ, ସଦସ୍ୟା ରାଜସ୍ୱ ପରିବାରର। ପରିବାରର ମୁରବୀ ଭାବେ ସେମାନଙ୍କ ଯୁକ୍ତି, ଦାବି ଶୁଣିବା ମୋ ଦାୟିତ୍ୱ। ସେମାନେ ଆମ ପରିବାରର ଲୋକ ବୋଲି ଆମେ ଅସ୍ତ୍ର ବ୍ୟବହାର କରୁନାହୁଁ। ଯଦି ଆମେ ଭାବିବୁ ଯେ ଏମାନେ ସୁଧୁରିବେ ନାହିଁ, ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ମଙ୍ଗଳ ଚାହିଁବେ ନାହିଁ, ଅନ୍ୟ ଦଳ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କୁ ଅପଦସ୍ଥ କରିବାକୁ ଚାହିଁବେ, ତାହେଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ସେହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ। ତେଣୁ ସମସ୍ତେ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀ ନିବେଦନ କରିଛନ୍ତି।

ଅପରପକ୍ଷେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏ ନେଇ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ସମସ୍ୟାର ସମାଧାନ ହୋଇପାରୁନାହିଁ। ମାତ୍ର ନିଜ ଦୋଷକୁ ଲୁଚାଇବାକୁ ଯାଇ ସେ ବିଜେଡି ଆଡ଼କୁ ଇଙ୍ଗିତ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ସେ ମତପ୍ରକାଶ କରିଛନ୍ତି।

### ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ଦୀକ୍ଷାନ୍ତ ସମାରୋହ

## ଅଗ୍ନିଶମ ବାହିନୀରେ ସାମିଲ ହେଲେ ୯୧୧ ଅଗ୍ନିଯୋଦ୍ଧା



■ ଡିସେମ୍ବର ସୁଦ୍ଧା ୩୦୦ ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ
■ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓଡ଼ିଶା ଅଗ୍ନିଶମ ବିଭାଗ

ଭୁବନେଶ୍ୱର, ୨୩।୮ (ସମିସ): ସାରା ଦେଶରେ ଓଡ଼ିଶା ଅଗ୍ନିଶମ ବିଭାଗ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ନିଜକୁ ସ୍ଥାନିତ କରିଛି। ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଏହାର ଅଗ୍ନିଯୋଦ୍ଧାମାନେ ଦେଶରେ ସର୍ବଶ୍ରେଷ୍ଠ। ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬୧ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ସମାରୋହରେ ସମୁଦାୟ ୯୧୧ ଅଗ୍ନିଯୋଦ୍ଧା ପାସିଂଆଉଟ୍ ପରେଡ୍‌ରେ ଯୋଗଦେଇ ଆଜିଠାରୁ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ବର୍ଷକ ମଧ୍ୟରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି। ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ୩୪୬ଟି ଦମକଳ କେନ୍ଦ୍ର ପାଖାପାଖି ୫୦ ହଜାର କଲ୍ ଆଟେଣ୍ଡ କରିଛନ୍ତି। ୬୫୯୯ ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି, ୧୭ ହଜାର ପ୍ରାଣୀଙ୍କୁ ଉଦ୍ଧାର କରିଛନ୍ତି। ଏ ସମସ୍ତ କାମ ସରକାରଙ୍କ ପାଇଁ ସୁନାମ ଆଣିଛି। ବର୍ତ୍ତମାନର ପରିବର୍ତ୍ତନଶୀଳ ପରିବେଶକୁ ନେଇ ଆମକୁ ଆହୁରି ସୁଦୃଢ଼ ହେବାକୁ ପଡ଼ିବ। ନୂଆନୂଆ ଜ୍ଞାନ କୌଶଳ ପ୍ରୟୋଗ ବିଷୟରେ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ସେ ନବନିଯୁକ୍ତ ଅଗ୍ନିଯୋଦ୍ଧାମାନଙ୍କୁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

■ ନ୍ୟାୟ ନ ମିଳିବାରୁ ଚରମ ନିଷ୍ପତ୍ତି

## ଏସ୍‌ପି ଅଫିସ୍ ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ଢେଙ୍କାନାଳ, ୨୩।୮ (ସମିସ): ସଦର ଥାନା ଅନ୍ତର୍ଗତ ଅଙ୍କରାନ୍ତିପୁରର ଜଣେ ମହିଳା ଶନିବାର ଅପରାହ୍ଣରେ ଢେଙ୍କାନାଳ ଏସ୍‌ପି ଅଫିସ୍ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଥାନାରୁ ନ୍ୟାୟ ନ ମିଳିବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି। ମହିଳାଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳିବାକୁ ଉଦ୍ୟମ କରୁଥିବା ବେଳେ ପାଖରେ ଥିବା ପୁଲିସ କର୍ମଚାରୀମାନେ ତାଙ୍କ ହାତରୁ ପେଟ୍ରୋଲ ବୋତଲ ଛଡ଼ାଇନେବା ସହ ମହିଳାଙ୍କୁ ରକ୍ଷା କରିଛନ୍ତି। ଫଳରେ ଏକ ବଡ଼ ଅଘଟଣ ଟଳି ଯାଇଛି। ଏସ୍‌ପି ଅଭିନବ ସୋନକର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାର ୪ ଘଣ୍ଟା ଭିତରେ ୨ଜଣ ସବ୍-ଇନ୍ସପେକ୍ଟର୍‌ଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ, ଟାଉନ ଥାନାର ସବ୍‌ଇନ୍ସପେକ୍ଟର (ଡିସିଓ) ଉତ୍କଳ ବିଜୟ ମହାନ୍ତି ଏବଂ ସଦର ଥାନା ସବ୍ ଇନ୍ସପେକ୍ଟର୍ (ଡିସିଓ) ରୋଜାଲିନ ମିଞ୍ଜ୍। ମହିଳାଙ୍କ ଅଭିଯୋଗ ନରଖିଥିବାରୁ ଏସ୍.ପି ଅଭିନବ ସୋନକର ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

**୨ ସବ୍-ଇନ୍ସପେକ୍ଟର୍ ନିଲମ୍ବିତ**

ସୂଚନାନୁଯାୟୀ, ଅଙ୍କରାନ୍ତିପୁର ଗ୍ରାମର ଅମରନାଥ ଜେନା ଅନୁଗୋଳ ଜିଲ୍ଲାର ଲିଜା ସେଠୀ (୨୮)ଙ୍କୁ କୋର୍ଟରେ ବିବାହ କରିଥିଲେ। ବାହାଘର ପରେ ଲିଜାଙ୍କୁ ତାଙ୍କ ଦିଅର ସୁବାସ ନାଥ ଓ ଶାଶୂ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ସେ ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ପୁଲିସ ତାଙ୍କୁ ନ୍ୟାୟ ଦେବା ତ ଦୂର କଥା, ଅଭିଯୋଗ ମଧ୍ୟ ଗ୍ରହଣ କରି ନ ଥିଲା। ଏଥିରେ ଅତିଷ୍ଠ ହୋଇ ସେ ଆତ୍ମାହୁତି ଉଦ୍ୟମ କରିଥିବା କହିଛନ୍ତି। ଅନ୍ୟପଟେ ଏସ୍‌ପି ସୋନକର ଘଟଣାକୁ ଗୁରୁତ୍ୱର ସହ ନେଇ ଲିଜାଙ୍କ ଅଭିଯୋଗର ତଦନ୍ତ କରିବାକୁ ସଦର ଏସ୍‌ଡିପିଓଙ୍କୁ ଦାୟିତ୍ୱ ଦେଇଛନ୍ତି। ପରେ ଲିଜାଙ୍କୁ ପୁଲିସ ବୁଝାସୁଝା କରି ଘରକୁ ପଠାଇଦେଇଛି।

## ପାହାଡ଼ ଖୋଲରେ ବୁଡ଼ିଗଲେ ଦୁଇ ଯୁବକ

### ଜଣେ ମୃତ; ଯୁବ ଇଞ୍ଜିନିୟର ନିଖୋଜ

**ସୁକିନ୍ଦା, ୨୩।୮ (ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଞ୍ଚଳରେ ଥିବା ଏକ ପାହାଡ଼ ଖୋଲରେ ଗାଧୋଇବା ବେଳେ ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ହୋଇଯାଇଛନ୍ତି। ସୁକିନ୍ଦା ବ୍ଲକ୍ ବନ୍ଧଗାଁ ପଞ୍ଚାୟତ ଅଧୀନ ରାଙ୍କିଆ ଗ୍ରାମ ନିକଟ ମାଗାଗିରି ପାହାଡ଼ ନିକଟରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଲେମ୍ବୋ ପଞ୍ଚାୟତ ଅଧୀନ କାଞ୍ଜିଆପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ଶମ୍ଭୁ ପ୍ରଧାନ(୨୨)। ନିଖୋଜ ଯୁବକ ହେଲେ, କୋଇଲ ଗ୍ରାମ ମନମୋହନ ମହାନ୍ତଙ୍କ ପୁଅ ଇଂ.ମାନସ ମହାନ୍ତ(୨୩)।

ଶନିବାର ପୂର୍ବାହ୍ନରେ ଶମ୍ଭୁ, ମାନସ ଓ ଅନ୍ୟ ଜଣେ ସାଙ୍ଗ ରାଙ୍କିଆ ପାହାଡ଼ ନିକଟକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ଼ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ବେଳେ ଦୁହେଁ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁତୁରୁ ନାମକ ନାବାଳକ ଫୋନ୍ କରି ଗାଁଲୋକଙ୍କୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ ସୁକିନ୍ଦା ଓ ଭୁବନ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ



ଦୀର୍ଘ ୬ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିଲେ। ମାନସ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଡୁଡୁମାରେ ଭାସିଗଲେ ୟୁ-ଟ୍ୟୁବର୍

ଲମତାପୁଟ,୨୩।୮ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍‌ରେ ଥିବା ଡୁଡୁମା ଜଳପ୍ରପାତରେ ଭାସି ଜଣେ ୟୁଟ୍ୟୁବର୍ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ବ୍ରହ୍ମପୁରର ସାଗର ଟୁଡୁ। ସୂଚନାନୁଯାୟୀ, ସାଗର ଓ କଟକର ଅଭିଜିତ ବେହେରା ଡୁଡୁମା ଜଳପ୍ରପାତ ଭିତରକୁ ଯାଇ ଡ୍ରୋନ୍ ସାହାଯ୍ୟରେ ଭିଡିଓ ସୁଟିଂ କରୁଥିଲେ। ଏହି ସମୟରେ ମାଛକୁଣ୍ଡ ଡି-ଡ୍ୟାମର ଗେଟ୍ ଖୋଲିଥିଲା। ଫଳରେ ହଠାତ୍ ଜଳସ୍ତର ବଢ଼ିଯାଇଥିଲା। ପର୍ଯ୍ୟଟକ ପାଣି ମାଡ଼ି ଆସୁଥିବା ଦେଖି ପାଟି କରିବାରୁ ଅଭିଜତ ଜଳପ୍ରପାତ ମଧ୍ୟରୁ ବାହାରି ଆସିଥିଲେ। କିନ୍ତୁ ସାଗର ସ୍ରୋତରେ ଭାସିଯାଇ ଜଳପ୍ରପାତ ଉପରୁ ପ୍ରାୟ ୫-୫୦ ଫୁଟ୍ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ମାଛକୁଣ୍ଡ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଲମତାପୁଟ ଦମକଳବାହିନୀ ମଧ୍ୟ ପହଞ୍ଚିଥିବା ସୂଚନା ମିଳିଛି।

## ଶ୍ରୀମନ୍ଦିର ପରିସରରେ ହେବ ସ୍ତନ୍ୟପାନ ଗୃହ

ପୁରୀ, ୨୩।୮ (ସମିସ): ଛୋଟ ଶିଶୁଙ୍କୁ ନେଇ ଶ୍ରୀମନ୍ଦିରକୁ ଆସୁଥିବା ମା'ମାନେ କେଉଁ ଜାଗାରେ ପିଲାକୁ ସ୍ତନ୍ୟପାନ କରାଇବେ, ସେ ନେଇ ଚିନ୍ତାରେ ପଡୁଥିଲେ। ଲୋକଙ୍କ ଗହଳି ଭିତରେ ସେମାନେ ଅସହଜ ମନେ କରୁଥିଲେ। ଏଣିକି ମା'ମାନଙ୍କର ଏହି ଚିନ୍ତା ଦୂର ହେବ। ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା କରିଛି ମନ୍ଦିର ପ୍ରଶାସନ। ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ। ଏହି ଗୃହ ସକାଶେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ। ଦୀର୍ଘ ଦିନ ଧରି ଏ ନେଇ ଦାବି ହୋଇ ଆସୁଥିବା ବେଳେ ଭକ୍ତ ଶ୍ରଦ୍ଧାଳୁ ତଥା ବିଶେଷକରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଅନ୍ୟପକ୍ଷରେ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

■ ଗୃହରେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ରହିବେ
■ ଗୃହରେ ଗୋପନୀୟତା, ପରିମଳ ଉପରେ ଦୃଷ୍ଟି ଦିଆଯିବ

# ସୋୟାବିନ୍: ବ୍ୟବହାର ବଢୁଛି; ଉତ୍ପାଦନ ନାହିଁ

ଭୁବନେଶ୍ୱର, ୨୩।୮ (ସମିସ): ରାଜ୍ୟରେ ସୋୟାବିନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷକରି ନିରାମିଷାସୀମାନେ ଖାଦ୍ୟରେ ପୁଷ୍ଟିସାର (ପ୍ରୋଟିନ୍) ପରିମାଣ ପୂରଣ କରିବା ପାଇଁ ସୋୟାବିନ୍‌କୁ ବ୍ୟବହାର କରୁଛନ୍ତି। ତେଣୁ ସୋୟାବିନ୍ ଚାଷ ପାଇଁ ଚାଷୀଙ୍କ ଭିତରେ ଆଗ୍ରହ ବଢୁଛି। ମାତ୍ର ଆବଶ୍ୟକ ସରକାରୀ ପ୍ରୋତ୍ସାହନ ଓ ସଚେତନତା ନଥିବା ଯୋଗୁଁ ଆଗ୍ରହ ଥିବା ସତ୍ତ୍ୱେ ଚାଷୀମାନେ ଚାଷ କରିପାରୁନାହାନ୍ତି। ତେଣୁ, ରାଜ୍ୟର ଖାଉଟିମାନେ ସଂପୂର୍ଣ୍ଣ ଭାବେ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ଆମଦାନୀ କରିବାକୁ ପଡୁଥିବା ବ୍ୟବସାୟୀମାନେ କହିଛନ୍ତି। କିନ୍ତୁ, ସରକାର ଏହା ଉପରେ ଦୃଷ୍ଟି ଦେଲେ, ଓଡ଼ିଶା ଜଳବାୟୁରେ ସୋୟାବିନ୍ ଚାଷ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

ଭାରତର ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଓ ରାଜସ୍ଥାନରେ ଅଧିକ ସୋୟାବିନ ଚାଷ ହୋଇଥାଏ। ୨୦୧୧ରୁ ଓଡ଼ିଶାରେ ସୋୟବିନ ଚାଷ ପାଇଁ ସରକାରୀସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଚାଷ ଆରମ୍ଭ ହେଉ ହେଉ ବନ୍ଦ ହୋଇଗଲା। ନଚେତ ଅନ୍ୟ ରାଜ୍ୟରୁ ପ୍ରାୟ ୪୦ରୁ ୫୦କିସମର ବିହନ ଆଣି ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ କେବଳ ଏମ୍ଏସ୍ -୧୪୬୦, ଆର୍ଏସ୍‌ସି ୧୦-୪୬, ଆର୍ଏସ୍‌ସି ୧୧- ୦୭, ଜେଏସ୍ ୨୦-୧୧୬, ଏନ୍‌ଆର୍‌ସି -୧୨୮ କିସମ ସୋୟାବିନ ବିହନ ଓଡ଼ିଶା ମାଟିରେ ଚାଷ ପାଇଁ ଉପଯୋଗୀ ବୋଲି ପରୀକ୍ଷାରୁ ଜଣାପଡ଼ିଥିଲା। ୨୦୧୧ ମସିହା ପରେ ସରକାରୀ ଭାବେ ସୋୟାବିନ ଚାଷ ଓଡ଼ିଶାରେ ହେଉ ନଥିବା ଯୋଗୁ ଅଧିକ ଗବେଷଣା ପାଇଁ ସୁଯୋଗ ମିଳିପାରୁନାହିଁ। ରାଜ୍ୟ ବାହାରରୁ ସୋୟାବିନ ଆମଦାନୀ ହେଉଥିଲେ ମଧ୍ୟ ସରକାରୀସ୍ତରରେ ଏନେଇ କୌଣସି ଉଦ୍ୟମ ହେଉନାହିଁ। ସୋୟାବିନରେ ପ୍ରାୟ ୨୦ ପ୍ରତିଶତ ତୈଳ ଅଂଶ ଥିବା ବେଳେ ୪୦ ପ୍ରତିଶତ ପ୍ରୋଟିନ୍ ଅଂଶ ରହିଛି। ଲୋକଙ୍କ ମଧ୍ୟରେ ସୋୟାବିନ ବଡି, ସୋୟାବିନ ତେଲ ଓ ସୋୟାବିନ ପନିରର ଆଦର ବୃଦ୍ଧି ପାଉଛି। ଓଡ଼ିଶାର ଏକ ଗବେଷଣା ଟିମ୍ ଛତିଶଗଡ଼ ଓ ମଧ୍ୟପ୍ରଦେଶ ଗସ୍ତରେ ଯାଇ ଅନୁଧ୍ୟାନ କରି ଆସିଥିଲେ। କିନ୍ତୁ ଏହାପରେ ମଧ୍ୟ ସରକାରୀସ୍ତରରେ କୌଣସି ଉଦ୍ୟମ ହେଉନଥିବା ଚାଷୀ ଅଭିଯୋଗ କରିଛନ୍ତି। ସୋୟାବିନ ଚାଷ ହେଉ ନଥିବା ଯୋଗୁଁ ଏହାର ଗବେଷଣା ମଧ୍ୟ ଆଣ୍ଠେଇବାରେ ଲାଗିଛି। ସୋୟାବିନ୍ ଚାଷ ପାଇଁ ନାତିଶୀତୋଷ୍ଣ ଜଳବାୟୁ ଉପଯୋଗୀ।



### ଚାଷୀଙ୍କ ଆଗ୍ରହ ଅଛି; ସହଯୋଗ ମିଳୁନି

ଏ ସଂପର୍କରେ କୃଷି ଗବେଷକ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ସୋୟାବିନ ଚାଷରୁ ସୋୟା ବଡି, ସୋୟା କ୍ଷୀର, ସୋୟା ପନିର୍ ଭଳି ଜିନିଷ ଉତ୍ପାଦନ ହୋଇପାରିବ। ଏହା ଏକ ତୈଳବୀଜ ଫସଲ ଏବଂ ଏହା ଦେଶର ଅନେକ ରାଜ୍ୟରେ ଚାଷ କରାଯାଉଛି। ଭାରତ ପ୍ରତିବର୍ଷ ପ୍ରାୟ ୧୨ନିୟୁତ ଟନ୍ ସୋୟାବିନ୍ ଉତ୍ପାଦନ କରୁଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଝାଡ଼ଖଣ୍ଡ ରାଜ୍ୟରେ ବହୁ ପରିମାଣରେ ଚାଷ କରାଯାଉଛି। ସୋୟାବିନ୍ ବିହନ ଜୁନ୍ ମାସରୁ ବୁଣାଯାଏ। ବମ୍ପର୍ ଅମଳ ପାଇଁ କୃଷକମାନଙ୍କ ପାଇଁ ଏହାର ଉନ୍ନତ କିସମ ଏବଂ ବିହନ ବୁଣିବାର ସଠିକ୍ ପଦ୍ଧତି ବିଷୟରେ ଜ୍ଞାନ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବଜାରରେ ସୋୟାବିନ୍ ତେଲର ବହୁତ ଚାହିଦା ଅଛି। ଯେଉଁଥିପାଇଁ ଚାଷୀ ଏହି ଚାଷ କଲେ ଲାଭବାନ ହେବ। ଓଡ଼ିଶା ଚାଷୀମାନେ ଅନ୍ୟ ତୈଳବୀଜ ଫସଲ ଭଳି ସୋୟାବିନ୍ ଚାଷ ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

## ସପ୍ଲିମେଣ୍ଟାରୀ ପରୀକ୍ଷା ଖାତା ପୁନଃ ଯାଞ୍ଚ ଆବେଦନ ୨୫ରୁ

କଟକ, ୨୩।୮ (ସମିସ): ୨୦୨୫ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ ବିଷୟରେ ମାର୍କ ଯାଞ୍ଚ ଓ ପରୀକ୍ଷା ଖାତାର ସ୍କାନ କପି ପାଇବା ପାଇଁ ଅଫଲାଇନରେ ଆବେଦନ ଗ୍ରହଣ କରାଯିବ। ଆସନ୍ତା ୨୫ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରିବାକୁ କୁହାଯାଇଛି। ଆବେଦନ କରିବା ପାଇଁ ଦରଖାସ୍ତ ଫର୍ମାଟ୍ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଏହାର ସଫ୍ଟକପି ଡାଉନଲୋଡ୍ କରି ନିର୍ଦ୍ଧାରିତ ଦେୟ ସହ ଆବେଦନ କରିପାରିବେ। ବୋର୍ଡ କର୍ତ୍ତୃପକ୍ଷ ଯାଞ୍ଚ ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ ମାର୍କ ପ୍ରଦାନ କରିବେ ଏବଂ ଆବେଦନକାରୀମାନେ ବୋର୍ଡର ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ। ଏ ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ। ସେହିଭଳି ଖାତାର ଅବିକଳ ନକଲ, ଆବେଦନକାରୀମାନଙ୍କୁ ଡାକ ମାଧ୍ୟମରେ ପ୍ରେରଣ କରାଯିବ।

### କେବେ ଦୂର ହେବ ପାଣି ନିଷ୍କାସନ ସମସ୍ୟା

# ସାମାନ୍ୟ ବର୍ଷାରେ ଉବୁଟୁବୁ ହେଉଛି ପଟ୍ଟାମୁଣ୍ଡାଇ ସହର

ପଟ୍ଟାମୁଣ୍ଡାଇ,୨୩।୮ (ସମିସ)



କେବେ ଦୂର ହେବ ପଟ୍ଟାମୁଣ୍ଡାଇ ସହରର ପାଣି ନିଷ୍କାସନ ସମସ୍ୟା। ସାମାନ୍ୟ ବର୍ଷାରେ ସହର ଉବୁଟୁବୁ ହେଉଥିବାବେଳେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହେଉଛି। ସାମାନ୍ୟ ବର୍ଷାରେ ବିଭିନ୍ନ ସାହି ବସ୍ତିରେ ବର୍ଷାପାଣି ଲହଡି ଭାଙ୍ଗୁଥିବାବେଳେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଗତ ଚାରିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ପରିସ୍ଥିତିକୁ ବେହାଲ କରିଛି। ପଟ୍ଟାମୁଣ୍ଡାଇକୁ ସହରାଞ୍ଚଳ ଘୋଷଣା ହେବାର ୩୬ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ସହରର ମୁଖ୍ୟ ପାଣି ନିଷ୍କାସନ ସମସ୍ୟା ସମାଧାନ ହୋଇପାରିନାହିଁ। ସହରରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ହେବା ବ୍ୟବସ୍ଥା କରାଯାଇପାରି ନ ଥିବାରୁ ପରିସ୍ଥିତି ସଙ୍ଗିନ ହୋଇଛି। ସହରରୁ ପାଣି ନିଷ୍କାସନ ସମସ୍ୟାର ସମାଧାନ କେବେ ହେବ, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାମାନ୍ୟ ବର୍ଷାରେ ମୁଖ୍ୟ ସହର ସମେତ ବିଭିନ୍ନ ୱାର୍ଡର ସାହି ବସ୍ତି ପାଣି ଘେରରେ ରହି ଉବୁଟୁବୁ ହେଉଥିବାବେଳେ ଦୋକାନ ବଜାରରେ ପାଣି ପଶୁଛି। ସେହିପରି ଲୋକଙ୍କ ଘରେ ପାଣି ପଶୁଥିବାବେଳେ ଲୋକମାନେ ଜଳବନ୍ଦୀ ହୋଇପଡୁଥିବା ଦେଖାଯାଉଛି।

ଅନ୍ୟପକ୍ଷରେ ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଖାଲୁଆ ସ୍ଥାନରେ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏହାଦ୍ୱାରା ସହରରେ ମଶା ମାଛିଙ୍କ ଉପଦ୍ରବ ବୃଦ୍ଧି ପାଉଥିବାବେଳେ ଡେଙ୍ଗୁ, ମେଲେରିଆ ଆଦି ରୋଗ ବ୍ୟାପିବା ସମ୍ଭାବନା ସୃଷ୍ଟି ହେଉଛି। ପାଣି ନିଷ୍କାସନ ସମସ୍ୟା ଗୁରୁତର ହୋଇପଡିଥିବାବେଳେ ଏହା ସହରବାସୀଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଲୋକମାନେ ସହରୀ ସୁବିଧାରୁ ଏକପ୍ରକାର ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବର୍ଷାଦିନ ଆସିଲେ ସତେ ଯେମିତି ଏହା ସହରବାସୀଙ୍କ ପାଇଁ ଅଭିଶାପ ନେଇଆସୁଛି। ଆଣ୍ଠୁଏ ପାଣିରେ ପଶି ଲୋକମାନେ ଯା'ଆସ କରିବାକୁ ବାଧ ହେଉଥିବାବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସ, ଦପ୍ତର ପାଣି ଘେରରେ ରହୁଛି। ସହରରେ ଥିବା ଶିକ୍ଷାନୁଷ୍ଠାନ ମଧ୍ୟ ପାଣି ଘେରରେ ରହିବା ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବାଧା ଉପୁଜୁଛି। ଦୀର୍ଘ ୩୬ ବର୍ଷ ଅତିକ୍ରାନ୍ତ କରି ୩୭ ବର୍ଷରେ ପଦାର୍ପଣ କରିଥିବା ପୌର ପରିଷଦ ସହରରୁ ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ନ ଥିବା ସରକାରୀ ଯୋଜନା ସହରବାସୀଙ୍କ ପାଇଁ ଉପହାସ ପାଲଟିଛି। ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ କରାଯାଇ ଗୋବରୀ ନଦୀକୁ ଛଡ଼ାଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଗୋବରୀ ନଦୀର ମଧ୍ୟ ପୁନରୁଦ୍ଧାର କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି। ଏଥିପାଇଁ ଜଳ ସମ୍ପଦ ଅଧୀନରେ ଥିବା ଡ୍ରେନେଜକଟ ବିଭାଗର ବରିଷ୍ଠ ଅଧିକାରୀ ପଟ୍ଟାମୁଣ୍ଡାଇ ସହର ସମେତ ଗୋବରୀ ନଦୀ ପରିଦର୍ଶନ କରି ଡିପିଆର ପ୍ରସ୍ତୁତି କରିଛନ୍ତି। ଡ୍ରେନେଜକଟ ବିଭାଗର ମୁଖ୍ୟଯନ୍ତ୍ରୀ ଅବିନାଶ ରାଉଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଧିରେନ୍ଦ୍ର ଜେଠୀ, କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ରାଉତରାୟଙ୍କୁ ନେଇ ଗଠିତ ଟିମ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ଜଳବନ୍ଦୀ ଅଞ୍ଚଳ ଓ ଗୋବରୀ ନଦୀ ପରିଦର୍ଶନ କରିଯାଇଛନ୍ତି। କିନ୍ତୁ ପାଣି ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସ୍ଥିତି ଦିନକୁ ଦିନ ବିଗୁଡୁଥିବାରୁ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଜଳ ନିଷ୍କାସନ ବାଟ ପୋତି ଲୋକମାନେ ଘର କରିବା ଯୋଗୁଁ ଏପରି ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସହରର ମୁଖ୍ୟ ରାସ୍ତାରେ ଥିବା ଏକମାତ୍ର ଡ୍ରେନରେ ବର୍ଷା ପାଣି ଗୋବରୀ ନଦୀକୁ ଯାଉଛି। ମାତ୍ର ଗୋବରୀ ନଦୀ ପଠା ଅବରୋଧ ହେବା ଯୋଗୁଁ ତାହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଗତ ୧୯୮୮ ଡିସେମ୍ବର ୬ ତାରିଖରେ ପଟ୍ଟାମୁଣ୍ଡାଇକୁ ଏନଏସିର ମାନ୍ୟତା ଦିଆଯାଇଥିଲା। ଆଖପାଖ ପାଞ୍ଚଟି ପଞ୍ଚାୟତର କେତେକ ଅଞ୍ଚଳକୁ ନେଇ ତତ୍କାଳୀନ କଂଗ୍ରେସ ସରକାର ଏନଏସି ଘୋଷଣା କରି ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଥିଲେ। ପଟ୍ଟାମୁଣ୍ଡାଇ, କଷଣଅଣ୍ଡା, ମାଟିଆ, ବାଲିପାଟଣା ପଞ୍ଚାୟତ (ଆଂଶିକ), ନୀଳକଣ୍ଠପୁର ପଞ୍ଚାୟତ (ଆଂଶିକ) ଅଞ୍ଚଳର ବିଭିନ୍ନ ଗ୍ରାମକୁ ନେଇ ଏନଏସି ଘୋଷଣା କରାଯାଇଥିବାବେଳେ ୨୦୧୪ ଫେବୃଆରୀ ୨୪ ତାରିଖରେ ପଟ୍ଟାମୁଣ୍ଡାଇ ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରଦାନ କରାଯାଇଥିଲା। ଏହାର ୱାର୍ଡ ସଂଖ୍ୟା ୨୦ ରହିଥିବାବେଳେ ୨୦୧୧ ଜନଗଣନା ଅନୁଯାୟୀ ଜନସଂଖ୍ୟା ୪୪,୫୨୮ ରହିଛି। ପଟ୍ଟାମୁଣ୍ଡାଇ ପଞ୍ଚାୟତ ଥିବା ସମୟରେ ବଜାରରୁ ପାଣି ନିଷ୍କାସନ ପାଇଁ ଯେଉଁ ପୁରୁଣା ଡ୍ରେନେଜ ସିଷ୍ଟମ ଥିଲା, ସେଥିରେ ବିଶେଷ ପରିବର୍ତ୍ତନ ଅଣାଯାଇପାରୁନାହିଁ। ସେତେବେଳେ ପଟ୍ଟାମୁଣ୍ଡାଇ ବଜାରର ଉଦବୃତ୍ତ ବର୍ଷା ପାଣି ନିଷ୍କାସନ ପାଇଁ ଶ୍ରୀରାମମନ୍ଦିର ସଲଗ୍ନ ଡ୍ରେନଟି ସବରେଜିଷ୍ଟ୍ରାରଙ୍କ ଅଫିସ ପାର୍ଶ୍ୱରେ ତତ୍କାଳୀନ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଓ ଅଧୁନା ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ପୁରାତନ କଟକ-ଚାନ୍ଦବାଲି ରାସ୍ତା ନିମ୍ନଭାଗରେ ମାଟି ତଳେ ନିର୍ମାଣ କରାଯାଇଥିବା ଏକ ଡ୍ରେନ ଯାହାକି ନିତ୍ୟାନନ୍ଦ ଦାସଙ୍କ କୋଠାର ନିମ୍ନଭାଗ ଦେଇ ପଟ୍ଟାମୁଣ୍ଡାଇ ଗୋବରୀ ପୋତା ନଦୀରେ ପଡିଥିଲା। ଏହି ମାଟିତଳ ଡ୍ରେନ ଦେଇ ପଟ୍ଟାମୁଣ୍ଡାଇ ତହସିଲ ଅଫିସ, ଶ୍ରୀରାମମନ୍ଦିର ପଡ଼ିଆ (ଡେଲି ମାର୍କେଟ), ସବରେଜିଷ୍ଟ୍ରର ଅଫିସ ପରିସରରୁ ପାଣି ନିଷ୍କାସନ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ମେଡିକାଲ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଅଞ୍ଚଳରୁ ଶ୍ରୀରାମମନ୍ଦିର ସମ୍ମୁଖ ମୁଖ୍ୟ ରାସ୍ତା ନିମ୍ନରେ ଯାଇଥିବା ଡ୍ରେନ ଦେଇ ଶ୍ରୀରାମମନ୍ଦିର ସଂଲଗ୍ନ ଡ୍ରେନରେ ମିଶିଥିଲା। ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍କାଳୀନ ଡାକ ବଙ୍ଗଳା ଛକଠାରୁ ପଟ୍ଟାମୁଣ୍ଡାଇ କେନାଲ ପୋଲ ପର୍ଯ୍ୟନ୍ତ ମୁଖ୍ୟ ସହରର ଡାହାଣ ପାର୍ଶ୍ୱରେ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ଏହି ଡ୍ରେନରେ ଅଳିଆ ନିଷ୍କାସନ ପଥ ନିର୍ମାଣ କରାଯାଇ ନ ଥିବାରୁ ବର୍ଷ ସାରା ଏଥିରେ ପାଣି ଓ ଅଳିଆ ଆବର୍ଜନା ଜମି ରହିବା ଫଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏହା ମଶା ମାଛିଙ୍କ ଉତ୍ପତ୍ତି ସ୍ଥଳ ପାଲଟିଛି। ଗତ ଏକବର୍ଷ ତଳେ ଏହି ଡ୍ରେନ ରାସ୍ତାଠାରୁ ଉଚ୍ଚତାରେ ଥିବା ଉଭୟ ପାର୍ଶ୍ୱର କାନ୍ଥକୁ ଭାଙ୍ଗିଦିଆଯାଇ ରାସ୍ତା ସହିତ ସମତୁଲ କରି ଦିଆଯାଇ ଢାଙ୍କୁଣୀ ପକାଯାଇଛି। କିନ୍ତୁ ଏହି ମୁଖ୍ୟ ଡ୍ରେନ ମଧ୍ୟଦେଇ ପାଣି ନିଷ୍କାସନ ହେବାର କୌଣସି ସୁବନ୍ଦୋବସ୍ତ ହୋଇନାହିଁ। ସାମନ୍ୟ ବର୍ଷା ହେଲେ ୧୧ନଂ ୱାର୍ଡ ମୁସଲମାନ ବସ୍ତି ସମ୍ପୂର୍ଣ୍ଣ ଜଳବନ୍ଦୀ ହେଉଯାଉଥିବାବେଳେ ଅଣ୍ଟାଏ ଆଣ୍ଠୁଏ ପାଣିରେ ପଶି ଲୋକମାନେ ଯା'ଆସ କରୁଛନ୍ତି।

ସେହିପରି ପଟ୍ଟାମୁଣ୍ଡାଇ ଡାକ୍ତରଖାନା ମୁଖ୍ୟ ଫାଟକର ସମ୍ମୁଖ ରାସ୍ତା ପାଣିରେ ବୁଡ଼ି ରହୁଛି। ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଛି। ସବରେଜିଷ୍ଟ୍ରାରଙ୍କ ଅଫିସ ପରିସରରେ ବର୍ଷା ପାଣି କୃତ୍ରିମ ବନ୍ୟା ଭ୍ରମ ସୃଷ୍ଟି କରୁଛି। ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ପାଣି ଜମି ରହୁଥିବାବେଳେ ଦୂରସଂଚାର କାର୍ଯ୍ୟାଳୟ, ସବଟ୍ରେଜେରୀ ଅଫିସ, ରାଧାରମଣ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର ପରିସର ପାଣିରେ ବୁଡୁଛି। ପ୍ରାଣୀ ଚିକିତ୍ସାଳୟ ପରିସରରେ ବର୍ଷା ପାଣି ଜମା ହୋଇ ରହିବା ଫଳରେ ପ୍ରାଣୀ ମୁଖ୍ୟ ଚିକିତ୍ସାଧିକାରୀଙ୍କ କ୍ୱାଟର ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇରହୁଛି। ପଟ୍ଟାମୁଣ୍ଡାଇ ସହରର ଗୁରୁତ୍ୱପୂର୍ଣ୍ଣ ବାଇପାସ-କଲେଜ ରୋଡର ଡା. ବାସୁ ପାତ୍ର ଗଳି ସମ୍ମୁଖ ମୁଖ୍ୟ ରାସ୍ତାରେ ପାଣିର ସୁଅ ଛୁଟୁଛି। ଭୋଳିବାବା ମଠ ସମ୍ମୁଖ ରାସ୍ତା, ବେଲତଳ, ୧୯ନଂ ମା' ମଙ୍ଗଳା ସ୍କୁଲ ମୁଖ୍ୟ ରାସ୍ତା, ଦକ୍ଷିଣଦିଆ ହନୁମାନ ଛକ ରାସ୍ତା ପାଣିରେ ବୁଡିରହି ଯାତାୟାତରେ ବାଧା ସୃଷ୍ଟି କରିବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେବେ ସହରରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଗତ ୩ ବର୍ଷ ତଳୁ ଭୁବନେଶ୍ୱର ଥ୍ରୀଡି ଭିଜନ ନାମକ ସଂସ୍ଥାକୁ ଡ୍ରେନେଜ ସିଷ୍ଟମ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ପୌରପରିଷଦ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ପୌର ପରିଷଦ ପକ୍ଷରୁ କୁହାଯାଇଛି।

## ମହିଳାଙ୍କୁ ପ୍ରେମ ନିବେଦନ କରି ଅଡୁଆରେ କନଷ୍ଟେବଳ

କେନ୍ଦ୍ରାପଡ଼ା,୨୩।୮ (ସମିସ): ଜଣେ ମହିଳାଙ୍କୁ ପ୍ରେମ ନିବେଦନ କରି କୁଦାନଗରୀ ଥାନାର ଜଣେ କନଷ୍ଟେବଳ ଅଡୁଆରେ ପଡିଛନ୍ତି। ଏହି ପ୍ରେମ ନିବେଦନର ଅଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏଥିସହ ମହିଳା ଜଣକ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମହିଳା ଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଜଣେ ଅସହାୟ ମହିଳା। ଏହାର ସୁଯୋଗ ନେଇ କୁଦାନଗରୀ ଥାନାରେ ନିଯୁକ୍ତ ଜଣେ କନଷ୍ଟେବଳ ମୋତେ ବାରମ୍ବାର ଫୋନରେ ପ୍ରେମ ନିବେଦନ କରୁଛନ୍ତି। ଏଥିରେ ମୁଁ ଅରାଜି ହେଲେ ମୋତେ ଜୀବନରେ ମାରି ଦେବାକୁ ଧମକ ଦେଉଛନ୍ତି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ମାର୍ଶଘାଇ ଛକ ନିକଟରେ କନଷ୍ଟେବଳ ଜଣକ ତାଙ୍କୁ ଦେଖା କରିବା ପାଇଁ ଡାକିଥିଲେ। ମୁଁ ଲକ୍ଷେ ଟଙ୍କା ଦରମା ପାଉଛି। ତୁ ଯାହା ଚାହିଁବୁ ତୋତେ ଦେବି ବୋଲି ମହିଳାଙ୍କୁ କନଷ୍ଟେବଳ ଜଣକ କହିଥିଲେ। କନଷ୍ଟେବଳଙ୍କୁ ଧରାପକାଇବା ପାଇଁ ମହିଳା ଜଣକ ମାର୍ଶାଘାଇର ଜଣେ ସମ୍ପର୍କୀୟଙ୍କ ଘରକୁ ଡାକିଥିଲେ। କନଷ୍ଟେବଳ ସେଠାରେ ପହଞ୍ଚି ତାଙ୍କ ଚରିତ୍ରକୁ ନେଇ ଗାଳିଗୁଲଜ କରିଥିଲେ। ଏହାପରେ ତାଙ୍କୁ ଆଲିଙ୍ଗନ କରିଥିଲେ। ଏଥିରେ ସେ ଅରାଜି ହେବାରୁ ତାଙ୍କ ତଣ୍ଟିକୁ ଚିପି ଦେଇଥିଲେ। ଏଥିସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ ବୋଲି ମହିଳା ଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ବଳଦେବ ଉଚ୍ଚବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ବୈଠକ



କେନ୍ଦ୍ରାପଡ଼ା,୨୩।୮ (ସମିସ): କେନ୍ଦ୍ରାପଡ଼ା ସହରସ୍ଥ ବଳଦେବ ଉଚ୍ଚବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ପ୍ରାଧାପକ ଅଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ରୁବିନା ପ୍ରଧାନ ବିଦ୍ୟାଳୟରେ ସୁରକ୍ଷା କର୍ମୀ ଓ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଓ ସଫେଇ କର୍ମୀଙ୍କ ନିଯୁକ୍ତି ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶନାମା ପତ୍ରକୁ ଉପସ୍ଥାପନ କରି ଅବଗତ କରିଥିଲେ। ବିଦ୍ୟାଳୟ ପାଇଁ ପଞ୍ଚମୁଖୀ ହନୁମାନ ମହିଳା ସ୍ୱୟଂସହାୟକ ଗ୍ରୁପକୁ ଚୟନ କରାଯାଇ ତାଙ୍କ ଦ୍ୱାରା ରାତ୍ରଜଗୁଆଳ ଓ ସଫେଇ କର୍ମଚାରୀ ଦୁଇଜଣ କାମ କରିବା ପାଇଁ ଦାୟିତ୍ୱ ଦେବାକୁ ସ୍ଥିର କରାଯାଇ ଆଦେଶ ସମ୍ପର୍କରେ ଆଲୋଚନା କରାଗଲା। ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିବା ପାଇଁ ଆଲୋଚନା କରାଯାଇଥିଲା। ଏହି ପୁରାତନ ବିଦ୍ୟାଳୟର ପଶ୍ଚିମ ପାର୍ଶ୍ୱରେ ତିନୋଟି ପୁରୁଣା ଆଜବେଷ୍ଟ ସ୍ଥଗିତ ଥିବା ଶ୍ରେଣୀ ଗୃହର ଆବଶ୍ୟକ ନବୀକରଣ କାର୍ଯ୍ୟ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନଙ୍କ-୧କୁ ତୁରନ୍ତ ସମ୍ପାଦନ ନିମନ୍ତେ ଅନୁରୋଧ କରାଯାଇ ପତ୍ର ଦେବାକୁ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ପୁରାତନ ଛାତ୍ର ଅଦ୍ୱୈତ କୁମାର ଦାସ, ପୂର୍ବତନ ନଗରପାଳ ଧୀରେନ ସାହୁ, ବ୍ରଜସୁନ୍ଦର ଦାସ, ସୁନୀଳ ମହାଳିକ, ପୌରସଭ୍ୟ ପ୍ରଦୀପ୍ତ ଜେନା, ପୌର ସଭ୍ୟ ଉମେଶ ନାୟକ, କ୍ଷୀରୋଦ ସାହୁ ଓ ସହକାରୀ ଶିକ୍ଷକ ତପନ ଦାସ ଓ ମହିଳା ଏସ୍ଏଚ୍‌ଜି ଗ୍ରୁପର ମାନିନୀ ସ୍ୱାଇଁ ଓ ନିରୋଦ ନଳିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

## କଂଗ୍ରେସର କାର୍ଯ୍ୟକାରିଣୀ କମିଟି ବୈଠକ




କେନ୍ଦ୍ରାପଡ଼ା,୨୩।୮ (ସମିସ): କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସର କାର୍ଯ୍ୟକାରିଣୀ କମିଟି ବୈଠକ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ପୌରୋହିତ୍ୟରେ କଜଳାସ୍ଥ କଂଗ୍ରେସ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସର ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜବୁତ୍ କରିବା ପାଇଁ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲା କଂଗ୍ରେସ୍ ଭବନରେ ଏକ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଖୋଲିବାକୁ ପ୍ରଥମେ ଆଲୋଚନା କରାଯାଇ ସ୍ଥିର କରାଯାଇଥିଲା। ଅଖିଳ ଭାରତ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ "ଭୋଟ ଚୋରି' ପ୍ରସଙ୍ଗକୁ ସଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ୧୩୦ତମ ସମ୍ବିଧାନ ସଂଶୋଧନକୁ ବିରୋଧ କରାଯିବା ସହ ରାହୁଲ୍ ଗାନ୍ଧୀଙ୍କ ଗଣତନ୍ତ୍ର ସୁରକ୍ଷା କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। ଏଥିସହିତ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ନେଇ ନିର୍ବାଚନମଣ୍ଡଳୀ ସ୍ତରରେ କିପରି ଜନଆନ୍ଦୋଳନକୁ ସକ୍ରିୟ କରାଯିବ ସେ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ ପୌରାଧକ୍ଷ ମହମ୍ମଦ ଆକବର ଅଲ୍ଲୀ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟା ସସ୍ମିତା ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବସନ୍ତ ସେଠୀ, ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ଯୁବନେତା ରଶ୍ମିରଞ୍ଜନ ଚୌଧୁରୀ, ବିପ୍ଳବ ମହାନ୍ତି, ନିଲୋ ଖାଁ, ହିମାଂଶୁ ନନ୍ଦ, ସେଖ ଆନସ, ଶେଖ କାଲା, ଶେଖ ଜଲାଲଉଦ୍ଦିନ, ଉମେଶ ପାଢୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଳସପୁର ଗ୍ରାମରେ ଚୋରି

ଆଳି, ୨୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଞ୍ଚଳରେ କିଛିଦିନ ଅନ୍ତରରେ ଲୁଟେରା ପୁଣି ସକ୍ରିୟ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଆଳି ଥାନା ଅନ୍ତର୍ଗତ କଳସପୁର ପଞ୍ଚାୟତର କଳସପୁର ଗ୍ରାମରୁ ଚୋରି ହୋଇଥିବା ଜଣାପଡ଼ିଛି। ସ୍ୱର୍ଗତ ଆକୁଳି ରାଉତଙ୍କ ପୁଅ ପ୍ରକାଶଙ୍କ ଥାନାରେ ଅଭିଯୋଗ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ଗ୍ରାମ ଛକ ନିକଟରେ ଥିବା ତାଙ୍କ ରନ୍ଧନ ଗ୍ୟାସ ସବସେଣ୍ଟର ଦୋକାନ ତାଲା ଓ ଆଜବେଷ୍ଟ ତାଡ଼ି ୨୫ ହଜାର ଟଙ୍କା ସହ ୬ଟି ଗ୍ୟାସ ସିଲିଣ୍ଡର, ଅନ୍ୟ ଆସବାବପତ୍ର ଲୁଟି ନେଇଛନ୍ତି। ସେ ଆଜି ସକାଳେ ଘରୋଇ କାର୍ଯ୍ୟ ସହ କୁକୁରକୁ ବୁଲାଇବାକୁ ନେବା ସମୟରେ ଦୋକାନ ନିକଟକୁ ଯାଇ ଦେଖନ୍ତି ତ ତାଙ୍କ ଦୋକାନ ତାଲା ଭଙ୍ଗାଯାଇ ତଳେ ପଡ଼ିଛି। ଏହା ଦେଖି ସେ ସନ୍ଦେହ କରିବା ସହ ପରିବାର ଲୋକଙ୍କୁ ଡାକି ଦେଖାଇଥିଲେ। ପରେ ସେ ଚୋରି ହୋଇଥିବା ଜାଣି ଫୋନ ଯୋଗେ ପୁଲିସକୁ ଖବର ଦେଇଥିଲେ ଓ ପରେ ଥାନାରେ ଏତଲା ଦେଇଥିଲେ। ଏତଲା ପାଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଆଳି ଥାନାଧିକାରୀ ଧୀରଜ ଲେଙ୍କା ସୂଚନା ଦେଇଛନ୍ତି।

## ବିଜେପିର ମିଶ୍ରଣ ପର୍ବ

ଆଳି, ୨୩।୮ (ସମିସ): ଆଜି ୪ନଂ ଜୋନ ବିଜେପି ସଭାପତି ତପନ ପରିଡ଼ାଙ୍କ ସଂଯୋଜନା ଓ ବିଚିତ୍ରାନନ୍ଦ ବିଳାସଙ୍କ ନେତୃତ୍ୱରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କୋଳିଡିହ ପଞ୍ଚାୟତସ୍ଥ ମା' ଖଜୁରାଇ ପୀଠରେ ଆୟୋଜିତ ମିଶ୍ରଣ ପର୍ବରେ ଆଳି ବିଧାନସଭା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବିଜେପିରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶରତ ଧଳ ଓ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ। ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅନନ୍ତ ରଥ, ୪ନଂ ଜୋନ୍‌ର ପୂର୍ବତନ ମଣ୍ଡଳ ସଭାପତି ଅକ୍ଷୟ ବେହେରା, ବିଜେପି ଆଳି ଆଇଟି ସେଲ୍ ସଭାପତି ଅଯୋଧ୍ୟା ମହାନ୍ତି, ବୈଦ୍ୟନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବଳଭଦ୍ରପୁର ଶିଳ୍ପାଞ୍ଚଳ ପୁନରୁଦ୍ଧାର ଯୋଜନା



ଡେରାବିଶ,୨୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତଥା ପାଟକୁରା ନିର୍ବାଚନମଣ୍ଡଳୀର ଏକମାତ୍ର ଶିଳ୍ପାଞ୍ଚଳ ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନରୁଦ୍ଧାର କରିବା ପାଇଁ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି। ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ବଳଭଦ୍ରପୁର ଶିଳ୍ପାଞ୍ଚଳରେ ୨୦୧୩ରୁ କରତକଳ କ୍ଲଷ୍ଟର ସ୍ଥାପିତ ହୋଇଥିଲା। ସେତେବେଳେ ଇଡ୍‌କୋ ପକ୍ଷରୁ ୧୫ ଏକର ଜମି ଅଧିଗ୍ରହଣ କରାଯାଇ ୨୩ଟି କରତକଳ ପ୍ରତିଷ୍ଠା କରାଯାଇଥିଲା। ଯେଉଁଥିପାଇଁ ଏଠାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରାଜ୍ୟର ପ୍ରାୟ ୨୦୦୦ରୁ ଅଧିକ କର୍ମଚାରୀ, ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏବେ ପୁଣି ଇଡ୍‌କୋ ଆଉ ୫ ଏକର ଜମି ଏହି ଶିଳ୍ପାଞ୍ଚଳ ପାଇଁ ଅଧିଗ୍ରହଣ କରିଛି। ବିଡ଼ମ୍ବନାର ବିଷୟ ଏହି ଶିଳ୍ପାଞ୍ଚଳ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ କଡ଼ରେ ରହିଥିଲେ ମଧ୍ୟ ଏହି ଶିଳ୍ପାଞ୍ଚଳ ମଧ୍ୟରେ ଥିବା ୩ କିଲୋମିଟର ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ଏହି ଶିଳ୍ପାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବାବେଳେ କର୍ମଚାରୀ, ଶ୍ରମିକ ଓ ଏଠାକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ପାନୀୟଜଳର ଘୋର ଅଭାବ ରହିଛି। ଏଥିସହିତ ଏହି ଶିଳ୍ପାଞ୍ଚଳରୁ ବର୍ଷାଜଳ ନିଷ୍କାସନ, ଷ୍ଟ୍ରିଟଲାଇଟ୍ ଇତ୍ୟାଦି ସମସ୍ୟା ସେବେଠାରୁ ରହିଆସିଛି। ଏ ସମ୍ପର୍କରେ ଖବର ପାଇ ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା ଆଜି ଏହି ଶିଳ୍ପାଞ୍ଚଳରେ ଏହାର କର୍ମକର୍ତ୍ତାଙ୍କଠାରୁ ଏହାର ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଶ୍ରୀ ପରିଡ଼ା ଶିଳ୍ପାଞ୍ଚଳର ଏହି ସମସ୍ୟା ସମାଧାନ କରିବା ପାଇଁ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଇଡ୍‌କୋ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସୁରେଶ ଦଳାଇ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର, ଇଡ୍‌କୋ ଡିଭିଜନ୍ ମୁଖ୍ୟ, ଜିଲ୍ଲା ଶିଳ୍ପକେନ୍ଦ୍ରର ଜିଏମ୍ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଆଲେଚନା ମଧ୍ୟରେ ଶ୍ରୀ ପରିଡ଼ା ଏହି ଶିଳ୍ପାଞ୍ଚଳର ପାଖାପାଖି ୩ କିଲୋମିଟର ରାସ୍ତାକୁ ପଞ୍ଚାୟତିରାଜ ଓ ଅନ୍ୟାନ୍ୟ ବିଭାଗରୁ ଇଡ୍‌କୋ ହସ୍ତାନ୍ତର କରି ଚଉଡ଼ା ପକ୍କା ରାସ୍ତା ନିର୍ମାଣ କରିବା, ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରିବା, ପାନୀୟଜଳ ଯୋଗାଇ ଦେବାକୁ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରିବା, ବିଦ୍ୟୁତ୍ ସେବାକୁ ସୁଗମ କରିବା ପାଇଁ ସ୍ୱତନ୍ତ୍ର ଭାବେ ବିଦ୍ୟୁତ୍ ସବ୍‌ଷ୍ଟେସନ୍ ସ୍ଥାପନ କରିବା ଓ ଏଥିସହ କାଷ୍ଠଶିଳ୍ପ ଆଧାରିତ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରସ୍ତାବକୁ ଶିଳ୍ପମନ୍ତ୍ରୀ ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

## ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଓ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ



ପଟ୍ଟାମୁଣ୍ଡାଇ,୨୩।୮ (ସମିସ): ପଟ୍ଟାମୁଣ୍ଡାଇ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଦିବସ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସଭାପତି ଗୋପୀନାଥ ତ୍ରିପାଠୀ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ନିରଞ୍ଜନ ସୁଆର, ବଜରଙ୍ଗ ଦଳ ଜିଲ୍ଲା ସୁରକ୍ଷା ପ୍ରମୁଖ ଲୋକନାଥ ଦାସ, ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ବିଶେଷ ସମ୍ପର୍କ ପ୍ରମୁଖ ପ୍ରଦୀପ କିଶୋର ନାୟକ, ଆର୍‌ଏସ୍‌ଏସ୍ ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାସ ପ୍ରମୁଖ ଯୋଗ ଦେଇ ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଲକ୍ଷ୍ୟ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ବଳିଦାନ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

### • ସ୍କୁଟି ଡିକିରୁ ବନ୍ଧୁକ ଜବତ

## ସନ୍ଦେହରେ ଜଣେ ଅଟକ

ପଟ୍ଟାମୁଣ୍ଡାଇ,୨୩।୮ (ସମିସ): ଆଜି ଅପରାହ୍ନରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ନିକଟରେ ଥିବା ଡି' ବଜାର ପଛପଟେ ଥୁଆ ହୋଇଥିବା ଏକ ସ୍କୁଟି ଡିକିରୁ ସ୍ୱତନ୍ତ୍ର ପୁଲିସ ସ୍କ୍ୱାର୍ଡ ଏକ ବନ୍ଧୁକ ଜବତ କରିବା ସହିତ ସ୍କୁଟି ମାଲିକ ସ୍ଥାନୀୟ ବଜାରର ଜଣେ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖି ପଚାରଉଚରା କରୁଛି। ବ୍ୟବସାୟୀଙ୍କ ସ୍କୁଟି ଡିକିକୁ କିପରି ବନ୍ଧୁକ ଆସିଲା ତାକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ସମ୍ପୃକ୍ତ ବ୍ୟବସାୟଙ୍କ ସାଇକଲ ଦୋକାନରେ କାର୍ଯ୍ୟ କରୁଥିବା ଜଣେ ଯୁବକ ଏହି ସ୍କୁଟି ଚଳାଉଥିବାଓ ପୁଲିସ ସ୍ପେଶାଲ ସ୍କ୍ୱାର୍ଡ ସ୍କୁଟି ଡିକିରୁ ବନ୍ଧୁକ ଜବତ କରିବା ପରେ ସମ୍ପୃକ୍ତ ଯୁବକ ବ୍ୟବସାୟୀଙ୍କ ଦୋକାନରୁ କୁଆଡେ ପଳାଇଯାଇଥିବା ଘଟଣାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଘଟଣାର ଖୋଳତାଡ଼ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ବ୍ୟବସାୟୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ସହିତ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଦାବି କରାଯାଇଛି।

### ମନ୍ତ୍ରୀଙ୍କ ତାଗିଦ୍ ମାନୁନି ପ୍ରଶାସନ

## କାଦୁଅରେ ପଶି ଅଙ୍ଗନବାଡ଼ି କେନ୍ଦ୍ର ଯାଉଛନ୍ତି ଶିଶୁ

ଡେରାବିଶ,୨୩।୮ (ସମସ)

ଓଡ଼ିଶା ସରକାର ମହିଳା ଓ ଶିଶୁ ବିକାଶକୁ ଅଗ୍ରାଧିକାର ଦେଉଥିବାବେଳେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ସୁପରିଚାଳନା ପାଇଁ "ଆସ ବୁଲିଯିବା ଅଙ୍ଗନବାଡି' କାର୍ଯ୍ୟକ୍ରମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ତେବେ ଏହାର ପ୍ରଭାବ କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଖିବାକୁ ମିଳୁନାହିଁ। ଏମିତିକି ଗତ ୨୦ ତାରିଖରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଏହି ଅଙ୍ଗନଓବାଡ଼ି କେନ୍ଦ୍ରର ଅବସ୍ଥା ସମ୍ପର୍କରେ ଅବଗତ କରାଯିବା ପରେ ସମସ୍ୟାରେ ସୁଧାର ଆଣିବାକୁ ସେ ଜିଲ୍ଲା ପ୍ରଶାସନକୁ ତାଗିଦ୍ କରିଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଛୋଟ ପିଲା କାଦୁଅରେ ପଶି ଯିବାକୁ ବାଧ ହେଉଛନ୍ତି। ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ମନ୍ତ୍ରୀଙ୍କ ତାଗିଦ୍‌କୁ ଖାତିର କରୁ ନ ଥିବା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗତ ଏପ୍ରିଲ ମାସରେ ଡେରାବିଶ ବ୍ଲକ୍ ଅଧୀନସ୍ଥ ବସୁପୁର ପଞ୍ଚାୟତ ଭାଣ୍ଡିଲୋ ଗ୍ରାମର ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କ ପାଇଁ ବ୍ୟାପକ ଅବ୍ୟବସ୍ଥା ଥିବା ସରପଞ୍ଚ, ସିଡିପିଓ, ବିଡିଓ, ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ବ୍ୟବସ୍ଥା ନ ସୁଧୁରିବା କେଉଁଠି ନା କେଉଁଠି ସରକାରଙ୍କ "ଆସ ବୁଲିଯିବା ଅଙ୍ଗନବାଡି' କାର୍ଯ୍ୟକ୍ରମକୁ କୁଠାରଘାତ ସଦୃଶ ମନେ ହେଉଛି। ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଘର ରହିବା ଦରକାର କହୁଥିବାବେଳେ ଏଠାରେ କିନ୍ତୁ ବର୍ଷ ବର୍ଷ ଧରି ଅଙ୍ଗନବାଡି କେନ୍ଦ୍ରର ଘର ଅସମ୍ପୂର୍ଣ୍ଣ ପଡିରହିଥିବା ସରକାର ଓ ପ୍ରଶାସନ କେମିତି ଗ୍ରହଣ କରିଛନ୍ତି ବୋଲି ଶିଶୁଙ୍କ ଅଭିଭାବକ ପ୍ରଶ୍ନ କରିଛନ୍ତି। ଗତ ଚାରିଦିନ ଧରି ଲଘୁଚାପଜନିତ ବର୍ଷା ପାଇଁ ଦୈନିକ ଶିଶୁମାନେ ଆଣ୍ଠୁଏ କାଦୁଅରେ ପଶି ଅଙ୍ଗନବାଡି କେନ୍ଦ୍ରକୁ ଯିବା ଭଳି କଷ୍ଟଦାୟକ ଦୃଶ୍ୟ ଦେଖିବାକୁ ମିଳିଛି। ଫଳରେ ସରକାରଙ୍କ "ଆସ ବୁଲିଯିବା ଅଙ୍ଗନବାଡି" କେଉଁ ଉଦ୍ଦେଶ୍ୟରେ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ବାରମ୍ବାର ଅଭିଭାବକଙ୍କ ଅଭିଯୋଗ ଓ ଶିଶୁଙ୍କ ଦୁର୍ଦ୍ଦଶା ବିଷୟରେ ଖବରକାଗଜରେ ପ୍ରକାଶ ପାଉଥିଲେ ହେଁ ବ୍ଲକ୍ ପ୍ରଶାସନଠାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଭାବକ ପ୍ରଶ୍ନ କରିଛନ୍ତି। କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟା ଅନୁସାରେ ୩-୪ ମାସ ମଧ୍ୟରେ ଅର୍ଦ୍ଧନିର୍ମିତ ପ୍ରକଳ୍ପ ପୂରଣ କରାଯିବ ଓ ଲୋକଙ୍କ ସମସ୍ୟା ଉପରେ ଧ୍ୟାନ ଦେଉ ନ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଭଳି ଶକ୍ତ ପ୍ରତିକ୍ରିୟା କିପରି ପାଳନ କରାଯାଉଛି, ତାହା ଏବେ ଦେଖିବାକୁ ବାକି ରହିଲା।



# ଲଗାଣ ବର୍ଷାରେ କାଦୁଅ ପଚପଚ ରାସ୍ତା

**ତାଳଚେର,୨୩।୮ (ସମିସ):** କିଛିଦିନ ହେଲା ଲଗାଣ ବର୍ଷା ଜାରି ରହିଥିବାରୁ ତାଳଚେରର ବିଭିନ୍ନ ରାସ୍ତା ଅବସ୍ଥା ବେହାଲ ହୋଇପଡ଼ିଛି । ରାସ୍ତା କାଦୁଅ ପଚପଚ ହେବା ସହ ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି । ବାଇପାସ୍ ରାସ୍ତାର ଦୁଇପାଶ୍ୱର୍ରେ ମୋଟା କୋଇଲା କାଦୁଅ ଭର୍ତ୍ତି ହୋଇଛି । ସେହିପରି ବାଙ୍କଧରା ଛକରୁ ଚାଇଁପାଳ ପର୍ଯ୍ୟନ୍ତ ଏବଂ ସହରର ଗଳିକନ୍ଦି ରାସ୍ତାଗୁଡ଼ିକର ମଧ୍ୟ ସମାନ ଦଶା । ଦୁଇଚକିଆ ଯାନ ଚଳାଇବା କଷ୍ଟକର ହୋଇପଡ଼ିଛି । ତାଳଚେରରେ ବର୍ଷବର୍ଷ ଧରି ପ୍ରଦୂଷଣ ସହ ରାସ୍ତାଘାଟ ସମସ୍ୟା ଲାଗି ରହିଥିଲେ ସୁଦ୍ଧା ତାହାର ନିରାକରଣ ଅଦ୍ୟାବଧି ହୋଇ ନ ପାରିବା ଉଦବେଗର ବିଷୟ ପାଲଟିଛି । ଜାତୀୟ ରାଜପଥରେ ଯାତାୟତ କରିବା ଅର୍ଥ ଯମ ସହ ସାକ୍ଷାତ ସଦୃଶ ହୋଇଛି । ତାଳଚେର ସହରାଞ୍ଚଳ ସମେତ ରାସ୍ତା ପାଶ୍ୱର୍ରେ ରହିଥିବା ଗ୍ରାମଗୁଡ଼ିକର ଲୋକେ ଦୀର୍ଘବର୍ଷ ହେବ ରାସ୍ତାରୁ ଉଡୁଥିବା ପ୍ରଚୁର କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି । ଲୋକେ ଦୈନନ୍ଦିନ ଦୁର୍ଘଟଣାର ଶିକାର ହେଉଥିବା ଘଟଣା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିପକାଉଛି । ଗୋଟିଏପଟେ ଧୂଳିଧୂଆଁ ପ୍ରଦୂଷଣ ଦୁର୍ବିସହ ହୋଇପଡ଼ିଥିବା ବେଳେ ବର୍ଷା ହେଲେ ରାସ୍ତା ହ୍ରଦ ପାଲଟୁଛି । ଦୈନିକ ଶହଶହ ଟ୍ରକ ଯାତାୟାତ ଯୋଗୁଁ ତାଳଚେର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି । ୧୩ କିମି ରାସ୍ତା ଅତିକ୍ରମ କରିବାକୁ ବେଳେ ବେଳେ ୪ରୁ ୫ ଘଣ୍ଟା ଲାଗି ଯାଉଛି । ଜରୁରୀକାଳୀନ ଗାଡ଼ି ଯଥା; ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ିଗୁଡ଼ିକ ମଧ୍ୟ ଦୀର୍ଘ ସମୟ ଫସି ରହୁଛି । ତାଳଚେର ଉପଖଣ୍ଡରେ ବିଭିନ୍ନ କୋଇଲାଖଣି, ଏନଟିପିସି, ଡେରେଙ୍ଗ ଜିନ୍ଦଲ ଆଦି ଶିଳ୍ପାନୁଷ୍ଠାନ ରହିଛି । କିନ୍ତୁ କେହି ହେଲେ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି । ଏପରିକି ରାସ୍ତା ପାଶ୍ୱର୍ ତାଳବେଡ଼ା ଗ୍ରାମଠାରୁ ଆରମ୍ଭ କରି ଚାଳକିଆକୁଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲର, ଥର୍ମାଲ, ଆନନ୍ଦବଜାର, ଚାଇଁପାଳ ପର୍ଯ୍ୟନ୍ତ ସବୁଠି କାଦୁଅ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ତାଳଚେର ଅଞ୍ଚଳରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ରାଜସ୍ୱ ନେଉଥିଲେ ମଧ୍ୟ ବର୍ଷବର୍ଷ ଧରି ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ଜିଲ୍ଲା ଖଣିଜ ପାଣ୍ଠିରେ କୋଟିକୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହାକୁ କାହିଁକି ସମସ୍ୟା ସମାଧାନ ଦିଗରେ ବିନିଯୋଗ କରାଯାଉ ନାହିଁ ଏବଂ ନିର୍ବାଚିତ ପ୍ରତିନିଧି ଏ ନେଇ କାହିଁକି ଚୁପ୍ ବସିଛନ୍ତି, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



## ● ଅଗଷ୍ଟ ୧୫ରେ ଛାତ୍ରଛାତ୍ରୀଙ୍କୁ ଦିଆଗଲାନି ମଧ୍ୟାହ୍ନ ଭୋଜନ

# ୩ ପ୍ରଧାନଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ

**କିଶୋରନଗର,୨୩।୮ (ସମିସ):** ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଦିନ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବୁଢ଼ିଆବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଣିଆଦୋହଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଓ ତେନ୍ତୁଲାପାଣି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥିଲା । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ୩ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏଥିସହ ସମ୍ପୃକ୍ତ ପ୍ରଧାନଶିକ୍ଷକମାନଙ୍କ ଅଗଷ୍ଟ ମାସର ଦରମା ବନ୍ଦ କରିଛନ୍ତି । ସୂଚନାଯୋଗ୍ୟ, ବୁଢ଼ିଆବାହାଳ ବିଦ୍ୟାଳୟରେ ୫୯, ବଣିଆଦୋହଲ୍ଲୀ ବିଦ୍ୟାଳୟରେ ୩୦ ଓ ତେନ୍ତୁଲାପାଣି ବିଦ୍ୟାଳୟରେ ୧୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଅଗଷ୍ଟ ୧୫ ତାରିଖ ଏହି ବିଦ୍ୟାଳୟଗୁଡ଼ିକରେ ସ୍ୱାଧୀନତା ଦିବସ ପାଳନ ହୋଇଥିବା ବେଳେ ଏହି ବାହାନାରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଥିଲା ।

## ବୈତରଣୀ ନଦୀର ଜଳସ୍ତର ବୃଦ୍ଧି

# ଆଖୁଆପଦାରେ ବିପଦ ସଂକେତ ଉପରେ ପ୍ରବାହିତ



**ଯାଜପୁର/କଣ୍ୟାଁଗୋଲା, ୨୩।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ପୁନର୍ବାର ବନ୍ୟା ଜଳ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଆନନ୍ଦପୁର ଠାରେ ବୈତରଣୀ ନଦୀର ଜଳସ୍ତର ସାମାନ୍ୟ ହ୍ରାସ ପାଉଥିବା ବେଳେ ଆଖୁଆପଦା ଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି । ଯାହାଫଳରେ ଦଶରଥପୁର ବ୍ଲକ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି । ବୈତରଣୀ ନଦୀ ଓ ତାର ଶାଖା ନଦୀ ବୁଢ଼ାରେ ମଧ୍ୟ ବନ୍ୟା ଜଳ ପ୍ରବାହିତ ହେଉଛି । ଗତ ବୈତରଣୀ ନଦୀ ବନ୍ୟାରେ ଯାଜପୁର ବ୍ଲକର ୬ଟି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରବାହିତ ହୋଇଥିଲା । ଏପରିକି ବହୁ ଚାଷ ଜମି ଓ ପରିବା ଚାଷ ପ୍ରଭାବିତ ହେବା ସହ ସିମିଳିଆ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା । ଏବେ ପୁନର୍ବାର ବୈତରଣୀ ନଦୀରେ ବନ୍ୟାଜଳ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ଲୋକେ ଆତଙ୍କିତ ନ ହେବା ପାଇଁ ଜଳ ସମ୍ପଦ ବିଭାଗ ସୂଚନା ଦେଇଛି । ଦଶରଥପୁର ନିକଟରେ ବନ୍ୟା ଜଳ ୯.୪୦ମିଟର ଉଚ୍ଚତାରେ ପ୍ରବାହିତ ହେଉଛି । ଦଶରଥପୁର ନିକଟରେ ବିପଦ ସଂକେତ ୯.୫୪ ମିଟର ଅଟେ । ପୂର୍ବ ବନ୍ୟାରେ ବୈତରଣୀ ନଦୀର ନୂଆପାଟଣା ଓ ଗୁଣ୍ଡୁଣିପଡ଼ା ନିକଟରେ ନଦୀବନ୍ଧରେ ଅତଡ଼ା ଖସିବା ଯୋଗୁଁ ଅସ୍ଥାୟୀ ମରାମତି କାର୍ଯ୍ୟ ହୋଇଥିଲା । ସେହିପରି କାଣୀ ନଦୀର ପଞ୍ଚପଡ଼ା ଠାରେ ମଧ୍ୟ ଗୋଟିଏ ଘାଇ ସୃଷ୍ଟି ହୋଇଥିଲା । ଆଜି ଆସୁଥିବା ବନ୍ୟା ଜଳ ଯୋଗୁଁ ଏହି ସ୍ଥାନ ଗୁଡିକୁ ଅଧିକ ବିପଦ ଆଶଙ୍କା ରହିଛି । ଜଳସେଚନ ବିଭାଗ ର ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ନଦୀ ବନ୍ଧର ବିପଦପୁର୍ଣ୍ଣ ସ୍ଥାନ ଗୁଡିକୁ ପରିଦର୍ଶନ କରି ସମସ୍ତ ପ୍ରକାର ବିପଦର ମୁକାବିଲା ପାଇଁ ବିଭାଗ ପ୍ରସ୍ତୁତ ରହିଛି ବୋଲି କହିଛନ୍ତି ।

# ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ



**କଣ୍ୟାଁଗୋଲା, ୨୩।୮ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୨୫-୨୬ ଶିକ୍ଷା ବର୍ଷରେ ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ତାଲିମ ସହିତ ଶିବିର ମାନ ଅନୁଷ୍ଠିତ ହେବ । ତେଣୁ ମହାବିଦ୍ୟାଳୟର ଅଧକ୍ଷା ଡ.ମିନାକ୍ଷୀ ମିଶ୍ରଙ୍କ ଆହ୍ୱାନ କ୍ରମେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅଧ୍ୟାପିକା ପ୍ରମିଳା ବାଇ ଏକ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ବିଷୟର ଆଲୋଚନା କରାଯାଇଥିଲା । ଗଠିତ ଏହି କମିଟିରେ ଅଧ୍ୟାପିକା ସୁଷମା ସାହ, ତପସ୍ୱିନୀ ଭଞ୍ଜ, ଶୁଭଶ୍ରୀ ଘଡ଼ାଇ, କମିଟିର ସଦସ୍ୟ ଡ. ଅମ୍ରିତା ପ୍ରୀତମ ମଲ୍ଲ, ସମାଜସେବୀ ଜଗଦୀଶ ସଙ୍କର ସାହୁ, ସାମ୍ବାଦିକ ସୀତାଂଶୁ ଶେଖର ଜେନା ପ୍ରମୁଖ ରହିଛନ୍ତିଛ୍ଛ ତେବେ ମିଳିତ ସହଯୋଗରେ ଆଗାମୀ ଦିନରେ ମୁଖ୍ୟତଃ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ପ୍ରାଥମିକ ଚିକତ୍ସା ତାଲିମ, ରକ୍ତଦାନ, ନାରୀ ସୁରକ୍ଷା, ଜରାୟୁ ମୁଖ କର୍କଟ, ସାଇବର ସିକୁରିଟି, ମନସ୍ତତ୍ୱ ଭିତିକ ଆଲୋଚନା, ନାରୀରୋଗ ଭଳି ଅନେକ ସଚେତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ ।

# ହୋଟେଲ ମ୍ୟାନେଜମେଣ୍ଟ ସ୍କୁଲର ସ୍ୱାଗତ ଉତ୍ସବ



**ଯାଜପୁର, ୨୩।୮ (ସମିସ):** ଯାଜପୁର ସହରସ୍ଥିତ ଇନ୍ଦିରା ଗାନ୍ଧୀ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜିତ ଉତ୍ସବରେ ଓବ୍‌ରାୟ ହୋଟେଲର ମାନବ ସମ୍ବଳ ମୁଖ୍ୟ ଯଶୋବନ୍ତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । ମୁଖ୍ୟବକ୍ତା ଭାବେ ଇପିକଲର ବରିଷ୍ଠ ପରିଚାଳକ ଦୀପକ ସିଂ ଯୋଗ ଦେଇ ଏହି ହୋଟେଲ ଶିଳ୍ପର କଳେବର ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ବ୍ୟାପକ ସୁଯୋଗ ରହିଛି ବୋଲି ମତପ୍ରକାଶ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଇନଫୋସିସର ଫାସିଲିଟି ମ୍ୟାନେଜର ବିଭୁ ପ୍ରସାଦ ଦାସ ଯୋଗ ଦେଇ ହୋଟେଲ ମ୍ୟାନେଜମେଣ୍ଟର ଛାତ୍ର ଛାତ୍ରୀଙ୍କ ପାଇ ପୂରାବିଶ୍ୱରେ ନିଯୁକ୍ତି ସୁଯୋଗ ରହିଥିବା ସହ ସମସ୍ତେ ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି ମତ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ସୁବାସ ପାଣି, ଅନୁଷ୍ଠାନର ଡାଇରେକ୍ଟର ସୂର୍ଯ୍ୟକାନ୍ତ ସେଠୀ ଓ ଚେୟାରମ୍ୟାନ ଜ୍ୟୋତ୍ସ୍ନା ଜେନା, ପ୍ରଫେସର ସୁନିଲ ରାଉତ ଯୋଗ ଦେଇ ବିଗତ ଦିନ ମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜର ପ୍ରିନ୍ସିପାଲ ସୌମ୍ୟରଞ୍ଜନ ପତିଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ଅଭିଭାବକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ ।

# ଘର କାନ୍ଥ ଭୁଶୁଡ଼ି ଜଣେ ଆହତ



**ସୁକିନ୍ଦା, ୨୩।୮ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର୍ ଗ୍ରାମର ନଣ୍ଡା ଖୁଣ୍ଟିଆଙ୍କ ପୁଅ ସୁଦାମ ଖୁଣ୍ଟିଆ ଓ ଉତ୍ତମ ଖୁଣ୍ଟିଆଙ୍କ ରହିବା ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଶନିବାର ସକାଳୁ ଉଭୟ ପରିବାର ଘରେ ଶୋଇଥିବା ସମୟରେ କାନ୍ଥ ଧସି ପଡ଼ିଥିଲା । ସୌଭାଗ୍ୟ ବଶତଃ କୌଣସି ପରିବାର ଲୋକଙ୍କ କ୍ଷତି ଘଟିନାହିଁ । ଉଭୟ ପରିବାର ଏବେ ବାସହରା ହୋଇପଡ଼ିଛନ୍ତି । ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାସହ ସରକାରୀ ଆବାସ ଯୋଗାଇ ଦେବାକୁ ଦାବି ହେଉଛି । ସୂଚନା ପାଇ ସୁକିନ୍ଦା ଅତିରିକ୍ତ ତହସିଲଦାର ନିର୍ମଳ କୁମାର ଦାସ ଓ ଆର ଆଇ ବାସହରା ପରିବାର ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ଅବହେଳା ଅଭିଯୋଗ

# ତୁରନ୍ତ କାର୍ଯ୍ୟ କରିବାକୁ ଓଏମ୍‌ସିକୁ ଚେତାବନୀ

**ବ୍ୟାସନଗର, ୨୩।୮ (ସମିସ):** ବ୍ୟାସନଗର ସହରରେ ଦୀର୍ଘ ବର୍ଷ ହେବ କାରଖାନା କରିଛି ଇପିକଲ । କାରଖାନାରେ ନିଯୁକ୍ତି ତ ଏବେ ସାତସପନ ହୋଇଥିବା ବେଳେ କାରଖାନା ଯୋଗୁଁ ସହର ବାସୀଙ୍କ ଦୁର୍ଦ୍ଦଶା ନ କହିବା ଭଲ । ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ କାରଖାନା ଚଳାଇବା ନିମନ୍ତେ ରହିଥିବା ପ୍ରାଥମିକ ନିୟମ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ମଧ୍ୟ ଇପିକଲ ଏବଂ ବର୍ତ୍ତମାନ ସତ୍ତ୍ୱାଧିକାର ଓଏମସି ଜମା ବି ଧ୍ୟାନ ଦେଉନି । ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ପୁଞ୍ଜିଭୂତ ହୋଇ ଜନ ଅକ୍ରୋଶ ଆଡ଼କୁ ଗତି କଲାଣି । ଏପରି ସ୍ଥିତିରେ ଶନିବାର ବ୍ୟାସନଗର ମ୍ୟୁନିସିପାଲିଟିର ପାରିଷଦମାନେ ଏକତ୍ରିତ ହୋଇ ଓଏମସି କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ ପ୍ରାଥମିକ ଭାବେ ସେଠାରେ କାର୍ଯ୍ୟରତ ଜନୈକ ଅଧିକାରୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ ମଧ୍ୟ ପରେ ଏହାକୁ ଫେରାଇ ଦେଇଥିଲେ । ତେବେ ପାରିଷଦମାନେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏନେଇ ପ୍ରତିକ୍ରିୟାଶୀଳ ହେବାରୁ ଅନ୍ୟ ଅଧିକାରୀମାନେ ପହଞ୍ଚି ଭୂଲ ମାଗିବା ସହିତ ମାମଲାକୁ ଦଫା ଦଫା କରିଥିଲେ । ଶନିବାର ପାରିଷଦ ମାନେ ଧବଳଗିରିଠାରୁ ପ୍ଲାଣ୍ଟ ପଛ ପଟ ଗେଟ୍, ଜାଭିୟର ସ୍କୁଲ ରାସ୍ତା ଏବଂ ପନାସିଆ ମୁଖ୍ୟ ରାସ୍ତା ଦୀର୍ଘ ବର୍ଷ ହେବ ଖଣ୍ଡିଆ ଖାବରା ହୋଇ ପଡ଼ିଥିବାରୁ ଏହାକୁ କାରଖାନା କର୍ତ୍ତୃପକ୍ଷ ତୁରନ୍ତ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ମରାମତି କରିବାକୁ ଦାବି କରିଥିଲେ । ତେବେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ଧମକ ଦେବା ସହିତ ଆଗାମୀ ଦିନରେ କାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଦାବି ପତ୍ର ଦିଆଯିବ ବୋଲି ପାରିଷଦମାନେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ୧ ନଂ ପାରିଷଦ ବିଜୟ ଜେନା, ୨ ନଂ କୁନି ହାଁସଦା, ୩ ନଂ.ଙ୍କ ପ୍ରତିନିଧି ଅନୁପ କୁମାର ନାୟକ, ୪ ନଂ.ଙ୍କ ପ୍ରତିନିଧି ପ୍ରଶାନ୍ତ ଖୁଣ୍ଟିଆ, ୫ ନଂ. ପାରିଷଦ ମୋନାଲିସା ସାହୁ ଉପସ୍ଥିତ ରହି ତୁରନ୍ତ ଦାବି ପୂରଣ କରି ସହରବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାକୁ ଦାବି କରିଥିଲେ ।

**ଦାବିପତ୍ର ଗ୍ରହଣ କଲେନି ଅଧିକାରୀ**



# ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ



**ଧର୍ମଶାଳା, ୨୩।୮ (ସମିସ):** ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟ୍‌ଅପ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ଡ. ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଓ କବି ଡ. ତୁହିନାଂସୁ ରଥ ଯୋଗଦେଇ ଲକ୍ଷ୍ୟ, ସଂକଳ୍ପ, ସାଧନା ଓ ସିଦ୍ଧି ସହିତ କାର୍ଯ୍ୟସ୍ଥଳୀର ସକାର୍ରାକ ଦୃଷ୍ଟି ଭଙ୍ଗୀ ବିଷୟରେ ନିଜ ନିଜର ଦୃଷ୍ଟିକୋଣକୁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ସାମଗ୍ରୀକ ଭାବେ ରାଷ୍ଟ୍ର ଗଠନରେ ସୁସ୍ଥ କର୍ମ ସମ୍ପାଦନା ନିର୍ଭରଶୀଳ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡ.ସୁନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରଯାଇଥିଲା । ସର୍ବଶେଷରେ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜେନାପୁର-ରାମଚନ୍ଦ୍ରପୁର ରାସ୍ତା

# ତାରିଣୀ ଛକ ଅବସ୍ଥା ଶୋଚନୀୟ

**କବାଟବନ୍ଧ, ୨୩।୮ (ସମିସ)**



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର- ରାମଚନ୍ଦ୍ରପୁର ତାରିଣୀ ଛକ ଭାୟା ବରମୁଣ୍ଡୁଳି କୃଷ୍ଣଚନ୍ଦ୍ରପୁର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି । ଦୀର୍ଘ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ରାସ୍ତାର ଜେନାପୁର ଠାରୁ ଲେଭୁଲ କ୍ରସିଂ ପର୍ଯ୍ୟନ୍ତ ଅତି ଶୋଚନୀୟ ଅବସ୍ଥା ଦେଖିବାକୁ ମିଳିଛି । ଯାହା ଫଳରେ ହଜାର ହଜାର ଜନ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହିତ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି । ଏହି ରାସ୍ତାଟି ଦୀର୍ଘ ଦିନ ଧରି ମରାମତି ହୋଇନଥିବାରୁ ଏବେ ଶୋଚନୀୟ ହୋଇ ପଡ଼ିଛି । ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇ ପାଣି ଜମି ରହିଛି । ଯାହା ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି । ଏହା ଛଡ଼ା ଏହି ରାସ୍ତା ଦେଇ ଭାରୀଯାନ ଚଳାଚଳ ରାସ୍ତା ଖରାପର ମୁଖ୍ୟ କାରଣ ସାଜିଛି ।

ଜେନାପୁର ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ସ୍ଥାନ ଅଟେ । ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ । ଜେନାପୁର ରେଳ ଷ୍ଟେସନ, ଜେନାପୁର ଥାନା, ପୋଷ୍ଟ ଅଫିସ, ଜେନାପୁର ମେଡ଼ିକାଲ, ଜେନାପୁର ହାଇସ୍କୁଲ ସମେତ ବିଭିନ୍ନ ବ୍ୟାଙ୍କ ଏବଂ ପ୍ରାୟ ପାଞ୍ଚ ଗୋଟି ଘରୋଇ ସ୍କୁଲ ରହିଛି । ତେବେ ଏମିତି ଏକ ପ୍ରମୁଖ ସ୍ଥାନକୁ ଯିବା ଆସିବାରେ ଅସୁବିଧା ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଚେତନ ହେଉ ନାହାଁନ୍ତି । ଜେନାପୁର ରେଳ ଷ୍ଟେସନ ଲେଭୁଲ କ୍ରସିଂ ନିକଟରେ ଏହି ରାସ୍ତାରେ ଏକ ବିରାଟ ଗାଡ଼ ସୃଷ୍ଟି ହୋଇଛି । ଯାହାକି ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଅଟୋ ଏବଂ ଅନ୍ୟାନ୍ୟ ଯାନ ଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ଦେଇ ସ୍ଥାନୀୟ ସାହାଣୀଡ଼ିହ ପଞ୍ଚାୟତର ରାମଚନ୍ଦ୍ରପୁର, କୃଷ୍ଣଚନ୍ଦ୍ର ପୁର, ଭେଜିଗୋଠ, ଗୋଡ଼ି ପଟିଆ, ଦଣ୍ଡାଘାଟି, ପୁରୁଣା ବଉଳମାଳ ପଞ୍ଚାୟତର ବରମୁଣ୍ଡୁଳି, ସାତମାଣ, ଖଜୁରୀବାଟି, ଇଚ୍ଛାପୁର, ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର, ତରାସ, ଡିହକଷ୍ଟି, ଅଞ୍ଜିରା ପଞ୍ଚାୟତର ବାଲିସାହି, ଶ୍ୟାମସୁନ୍ଦରପୁର, ମୁରାଲୀପୁର, ଅଞ୍ଜିରା, କୋଟସାହି, ଢଙ୍କୁଣିଆ, ଚକ୍ରଧରପୁର ପଞ୍ଚାୟତର ମୁକୁନ୍ଦପୁର, ମଧୁସୂଦନ ଆଦି ଅଞ୍ଚଳର ହଜାର ହଜାର ଜନସାଧାରଣ ଗମନାଗମନ ଅସୁବିଧାରେ ପ୍ରତ୍ୟେକ ଦିନ ସାମନା କରୁଛନ୍ତି । ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ମରାମତି ଅଭାବରୁ ଏହା ଯାତାୟାତ ଅନୁପଯୋଗୀ ହୋଇଥିଲେ ମଧ୍ୟ ଅନ୍ୟ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ବାଧ୍ୟ ହୋଇ ଲୋକମାନେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି । ଜେନାପୁର ଲେଭୁଲ କ୍ରସିଂ ନିକଟରେ ରାସ୍ତାରେ ଖାଲ ହୋଇଥିବା ଗଭୀରତାକୁ ଜାଣି ନ ପାରି ଦୈନିକ ଛୋଟ ବଡ଼ ଅନେକ ଦୁର୍ଘଟଣା ଘଟୁଛି । ବିଶେଷ କରି ରାତି ସମୟରେ ଦୁର୍ଘଟଣା ଆଶଙ୍କା ଅଧିକ ରହିଛି । ସାଧାରଣ ଲୋକ ମାନେ ବିଭିନ୍ନ କାମକୁ ଦିନରେ ସାରି ଫେରି ଆସୁଥିବା ବେଳେ ଟ୍ରେନ ଯୋଗେ ବିଭିନ୍ନ ସ୍ଥାନରୁ ରାତିରେ ଫେରିବା ଲୋକ ମାନେ ବେଶୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସେହିପରି ଜେନାପୁର ଷ୍ଟେସନ ନିକଟରୁ ଜେନାପୁର ମେଡ଼ିକାଲ ଯିବା ରାସ୍ତା ଅବସ୍ଥା ନ କହିବା ଭଲ । ଯଦି ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବସ୍ଥା ଏମିତି ତେବେ ବିଭାଗୀୟ ଅଧିକାରୀ ମାନେ କି ପ୍ରକାର ତଦାରଖ କରୁଛନ୍ତି ତାହା ସ୍ପଷ୍ଟ ପ୍ରମାଣିତ ହେଉଛି । ଜାରକା-ଜେନାପୁର ନଦୀ ବନ୍ଧ ରାସ୍ତାର ଜେନାପୁର ଠାରୁ ସାହାଣୀଡ଼ିହ ଏବଂ କୃଷ୍ଣଚନ୍ଦ୍ରପୁର ଦେଇ ୫୩ ନାମ୍ବର ଜାତୀୟ ରାଜପଥକୁ ତାରିଣୀ ଛକ ନିକଟରେ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି । ବିଭାଗୀୟ ଅଧିକାରୀ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହିତ ଗମନାଗମନ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଚିହ୍ନା ଅଚିହ୍ନା





ରମାକାନ୍ତ ସାମନ୍ତରାୟ

ଏବେ ଏତେ ଗହଳିରେ ମୁଁ ତାକୁ ଚିହ୍ନିବି ବା କେମିତି? ପୂରା ଶହେ ଚାଳିଶ କିଲୋମିଟର ମୁଁ ନବେ ସ୍ପିଡରେ ବାଇକ ଚଳେଇ ଆସିଛି । ଏବେ ପୁଣି ଠିକ୍ ସେତିକି ବାଟ ଫେରିବାକୁ ହେବ ।

ତା' ସହରକୁ ମୁଁ ଆଗରୁ ଆଦୌ ଆସିନଥିଲି । ତାକୁ ନଜଣେଇ ପ୍ରଥମକରି ଆସିଥିଲି ଯେ, ଏବେ ଜାଣ ଦେଖାନପାଇ ଫେରିଯିବାକୁ ହେବ ।

ତା'ର ମୋର ଆଗରୁ ଦେଖା ହୋଇନଥିଲା କି ତା' ଫଟୋ କେବେବି ମୁଁ ଦେଖିନଥିଲି । ତାଆରି କଥାରୁ ଯେତିକି ଯାହା ତାକୁ ଜାଣିଥିଲି । ଫେସ୍‌ବୁକରୁ ଆମର ଚିହ୍ନା । ସେ ତା' ଫେସ୍‌ବୁକ୍‌ର ପ୍ରୋଫାଇଲ୍‌ରେ କେବଳ ଫୁଲଙ୍କ ଫଟୋ ଦେଉଥିଲା ଓ ମୁଁ ମୋ ପିଲାଦିନର ଫଟୋ ଗୋଟେ ଦେଇ ବଦଳାଇବାକୁ ଭୁଲି ଯାଇଥିଲି । ସେ ତା' ୱାଲ୍‌ରେ କେବଳ କୋଟେସନ୍ ସେୟାର୍ କରୁଥିଲା ଓ ମୁଁ କେବେବି କିଛି ପୋଷ୍ଟ କରୁନଥିଲି ।

ସେ ହିଁ ମୋତେ ପ୍ରଥମ କରି ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠେଇଥିଲା ଓ ଦିନେ ପୁଣି ମେସେଞ୍ଜରରେ ପ୍ରଥମ କରି ପିଙ୍ଗ୍ କରିଥିଲା । ଆମର ସତର ଜଣ ମ୍ୟୁଚୁଆଲ୍ ଫ୍ରେଣ୍ଡ ଥିଲେ । ମୋର କିନ୍ତୁ ପ୍ରଥମରୁ ସନ୍ଦେହ ଥିଲା ପ୍ରକୃତରେ ବବିତା ରାୟ ନାମରେ ଝିଅଟେ ସତରେ ଅଛି ନା ଏଇଟା ଗୋଟେ ଫେକ୍ ଆଇ.ଡି ।

ଧୀରେ ଧୀରେ ଆମ ଗପର ସମୟ ବଢ଼ିଥିଲା ଓ ଡେରୀ ରାତିରେ ତା' ସହ କଥା ହେବାକୁ ମୋତେ ଭଲ ଲାଗୁଥିଲା । ତାଆରି ସର୍ତ୍ତ ଥିଲା ଆମେ କେହି କାହାକୁ କେବେବି ଭେଟିବାନି କି କେହି କାହାକୁ କେବେବି କଲ୍ କରି କଥା ବି ହେବାନି । କେବଳ ମେସେଞ୍ଜର ଓ ହ୍ୱାଟସ୍ ଆପ୍‌ରେ ଚାଟିଂ କରିପାରିବା । ଆହାଃ ଏମିତି ଗୋଟେ ଅଜବ ପ୍ରେମ କାହାଣୀ ମୋଅରି ଭାଗ୍ୟରେ ଥିଲା ବୋଲି ମୁଁ କେବେବି ଭାବିନଥିଲି ।

ଆମେ ସକାଳ-ସଞ୍ଜ, ଦିନ-ରାତି ପ୍ରବଳ ଗପୁଥିଲୁ । ଆବୁରୁ ଜାବୁରୁ, ଇଆଡୁ ସିଆଡୁ । ସେ ବହୁ ସ୍ପିଡ୍‌ରେ ଲମ୍ବା ଲମ୍ବା ମେସେଜ୍ ଲେଖିପାରୁଥିଲା । ମୁଁ ପାରୁ ନଥିଲି । କେବେ କେବେ ସେ ଚାରିଦିନ ଗାୟବ ରହୁଥିଲା ତ କେବେ ପୁଣି ରାତି ସାଢ଼େ ତିନି ପର୍ଯ୍ୟନ୍ତ ଚାଟିଂ କରୁଥିଲା । ତଥାପି ମୁଁ ତା' ବିଷୟରେ ବେଶି କିଛି ଜାଣି ନଥିଲି । ତା' ସହର କଥା ମୁଁ ଜାଣିଥିଲି କିନ୍ତୁ ତା' ପରିବାର କଥା କିଛି ଜାଣିନଥିଲି । ତା'ର ପସନ୍ଦ ଅପସନ୍ଦ ଜାଣିଥିଲି କିନ୍ତୁ ତା' ରୂପ ଦେଖିନଥିଲି କି ତା' ସ୍ୱର ଶୁଣିନଥିଲି । ସେ ମୋର ବ୍ୟକ୍ତିଗତ କଥା କେବେବି ପଚାରୁନଥିଲା ବୋଲି ମୁଁ ବି ପଚାରିପାରୁନଥିଲି । ଧୀରେ ଧୀରେ ମୁଁ ଜାଣି ସାରିଥିଲି ତା' ସହ କୋଉ ବିଷୟରେ କଥା ହେବି ଓ କୋଉ ବିଷୟରେ ହେବିନି । ମୁଁ ତାକୁ ଗେହ୍ଲାରେ ବିଲେଇ ଡାକୁଥିଲି ତ ସେ ଗେହ୍ଲାରେ ମୋତେ ମେଘ ଡାକୁଥିଲା । ମୁଁ କେବେ କେବେ ତା'ର ସବୁ କଥାକୁ ମିଛ ଭାବୁଥିଲି ତ କେବେ ଶହେରୁ ଶହେ ସତ ଭାବୁଥିଲି । ତା' ବିଷୟରେ ମୋର କୌଣସି ସାଙ୍ଗସାଥି କିଛି ବି ଜାଣିନଥିଲେ । ସେ ମୋର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର ଥିଲା । କିନ୍ତୁ ତା'ର ଗୋଟେ ପୁଅ ସାଙ୍ଗ ମୋ ବିଷୟରେ ଜାଣିଛି ବୋଲି ସେ କହୁଥିଲା ।

ମଝିରେ ମଝିରେ କେବଳ ଥରୁଟେ ହେଉ ପଛେ ଦେଖା କରିବାକୁ ମୁଁ ଢେର ଜିଦି କରୁଥିଲି । ସେ କିନ୍ତୁ ଏଡ଼େଇ ଯାଉଥିଲା । ମୁଁ ରାଗି ରୁଷି କେଇଦିନ ତାକୁ ବ୍ଲକ୍ କରୁଥିଲି ଅବା ତା' ମେସେଜ୍‌ର ଉତ୍ତର ଦେଉନଥିଲି । ସେ ବି ବେଶୀ କିଛି ବୁଝଉନଥିଲା ମୋତେ ।

ଜାଣିଥିଲି ତାଙ୍କ ସହରର ଟାଉନ୍ ହଲ୍ ପାଖରେ ଗୋଟେ ପାର୍କ ଅଛି ଓ ଜାଣିଥିଲି ସବୁ ରବିବାର ସନ୍ଧ୍ୟାରେ ସେ ସେଇଠିକି ଯାଏ । ଦିନେ ଶନିବାର ରାତିରେ ମୁଁ ଲେଖିଲି କାଲି ତ ଛୁଟି... ଯିବି କି? ସେ ହଁ କି ନା କିଛି କହିଲାନି । ସବୁଥର ପରି କେବଳ ସ୍ମାଇଲି ଇମୋଜି ଗୋଟେ ପଠେଇ ମୋ କଥାକୁ ଏଡ଼େଇ ଗଲା ।

ମୁଁ ଚିଡ଼ିକି ରାଗିଗଲି ଓ ଭାବିଲି ଏଥର ନିଶ୍ଚୟ ଯିବି । ରବିବାର ସନ୍ଧ୍ୟାରେ ତାକୁ ତା' ସହରରେ ଯାଇଁ ଭେଟିବି ।

ମୁଁ ତା' ସହରର ଟାଉନହଲ୍ ପାଖ ପାର୍କରେ ପହଞ୍ଚି ଦେଖିଲି ସେଠି ରବିବାରିଆ ପ୍ରବଳ ଗହଳି । ଅନେକ ଝିଅ-ପୁଅ, ବୁଢ଼ା-ବୁଢ଼ୀ ଓ ସାନ ସାନ ପିଲା ଓ ସେମାନଙ୍କ ବାପା ମା । କୋଉଠି ହଳି ହଳି ହୋଇ ପ୍ରେମୀ ଯୁଗଳ ବସିଛନ୍ତି ତ କୋଉଠି ପଲେ ପଲେ ପୁଅ ଝିଅ ଅଲଗା ଖଟି କରୁଛନ୍ତି । ଏତେ ଗହଳିରେ ବବିତା ରାୟକୁ ଏବେ ମୁଁ ଚିହ୍ନିବି କେମିତି? ହ୍ୱାଟସ୍ ଆପ୍ ଖୋଲିଲି । ତା' ଲାଷ୍ଟ ସିନ୍ ସକାଳ ଦଶଟା ପନ୍ଦର ଦେଖାଉଛି । ମୋର ଛଅଟା ମେସେଜ ଅନ୍‌ସିନ୍ ହେଇ ପଡ଼ିଛି । ତଥାପି ମୁଁ ଲେଖିଲି 'ବିଲେଇ ମୁଁ ଏବେ ତୋ ସହରରେ ।' ତାପରେ ପୂରା ପାର୍କ ଆଖି ପକେଇଲି ତନୁପାତଳୀ ସାବନୀ ଝିଅଟେ କୋଉଠି ବସିଛି କି? ମୁଁ ତାକୁ ମୋ' ମନରେ ଯେମିତିକା ଭାବିଥିଲି ସେମିତିକା ଅନେକ ଝିଅ ପାର୍କରେ ଥିଲେ । ମନା ଥିଲେ ବି ତା' ନମ୍ବରରେ କଲ୍ କଲି । ଫୋନ୍ ତା'ର ସୁଇଜ୍ ଅଫ୍ ।

ଚାରି ଆଡ଼କୁ ଚାହିଁଲି କେହି ଜଣେ ବି ମୋ ଆଡ଼କୁ ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ଯେଝା ବାଟରେ ବ୍ୟସ୍ତ । ଛଅ ଥର ପାର୍କର ଏମୁଣ୍ଡ ସେମୁଣ୍ଡ ଦରାଣ୍ଡିଲା ପରେ ମୁଁ ଅସହାୟ ହୋଇ ଶେଷରେ ବାହାରକୁ ବାହାରି ଆସିଲି । ବାଇକ୍ ଉପରେ ବସି ସିଗାରେଟ୍ ଲଗେଇଲି ଓ ଗୋଟେ ଲମ୍ବା ମେସେଜ୍ ଟାଇପ୍ କଲି । ପାର୍କ ବାହାରେ ଚାର୍ଟ ଓ ଗୁପ୍‌ଚୁପ୍ ବାଲାଙ୍କ ଠେଲା । ପାର୍କରୁ ବାହାରି ଚାର୍ଟ ଓ ଗୁପ୍‌ଚୁପ୍ ଖାଉଥିବା ପୁଅ ଝିଅଙ୍କୁ ଦେଖିଲି ଓ ବାଇକ୍ ଷ୍ଟାର୍ଟ କଲି । ସଞ୍ଜ ଗଡ଼ି ରାତି ହେଇସାରିଥିଲା । ଏବେ ମୋତେ ଶହେ ଚାଳିଶ କିଲୋମିଟର ଏକା ଏକା ଫେରିବାକୁ ହେବ ।

ଘରେ ପହଞ୍ଚିଲା ବେଳକୁ ରାତି ଗୋଟେ ପନ୍ଦର । ପେଟରେ ଆଉ ଭୋକ ନଥିଲା । କେମିତି ଗୋଟେ ବିରକ୍ତିକର ଫାଙ୍କା ଫାଙ୍କା ଉଦାସ ଉଦାସ ଲାଗୁଥିଲା ମନ । ଧୁଆଧୋଇ ନହୋଇ ବିଛଣାରେ ଗଡ଼ିଗଲି । ଫୋନ୍ ଖୋଲି ଦେଖିଲି ହ୍ୱାଟସ୍ ଆପ୍‌ରେ ତା' ଲାଷ୍ଟ ସିନ୍ ଏବେବି ସେଇ ସକାଳ ଦଶଟା ପନ୍ଦର । ମୋର କୌଣସି ମେସେଜ୍ ବ୍ଲୁ ଟିକ୍ ହୋଇନାହାନ୍ତି । ସବୁଗୁଡ଼ା ଅନସିନ୍ ମେସଜ୍‌କୁ ଡିଲିଟ୍ ଫର୍ ଅଲ୍ ମାରିଦେଲି । ମେସେଞ୍ଜରକୁ ଯାଇଁ ଦେଖିଲି ସେ ଅନ୍‌ଲାଇନ୍ । ପ୍ରବଳ ରାଗ ଲାଗିଲା । କିଛି କହିବିନି ଭାବିଲି । ଭାବିଲି ଆଜି ହିଁ ତାକୁ ବ୍ଲକ୍ କରିବି ଓ ତା' ନମ୍ବର ସବୁଦିନ ପାଇଁ ଡିଲିଟ୍ କରିଦେବି ।

'ଶୋଇନ କି?' ମୁଁ ପଚାରିଲି । ପଚାରି ସାରି ନିଜ ଉପରେ ରାଗିଲି ଓ କାହିଁକି ପଚାରିଲି ଭାବୁଛି ତ, ମୋ ପ୍ରଶ୍ନର ଉତ୍ତର ନଦେଇ ସେ ଓଲଟି ପଚାରିଲା 'କୋଉଠି?'

-'ଘରେ...ଏତେ ରାତିରେ ଆଉ କୋଉଠି ଥାଆନ୍ତି?'

ସେ ହସ ଇମୋଜି ଗୋଟେ ପଠେଇଲା । ନାଳିପାନ ଥିବା ଆଖି ଓ ଗାଲରେ ନାଳିପାନ ଲଗା ଇମୋଜି ସାଙ୍ଗରେ ଲେଖିଲା 'ଆଛା ଭଲରେ ଭଲରେ ଘରେ ପହଞ୍ଚିଗଲ ତେବେ...'

ତା'ପରେ ମୁଁ କିଛି ଲେଖିଲା ଆଗରୁ ଧଡ୍ କରି ଅଫ୍ ଲାଇନ୍ ହେଇଗଲା... । ■

ଫ୍ଲାଟ ନଂ-୨୦୨, ଏମ୍.ଆଇ.ଜି.-୨
ଦେବାଶ୍ରମ, ଏସ୍.ବି.ଆଇ. କଲୋନି, କେଶୁରା
ଭୁବନେଶ୍ୱର-୭୫୧୦୦୨
ମୋ: ୯୮୭୧୧୨୪୧୭୩

# ପୁସ୍ତକ ଓ ପତ୍ରିକା ପରିଚୟ

## କବି ସତ୍ୟାନନ୍ଦଙ୍କ କାଞ୍ଜିଆଗଡ଼

ସଂକଳକ
ସତ୍ୟବାଦୀ ବଳିଆରସିଂହ



ସତ୍ୟାନନ୍ଦ ଚମ୍ପତିରାୟ ସ୍ମୃତି ସଂସଦ
ହଜ, ଖୋର୍ଦ୍ଧା
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୭୫ ଟଙ୍କା

ସାରସ୍ୱତ ସାଧକ ସତ୍ୟାନନ୍ଦ ଚମ୍ପତିରାୟ ଏକାଧାରରେ ଥିଲେ ଜଣେ କବି, ପ୍ରାବନ୍ଧିକ, ସାମ୍ବାଦିକ, ବିଧାୟକ । ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ସମାଜର ଦିଗ୍‌ଦର୍ଶକ ଥିଲେ । ତାଙ୍କ ଜୀବନ, କୃତିକୁ ନେଇ 'କବି ସତ୍ୟାନନ୍ଦଙ୍କ କାଞ୍ଜିଆଗଡ଼' ପୁସ୍ତକକୁ ସଂକଳିତ କରିଛନ୍ତି ଐତିହାସିକ ସତ୍ୟବାଦୀ ବଳିଆରସିଂହ । ଏହି ପୁସ୍ତକରେ ସତ୍ୟାନନ୍ଦ ଚମ୍ପତିରାୟଙ୍କ 'କାଞ୍ଜିଆଗଡ଼ର ସେକାଳ କଥା' ଖଣ୍ଡ କାବ୍ୟ ସହିତ ତାଙ୍କର ସଂକ୍ଷିପ୍ତ ଜୀବନୀ ପ୍ରକାଶ ପାଇଛି । ସେ ଥିଲେ ଜଣେ କର୍ମଯୋଗୀ ଓ ଜନସେବକ । ତଥାପି ସାହିତ୍ୟ ସାଧନାରେ ସାରା ଜୀବନ ବ୍ରତୀ ହୋଇ ରହିଥିଲେ । ତାଙ୍କ ରଚିତ ୨୧ ଖଣ୍ଡ ପୁସ୍ତକ ମଧ୍ୟରୁ 'କାଞ୍ଜିଆଗଡ଼ର ସେକାଳ କଥା' ଅନ୍ୟତମ । କାଞ୍ଜିଆଗଡ଼ ହେଉଛି ବୀର ମାଟି । କରଞ୍ଜିଆଗଡ଼ର ଇତିହାସ, କିମ୍ବଦନ୍ତୀ, ବୀରତ୍ୱର ଗାଥା ଆଦି ଏହି ପୁସ୍ତକରେ ବର୍ଣ୍ଣିତ । ଏହି ଖଣ୍ଡକାବ୍ୟରେ ସାତୋଟି ସର୍ଗ ରହିଛି । ସରଳ ଭାଷା, କାବ୍ୟିକ ଭାବ, ପ୍ରାକୃତିକ ବର୍ଣ୍ଣନା ଯୋଗୁଁ କାବ୍ୟଟି ଅଧିକ ସୁଖପାଠ୍ୟ ହୋଇଛି । ଏହି ପୁସ୍ତକରେ ସୁସାହିତ୍ୟିକ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସଂକ୍ଷିପ୍ତ ଜୀବନୀ, ତାଙ୍କର ଶେଷ ସାକ୍ଷାତକାର ପ୍ରକାଶ ପାଇଛି । ସତ୍ୟାନନ୍ଦଙ୍କ ଜୀବନ ଓ କୃତି ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । 'କବି ସତ୍ୟାନନ୍ଦଙ୍କ କାଞ୍ଜିଆଗଡ଼' ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଭକ୍ତି ପ୍ରଣତି


ପୁଷ୍ପିତା ଜେନା



ଉଦୟ ପବ୍ଲିକେଶନ୍
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୭
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୦ ଟଙ୍କା

"ତୋର ଚରଣତଳେ ମଥାନତ କରି/ ମା' ଗୋ ତୋ କୃପା, କରୁଣା/ ସଦାସର୍ବଦା ମା', ମୁଁ ତୋ ପାଦେ ଆଶାୟୀ/ ଜଗଜ୍ଜନନୀ, ଭୟବିନାଶିନୀ/ କୃପାଦାୟିନୀ ମା'! (ସିଂହବାହିନୀ ମା'!) ମା' ଜଗଜ୍ଜନନୀ, ସିଂହବାହିନୀଙ୍କ ଆଶିଷ ଲାଭ କଲେ ଜୀବନର ସବୁ ଦୁଃଖକଷ୍ଟ ଅପସରି ଯାଏ । ମା' ହେଉଛନ୍ତି ଶାନ୍ତିଦାୟିନୀ, ଶକ୍ତିସ୍ୱରୂପିଣୀ । ଭକ୍ତି ରସସିକ୍ତ କେତୋଟି କବିତାକୁ ନେଇ ପ୍ରକାଶ ପାଇଛି ପୁଷ୍ପିତା ଜେନାଙ୍କ 'ଭକ୍ତି ପ୍ରଣତି' ପୁସ୍ତକ । ଏହି ପୁସ୍ତକରେ ସଂକଳିତ 'ଜଗା କାଳିଆ', 'ଜୟ ଜଗନ୍ନାଥ', 'ବଡ଼ ଠାକୁର', 'ମହା ଶିବରାତ୍ରି', 'ଓଁ ନମଃ ଶିବାୟ', 'ଗଣନାୟକ', 'ବାଗ୍‌ଦେବୀ ମା' ବୀଣାପାଣି', 'ସିଂହବାହିନୀ ମା', 'ମାତୃଶକ୍ତି', 'କରୁଣାମୟୀ ମା' ଆଦି କବିତାଗୁଡ଼ିକରେ ହୃଦୟର ଅସୀମ ଭକ୍ତି, ଶ୍ରଦ୍ଧାକୁ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ କବି ପ୍ରଣତି ବାଢ଼ିଛନ୍ତି । ସେଭଳି 'ଜନ୍ମ ଦିବସ', 'ଜନ୍ମ ଦିନର ଉପହାର', 'ନୂତନ ବର୍ଷ ମାତୃକରୁଣାରେ ଭରିଯାଉ', 'ମା' ଆନନ୍ଦମୟୀ କରୁଣା ମୁଁ ମାଗେ' ଆଦି କବିତାରେ ଦିବ୍ୟ ଜନନୀ ଶ୍ରୀମା, ଯୁଗ ପୁରୁଷ ଶ୍ରୀଅରବିନ୍ଦଙ୍କ ଜୀବନ, ଦର୍ଶନ ଓ ସେମାନଙ୍କ ପ୍ରତି ସମର୍ପିତ ଭାବନା ପ୍ରତିଫଳିତ ହୋଇଛି । 'ଭକ୍ତି ପ୍ରଣତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସାକ୍ଷୀ



ଡକ୍ଟର ଚିତ୍ତରଞ୍ଜନ ମିଶ୍ର



ସବୁରି ଭାଗ୍ୟରେ ଅଗ୍ନି ପରୀକ୍ଷା ନିଶ୍ଚିତ
ଦୌଡ଼ିବାକୁ ଥିବା ରାସ୍ତା ସରିଗଲା ପରେ
ଦୌଡ଼ିବା, ଚାଲିବା କିମ୍ବା ବୁହା ହୋଇ ଯିବା
ସବୁ ମିଛ ହୋଇଥାଏ
ପରୀକ୍ଷାର ଘଣ୍ଟା ବାଜିଗଲେ ।
ସେଦିନ ତୁମରି ଦେହ ଫୁଲ ଢାଙ୍କି ହୋଇ
ଶୋଇଥିଲା ଚିତ୍ ହୋଇ ସମାଧିସ୍ଥ ସ୍ୱପ୍ନଙ୍କ ସାଥିରେ ।
ମୁଁ ଦେଖିଲି ନୀରବରେ
କ୍ଷତ ଚିହ୍ନ ତୁମରି ପାଦରେ
ତୀର କାଢ଼ି ଦେଲାପରେ ରକ୍ତସ୍ରାବୀ ଯନ୍ତ୍ରଣାର
ଅନ୍ତ ହେଲାପରେ ।
ତୁମେ କିନ୍ତୁ ଏତେ ସ୍ଥିର କେମିତିକା ରହି ପାରିଥିଲ?
ଆତ୍ମ ବିଦାୟର ଦୃଶ୍ୟ ଆପେ ଦେଖୁଥିଲ ।
ଶୁଣାଇଲ ଶେଷ ଯାଏଁ ବଂଶୀ ସୁରେ
ବିରହର ବ୍ୟଥା ଯେତେ ଥିଲା
ସେ ସୁରରେ ପ୍ରୀତିଝରା ମେଘ ଯେତେ
ବରଷିଲା, ସ୍ୱର୍ଗଦ୍ୱାର ସମୁଦ୍ର ଭିଜିଲା ।

ଥର ଥର କମ୍ପୁଥିଲା ସତ୍ତା ମୋର ଧନୁ ପରି ବାଙ୍କି
ନୀଳ ନିଆଁ ଶୀତଳ ଶେଯରେ
ତୁମେ ଥିଲ ଆଖି ବୁଜି

ପଥର ପ୍ରତିମା ପରି
ସାକ୍ଷୀ ଥିଲୁ ଆମେ ସେଠି
ଅଧା ଅଧା ଜଳି । ■

(କବି ରମାକାନ୍ତ ରଥଙ୍କୁ ସମର୍ପିତ)

ମଞ୍ଜୁଳା ରେସିଡେନ୍ସି
ୱାଟର ୱର୍କ୍ସ ରୋଡ୍, ପୁରୀ -୭୫୨୦୦୨

# ସନ୍ଧାନ

ଡକ୍ଟର ଅଭୟ ନାରାୟଣ ନାୟକ



ଆ'
ନିକଟରୁ ନିକଟତର
ବିତିଯାଏ ପ୍ରହର ପରେ ପ୍ରହର
ଶେଷ ବତୀଖୁଣ୍ଟର ଆଲୁଅ ଲିଭିବା ଯାଏ
ମୁଁ ଲୋଡୁଥିବି କ୍ଲାନ୍ତ ବିଭାବରୀର କୋଳ
ମୋର ଅନ୍ଧାରର ଲୋଡ଼ାପଣ ନୁହେଁ ଅନ୍ଧତ୍ୱ
ଆଖିଖୋସି ଦେଉଥିବା ଆଲୋକର ରୋଷଣିରେ ବି
ତମେ ଆଲୁଅର ଶତ୍ରୁ
ମିତ୍ରତା କରୁଛ କିଟିକିଟି ଅନ୍ଧାର ସହ
ପିଇ ଚାଲିଛ ତୁମ ଚୟନର ପିୟୁଷ
ଆଖିବୁଜି ଦେଇ ନିର୍ବିକାର
ଅଥଚ, କହୁଛ ମୋର ଦୃଷ୍ଟି ତ
ଏକାଥରେ ଦର୍ଶନ ଅନ୍ଧତ୍ୱର

ଲୋଡ଼ା ନାହିଁ ଏଠି ପରୀକ୍ଷା ଦେବା
ପବିତ୍ରତାର
ଜାଣିଛି ଗଣିକା ଲୋଡ଼େ ନାହିଁ ସତୀତ୍ୱ
ହଜାଇ ସାରିଥିବା ଜ୍ଞାନର ଦୀପ୍ତି
ସହଭାଗୀ ଲୋଡ଼େ ଅନ୍ଧତ୍ୱ
ଯାହା ଆଲୁଅ, କାଲିବି ଥିଲା,
ଆଜି ବି ଅଛି, ରହିବ ଆସନ୍ତା କାଲିଯାଏ

ତୁମେ ହୁଏତ କହିପାର
ଅନ୍ଧାରର ବିପଣୀରେ
ତୁମେ ନିଜେହିଁ ମାଲିକାରର ତଦାରଖ
ରଖୁଥିବା ଆଲୋକର
ନବ୍ୟ ଈଶ୍ୱର
ଅଥଚ, ଘୃଣାକର ଆଲୋକର
ସନ୍ଧାନରେ ଥିବା ସତ୍ତାକୁ
କହିପାର ଯେଣୁ ଆଲୋକର ଅନ୍ୱେଷା ହିଁ ଅନ୍ଧତ୍ୱ । ■

ଉପନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ- ୯, ଜନପଥ, ଭୁବନେଶ୍ୱର-୨୨
ମୋ: ୯୪୩୭୮୯୨୫୪୦

## ରେବତୀ

ସଂପାଦିକା
ସୁବାସିନୀ ଜେନା



ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚର ପତ୍ରିକା 'ରେବତୀ'ର ଅଗଷ୍ଟ ୨୦୨୫ ପ୍ରକାଶ ପାଇଛି । ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗଳ୍ପ, ଫିଚର ଆଦିରେ ସମୃଦ୍ଧଶାଳୀ ହୋଇଛି । ନାରାୟଣ ରାଉତରାୟଙ୍କ 'ଓଁ ଶ୍ରୀ ଗଣେଶାୟ ନମଃ', ଅଭୟ ଦ୍ୱିବେଦୀଙ୍କ 'ମହାରାଣୀ ଆବାକ୍କା', ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ସଂଗ୍ରାମ ସ୍ରୋତରେ ସମ୍ବାଦପତ୍ର', ଡକ୍ଟର ଫକୀର ମୋହନ ନାହାକଙ୍କ 'ଜାଲିଆଁୱାଲା ବାଗ୍', ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ 'ସଉରା ସଂଗ୍ରାମୀ', ମଣୀନ୍ଦ୍ର କୁମାର ମେହେରଙ୍କ 'ନିଷ୍କଳଙ୍କ ନିକୁଞ୍ଜ ବିହାରୀ' ଆଦି ଆଲେଖ୍ୟଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ସୌଭାଗ୍ୟବନ୍ତ ମହାରଣା, ଗଙ୍ଗାଧର ବିଶ୍ୱାଳ, ବିଜୟ ମଲ୍ଲ, ପ୍ରଦୀପ କୁମାର ପଣ୍ଡା, ରସାନନ୍ଦ ସାହୁ, ସୁରଞ୍ଜନ ପାତ୍ର, ଯାଦବେନ୍ଦ୍ର ସାହା, ଅନସୂୟା ପଣ୍ଡା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଡାକ୍ତର ସୁଷମା ଚୌଧୁରୀ ଓ ରେବା ପଟ୍ଟନାୟକଙ୍କ ଗପ ଦୁଇଟି ମାର୍ମିକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ରୋଷେଇଶାଳ', 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ଉପାଦେୟ ଓ ଆକର୍ଷଣୀୟ ହୋଇଛି । ସଂପୂର୍ଣ୍ଣ ରଙ୍ଗିନ 'ରେବତୀ'ର ଏହି ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■

# ଆଧୁନିକ କ୍ଷୁଦ୍ରଗଳ୍ପରେ କୋଟିଜୀବନର ସ୍ୱର

ଡକ୍ଟର ଦିଗମ୍ବର ଗିରି



ଆଜି ମଣିଷର ଅନୁଭୂତି ଭିତରୁ ଉଙ୍କି ମାରୁଛି ବଞ୍ଚିବାର ଆବଶ୍ୟକତା ସଂପର୍କରେ ନାନା ଜଟିଳ ପ୍ରଶ୍ନ । ଯେଉଁ ପ୍ରଶ୍ନବାଚୀ ଏକ ନୀରବ ଆତ୍ମସ୍ୱର ହୋଇ ଓଡ଼ିଆ କ୍ଷୁଦ୍ରଗଳ୍ପକୁ କରି ଚାଲିଛି ଚରିତାର୍ଥ । ମଣିଷର ମନସ୍ତାତ୍ତ୍ୱିକ ପ୍ରବାହ ଓ ଅନ୍ତର୍ଗତ ଚେତନାକୁ ଅଧିକ ପ୍ରାସଙ୍ଗିକ କରି ପ୍ରକାଶ କରିବାକୁ ଗଳ୍ପଶୈଳୀ ହୋଇଛି ଘଟଣାପୂର୍ଣ୍ଣ । ଅନେକ ଆଶା, ଆକାଂକ୍ଷା, କ୍ଷୁଦ୍ରଗଳ୍ପର ବ୍ୟାପ୍ତି ଓ ବୈଚିତ୍ର୍ୟକୁ ନୂଆ ନୂଆ ରୂପରେ ନୂଆ ଅନୁଭବରେ ଆଣି ଦେଇଛି ସାର୍ଥକତା । ଜୀବନର ସ୍ମରଣୀୟ ମୁହୂର୍ତ୍ତଟିଏ ମଣିଷର ମର୍ମସନ୍ଧିକୁ ଭେଦ କରୁଛି । ନିଜ ନିଜର ସ୍ଥିତି ଓ ପରିପାର୍ଶ୍ୱ ଭିତରେ ବଞ୍ଚିବାର ଜିଜ୍ଞାସା , ଜୀବନର ଗତିଶୀଳତା ଓ ପ୍ରତିଶ୍ରୁତିର ପଥ ଓ ପୃଥିବୀ ତାକୁ ଉଦ୍‌ବୁଦ୍ଧ କରିଛି । ଅନୁଭବିଛି ଜୀବନର ବାସ୍ତବତା ଓ ଜୀବନର ଚରମ ସତ୍ୟକୁ । ଏକ ବିଶେଷ ଭାବବୋଧ, ଆବେଗ ଆଡ଼କୁ ଟାଣି ହୋଇଯାଉଛି ଏବଂ ତା' ଭିତରେ ସୃଷ୍ଟି ହେଉଛି ଜୀବନ ପ୍ରତି ଏକ ଗଭୀର ପ୍ରତ୍ୟାଶା ।

ଜୀବନର ଅସ୍ଥିରତା ଓ ଅସହାୟତା ଭିତରେ ବି ସେ ବିମୁଖ ହୋଇ ନାହିଁ, ବରଂ ଜୀବନପ୍ରତି ଆତ୍ମୀୟତାର କଥା କହୁଛି ସାମ୍ପ୍ରତିକ କ୍ଷୁଦ୍ରଗଳ୍ପ । ଜୀବନ ସହିତ ଯୋଡ଼ି ହୋଇଯାଉଛି ନୂଆ ବିଶ୍ୱାସ, ନୂଆ ସମ୍ଭାବନା । ନୂଆ ସୂର୍ଯ୍ୟୋଦୟ ଭିତରେ ନୂଆ ଜୀବନକୁ ପୁଣିଥରେ, ଦେଖିବାକୁ ମନେ ହୁଏ ଆଜିର ଗାଳ୍ପିକମାନେ ଅଧିକ ବଶମ୍ବଦ । ଜୀବନର ନାନା ସ୍ମୃତି, ବିସ୍ମୃତି ପରି ଗଳ୍ପର ଭାବ ମଣ୍ଡଳରେ ପାଠକ ନିଜକୁ ଖୋଜି ପାଉଛି । ନିଜେ ନିଜର ନିବିଡ଼ତାକୁ ଦେଖି ଜୀବନନିଷ୍ଠ ହୋଇ ପଡୁଛି । ସୃଷ୍ଟି ହେଉଛି ଜୀବନ ପ୍ରତି ପ୍ରବଣତା, ଯାହାକୁ ପାଥେୟ କରି ସେ ପୁଣି ଥରେ ବାହାରି ପଡୁଛି ଅତିକ୍ରମ କରିବାକୁ ଅବଶିଷ୍ଟ ପଥ ।

ବିବର୍ତ୍ତିତ ସମୟର ପ୍ରବାହରେ ନୂତନ ଅଭିଜ୍ଞତା ଓ ଭାବକଳ୍ପନା ନେଇ କ୍ଷୁଦ୍ରଗଳ୍ପର କାୟା ଓ କଳେବର ବୃଦ୍ଧି ପାଇଛି । ବଦଳିଛି ଗଳ୍ପଧାରା । ବଦଳିଛି ପ୍ରକାଶ ଭଙ୍ଗୀ । ରଚନା ଶୈଳୀ ହୋଇଛି ଆଜିର କ୍ଷୁଦ୍ରଗଳ୍ପର ଗତିଶୀଳ ରୂପ । ପ୍ରଭାବଶାଳୀ ଭାବସ୍ପନ୍ଦନ, ନାଟକୀୟତା, ଜୀବନ ପ୍ରତି ଇଙ୍ଗିତ ଭିତରେ ଜୀବନ ସତ୍ୟ ଓ ପୂର୍ଣ୍ଣତା । ଗୁଢ଼ତର ପରିଣତିରେ ବକ୍ତବ୍ୟ ବେଶ୍ ଗମ୍ଭୀର ଓ ଭାବପୂର୍ଣ୍ଣ । ଗଳ୍ପ ଚରିତ୍ରମାନଙ୍କ ମୁଖର କଥା ଭିତରେ ଆଜିର ମଣିଷ ଶୁଣୁଛି ନିଜେ ନିଜର ସ୍ୱର । ଚରିତ୍ରମାନେ ପ୍ରତିନିଧି ସାଜି ଆସୁଛନ୍ତି ଗଳ୍ପ ପରିସରକୁ ଯୋଡ଼ି ଦେଉଛନ୍ତି ବ୍ୟକ୍ତିବିଶ୍ୱ ସହିତ ବିଶ୍ୱ ମଣିଷର ସମ୍ପର୍କ । ସେମାନଙ୍କ ମନୋଭଙ୍ଗୀ ଓ ଭାବନା ହୋଇଯାଉଛି କୋଟି ଜୀବନର ସ୍ୱର ଓ ପାଠକଟିଏ ହୋଇ ଯାଉଛି ଚେତନାଶ୍ରୟୀ ।

ବଞ୍ଚିବାର ଜୀବନଶୈଳୀରୁ ଓଡ଼ିଆ କ୍ଷୁଦ୍ର ଗଳ୍ପର ଶିଳ୍ପ ପ୍ରତ୍ୟୟ ନିରୂପଣ କରିବା ବା କ୍ଷୁଦ୍ରଗଳ୍ପର ସଂଜ୍ଞା କାଢ଼ିବା, ନିର୍ଦ୍ଦିଷ୍ଟତାକୁ ନିରୂପଣ କରିବା ଆଉ ଏଠି ପ୍ରଭାବିତ କରିପାରୁ ନାହିଁ । ଆଜିର କ୍ଷୁଦ୍ରଗଳ୍ପ ହୋଇଯାଇଛି ସ୍ୱୟ ରୂପକଟିଏ । ସଂକ୍ଷେପରେ କହିବାକୁ ଗଲେ, ଜୀବନ୍ତ ପରମ୍ପରା ନବୀକରଣ ବିରୋଧୀ ନୁହେଁ ।

ଆଜି ଆମକୁ ନିଜ ନିଜ ଭିତରକୁ ଅନେଇବାକୁ ପଡ଼ିବ । ବର୍ତ୍ତମାନର ବ୍ୟକ୍ତି ଜୀବନ, ସାମାଜିକ କ୍ରିୟା- ପ୍ରତିକ୍ରିୟା, ରାଜନୀତିକ ଜୀବନ , ସାହିତ୍ୟ ଓ ସଂସ୍କୃତି ଗଭୀର ଆତ୍ମ ନିରୀକ୍ଷଣର ସମୟ ଆସିଛି । ମଣିଷ ଭିତରେ ଏ ନୂଆ ଚେତନାର ଅନୁଭବ ସାର୍ବଜନୀନ । ପ୍ରତିଟି ମଣିଷର ଜୀବନ ଜିଜ୍ଞାସା ପରି ସର୍ବତ୍ର ସମଭାବରେ ଏହା ଘଟୁଛି । ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଜଗତୀକରଣ, ଉପଭୋକ୍ତାବାଦ ତଥା ବାହାରର ଚାକଚକ୍ୟ, ଶିକ୍ଷିତ ଗୋଷ୍ଠୀକୁ ନୀତି ଆଦର୍ଶ ପଥରୁ କ୍ରମଶଃ ଦୂରେଇ ଦେଉଛି । ଦ୍ରୁତ ଶିଳ୍ପାୟନ, ନଗର ଜୀବନର ବାସ୍ତବତା ମଧ୍ୟରେ, ମାନବିକ ମୂଲ୍ୟବୋଧ ଅଣନିଶ୍ୱାସୀ । ମୂଲ୍ୟବୋଧର ଅବକ୍ଷୟ ସର୍ବତ୍ର ଦେଖିବାକୁ ମିଳିଛି । ଗାଁ ଭିତରକୁ ପଶି ଆସୁଛି ସହର । ଦେଶରେ ଭିତରେ ଘୁରିବୁଲୁଚି, ଭୂତ ପରି ଭ୍ରଷ୍ଟାଚାର ସାମ୍ପ୍ରଦାୟିକତା, ମାଓ ଓ ସନ୍ତ୍ରାସ । ପ୍ରଶାସନିକ ସ୍ଥାଣୁତା ପ୍ରସାରିତ କରି ଚାଲିଛି ତା'ର ପତିଆରା ସବୁର ମିଳିତ ସ୍ୱର । ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର । ନିଜ ନିଜ ପରିଚିତ ଅନୁଭୂତି ଓ ଅନୁଭବର ପରିଧି ମଧ୍ୟରେ ଆପଣାକୁ ଆଜି ମନରେ ଉଲ୍ଲସିତ ହୋଇପଡୁଛି ସହୃଦୟ ପାଠକ ।

ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର ହେଉଛି ଅନ୍ତର୍ନିହିତ ସ୍ୱର । ଏହି ସାବଲୀଳ ସ୍ୱର ସୃଷ୍ଟି କରି ଚାଲିଛି ଏକ କୋମଳ ମୂର୍ଚ୍ଛନା । ବାହାରେ ଶୁଭୁଛି, ଅସଂଖ୍ୟ କୋଳାହଳ, ଧାଁ, ଦଉଡ଼, ପ୍ରତିଯୋଗିତା, କିନ୍ତୁ ହୃଦୟ ଭିତରେ ଏକ ନିରୋଳା ନିଃସଙ୍ଗ ମୁହୂର୍ତ୍ତ ଯେଉଁଠି ଜୀବନ ଯନ୍ତ୍ରଣାର ଘନିଷ୍ଠ ସ୍ୱରଟି ଆବେଗ ଓ ଆତୁରତାରେ ଫେଣ୍ଟା ପେଣ୍ଟି । ଆଜିର ଗଳ୍ପର ଶକ୍ତି ପାଠକକୁ ଆତ୍ମହରା କରି ପକାଉଛି । ମଣିଷର ପ୍ରାପ୍ତି, ଅପ୍ରାପ୍ତି, ଦୁଃଖ କାରୁଣ୍ୟର କଥା ଅସହାୟତା ଭିତରେ ଅର୍ଥ ଖୋଜୁଥିବା ମଣିଷଟି ପାଇଁ ଆଶ୍ୱାସନାର ଆଶ୍ରୟସ୍ଥଳୀ ପାଲଟି ଯାଇଛି । ସ୍ୱସ୍ତିରେ ଟିକିଏ ନିଶ୍ୱାସ ମାରି ଜୀବନକୁ ସକ୍ରିୟ କରିଛି । ନିଜର ଅପୂର୍ଣ୍ଣତା ତୁଲି ଜୀବନ ହୋଇଉଠିଛି ସ୍ୱପ୍ନିଳ ଓ ଗୀତିମୟ । ଏହିପରି ବିଭିନ୍ନ ଭାବ ଓ ମାପରେ ଆଜିର ଗଳ୍ପକୁ ଯେଉଁ ଗାଳ୍ପିକମାନେ ଋଦ୍ଧିମନ୍ତ କରିଛନ୍ତି ସେମାନେ ହେଲେ ଅଖିଳ ମୋହନ ପଟ୍ଟନାୟକ, ମନୋଜ ଦାସ, ପ୍ରତିଭା ରାୟ, କିଶୋରୀ ଚରଣ ଦାସ, ବୀଣାପାଣି ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପାରମିତା ଶତପଥୀ, ସରୋଜିନୀ ଦାସ, ଦେବବ୍ରତ ମଦନରାୟ, କବିତା ବାରିକ, ଗିରିଦଣ୍ଡ ସେନା, ରଜନୀକାନ୍ତ ମହାନ୍ତି, ହୃଷିକେଶ ପଣ୍ଡା, ସତ୍ୟମିଶ୍ର ଏବଂ ତରୁଣ ପିଢ଼ିର ଗାଳ୍ପିକଙ୍କ ଗଳ୍ପରେ ପରିବର୍ତ୍ତନଶୀଳ ଜୀବନର ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ ଚିନ୍ତନର ଦିଗ, ଦିଗନ୍ତ, ବେଶ ଗତିଶୀଳ ହୋଇପାରିଛି ।

ଜୀବନ ଯାପନ ସହ ସମ୍ପର୍କିତ ଜୀବନର ଅନୁଭୂତି । ସବୁଠାରୁ ବଡ଼ କଥା ଗଳ୍ପରେ ଏହି ଅନୁଭୂତି ସମ୍ବେଦନା ତଥା ଅନ୍ତର୍ଗତ ସ୍ପନ୍ଦନ ଗଳ୍ପରେ ଖୁବ୍ ଉଜ୍ଜ୍ୱଳ । ସ୍ୱପ୍ନମୟ ବାସ୍ତବତା ଓ ବାସ୍ତବତାମୟ ସ୍ୱପ୍ନ ଗଳ୍ପରେ ହାତ ଧରାଧରି । ଗଳ୍ପର ଅପରିହାର୍ଯ୍ୟ ରହସ୍ୟ ପାଠକ ପାଇଁ ଭରିଦିଏ ଅସରନ୍ତି ଉତ୍ସୁକତା । ନିଜ ଚାରିପଟର ପରିବେଶଗତ ବାସ୍ତବତା, ପ୍ରେମ ଓ ବିଷାଦର ବିମୁଗ୍ଧତା, ଜୀବନ ନିଷ୍ଠତା ଓ ମଣିଷ ପ୍ରତି ଆତ୍ମାର ସମର୍ଥନ ଗଳ୍ପର ଚରିତ୍ରମାନଙ୍କ ଭିତରୁ ବାରି ହୋଇଯାଏ । ଆନ୍ତରିକତାପୂର୍ଣ୍ଣ ଗାଳ୍ପିକଙ୍କ ଅନ୍ତରୀଣ ପ୍ରାଣ, ଭାବ ଓ ଆବେଗ ବେଳେ ବେଳେ କାବ୍ୟମାୟା ସୃଷ୍ଟି କରି ଥାଏ । ଶବ୍ଦ ସଂଯୋଜନାରେ ଭାବର ପ୍ରତିବଦ୍ଧ ପ୍ରକଟନ, ପ୍ରତ୍ୟେକ ଅଭିବ୍ୟକ୍ତି ପାଠକର ପରିଚିତ ଅନୁଭୂତି ସହ ଏକାତ୍ମ । ଗଳ୍ପର ଗଠନ କୌଶଳ, ରୂପସଜ୍ଜା, ଭାଷା, ଚିତ୍ରକଳ୍ପ ଜୀବନ ସୃଷ୍ଟି ଅନୁସାରେ ବେଶ୍ ଉଲ୍ଲେଖଯୋଗ୍ୟ । ଜୀବନପ୍ରତି ପ୍ରତିବଦ୍ଧତା, ଶୁଭ ବିଶ୍ୱାସ ବିବିଧ ଚରିତ୍ର ଓ ଚିତ୍ର ଚିନ୍ତନର ଗଭୀରତା ଓ ବିଶ୍ୱମୟ ବ୍ୟାପ୍ତିରେ ଅପୂର୍ଣ୍ଣତାକୁ ଅର୍ଥମୟ ଓ ହୃଦୟକୁ ଲାଳିତ କରିପକାଏ ଆଜିର ଗଳ୍ପ ।

ସର୍ବୋପରି ଭାରତୀୟ ସାଂସ୍କୃତିକ -ସାମାଜିକ- ଆଧ୍ୟାତ୍ମିକ ପରିବେଶ ରୂପାୟନରେ ଓଡ଼ିଆ ଗଳ୍ପ ସାହିତ୍ୟ ଋଦ୍ଧିମନ୍ତ । ମାଟି ମନସ୍କତା, ଐତିହ୍ୟ ସଚେତନତା ଆଦର୍ଶବୋଧ, ମାନବତାବାଦ, ଜାତୀୟପ୍ରୀତି, ଗ୍ରାମ୍ୟ ସଂସ୍କୃତିର ଶୁଦ୍ଧ ଓ ସଫଳ ରୂପାୟନ ଆଜିର ଗଳ୍ପର ପ୍ରାଣରସ ସହ ସଂଯୁକ୍ତ । ■

ରାଇରଙ୍ଗପୁର, ୱାର୍ଡ଼ ନମ୍ବର- ୭
ମୟୂରଭଞ୍ଜ
ମୋ : ୯୪୩୭୩୮୦୯୨୭

## ଗାଁରୁ ୪୦ ବସ୍ତା ବିସ୍ଫୋରକ ଜବତ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଗଡ଼ପୋଖରୀ ଗ୍ରାମର ସଞ୍ଜୟ କୁମାର ସେଣ୍ଠଙ୍କ ବାଡ଼ିରୁ ବ୍ୟାପକ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଶାରିଶୁଆ ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ଏହି ବିସ୍ଫୋରକ ପଦାର୍ଥ ରଖାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ୪୦ ବସ୍ତା ଜିଲେଟିନ ଓ ୧୧ ବଣ୍ଡଲ ତାର ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦ଲକ୍ଷ ହେବ ବୋଲି ପୁଲିସ କହିଛି। ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଖଇରା ଥାନା ଏସଆଇ ତପନ କୁମାର ଜେନା, ଏଏସ୍ଆଇ ଗୌରହରି ବୁଗୁଡାଇ ପ୍ରମୁଖ ସାମିଲ ଥିଲେ। ପୁଲିସ ଆସୁଥିବା ସମ୍ପର୍କରେ ସୂଚନା ପାଇ ସଞ୍ଜୟ ଘରେ ଥିବା ଏହି ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ବାହାରକୁ ଫିଙ୍ଗି ଦେଇଥିବା ନେଇ ଏସ୍ଡିପିଓ ସୂଚନା ଦେଇଛନ୍ତି।

## ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବୈଠକ

ଭୁବନେଶ୍ୱର,୨୩।୮ (ସମିସ): ଆସନ୍ତା ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବସିବ ବଡ଼ ବୈଠକ। ସାଂଗଠନିକ ସ୍ଥିତି ମଜଭୁତ ସହ ରାଜ୍ୟରେ ଆଗାମୀ ରଣନୀତି କ'ଣ ରହିବ, ସେନେଇ କରାଯିବ ମାନସମନ୍ଥନ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡଗେଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସାଂଗଠନିକ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିବେ। ଏଥିପାଇଁ ଜିଲ୍ଲା ସଭାପତି ଚୟନ ପାଇଁ ନିଯୁକ୍ତ ହୋଇଥିବା ସମସ୍ତ ୩୫ ପର୍ଯ୍ୟବେକ୍ଷକ, ପିସିସି ପ୍ରଭାରୀ ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ଦିଲ୍ଲୀ ଡକରା ହୋଇଛି। ଆଗାମୀ ଦିନରେ କଂଗ୍ରେସ ଜିଲ୍ଲା ସଭାପତି ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି। ଗୁଜରାଟ ଢାଞ୍ଚାରେ ଏଠାରେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କିପରି ଦକ୍ଷ ଲୋକଙ୍କ ହାତରେ ଜିଲ୍ଲା ସଂଗଠନ ଦାୟିତ୍ୱ ଦିଆଯିବ, ସେଥିପାଇଁ ଏଆଇସିସି ଲକ୍ଷ୍ୟ ରଖିଛି। ଏଆଇସିସିର ଏପରି ଅଭିଯାନକୁ ନେଇ ଓଡ଼ିଶା କଂଗ୍ରେସ ଶିବିର ମଧ୍ୟ ଉତ୍ସାହିତ ରହିଛି। ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବା ନେଇ ଏଆଇସିସିର ନୂଆ ଫର୍ମୁଲାକୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଭିନ୍ନ ଆକଳନ କରିଛନ୍ତି। ରାହୁଲ ଗାନ୍ଧୀ ଓଡ଼ିଶାରେ ସମ୍ଭାବନା ଦେଖିଥିବାରୁ ଏବେଠାରୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା କଂଗ୍ରେସକୁ ପ୍ରସ୍ତୁତ କରୁଛନ୍ତି। ପ୍ରଥମଥର ଲାଗି ଦଳୀୟ ନିଷ୍ପତ୍ତିରେ ଜିଲ୍ଲା ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସଂଗଠନଠାରୁ ବିଧାୟକ ଓ ସାଂସଦ ଟିକେଟ୍ ବଣ୍ଟନରେ ଜିଲ୍ଲା ସଭାପତିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ, ୨୫ ବର୍ଷ ଧରି କ୍ଷମତା ବାହାରେ ଥିବା ଓଡ଼ିଶା କଂଗ୍ରେସକୁ ସଜାଡ଼ିବା ପାଇଁ ଏଆଇସିସି ଗୁରୁତ୍ୱ ଦେଇଛି। ଓଡ଼ିଶାରୁ ଦିଲ୍ଲୀ ଯାଏ ସାଂଗଠନିକ ସ୍ଥିତିକୁ ମଜଭୁତ କରିବାକୁ ରଣନୀତି କରାଯାଉଛି। ଆଗକୁ ରାହୁଲ ଗାନ୍ଧୀ ଘନଘନ ଓଡ଼ିଶା ଗସ୍ତରେ ଆସି ତୃଣମୂଳ କର୍ମୀଙ୍କ ମନରେ ଉତ୍ସାହ ଭରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

## ବିପଦସଙ୍କେତ ଉପରେ ବୈତରଣୀ



ଭଣ୍ଡାରିପୋଖରୀ/ବାରିକପୁର, ୨୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀରେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏବେ ବୈତରଣୀ କୂଳ ଲଂଘୁଥିବା ବେଳେ ଆଜି ଅପରାହ୍ଣ ୪ଟାରେ ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଅତିକ୍ରମ କରିଛି। ନଦୀର ଜଳସ୍ତର ଘଣ୍ଟା ପ୍ରତି ୫ମିମି ବୃଦ୍ଧି ପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ମିମି, ସ୍ୱାମୀପାଟଣାରେ ୧୯.୮ମିମି, ଆନନ୍ଦପୁରରେ ୬୮.୨ମିମି ଓ ଆଖୁଆପଦାରେ ୩୮.୧୨ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଏହି ବନ୍ୟା ମଧ୍ୟମଧରଣର ହେବ ଓ ବନ୍ୟାଜଳ ସର୍ବାଧିକ ୧୮.୯୦ ମିଟର ହୋଇପାରେ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ତଳିଆ ଅଞ୍ଚଳ ବର୍ଷାଜଳ ପଶି ଯାଇଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୩ ଓ ପିଜି ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୩।୮ (ସମିସ): ଯୁକ୍ତ ୩ ଓ ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶନିବାରଠାରୁ ଆରମ୍ଭ ହୋଇଛି। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟର କୌଣସି ରାଉଣ୍ଡରେ ଚୟନ ହୋଇନାହାନ୍ତି କିମ୍ବା ଆବେଦନ କରିନାହାନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ। ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୩ ତାରିଖ ରହିଛି। ଫର୍ମରେ କୌଣସି ତ୍ରୁଟି ଥିଲ, ୪ ତାରିଖ ସୁଦ୍ଧା ଏଡିଟ୍ କରିପାରିବେ। ୧୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମେଧା ତାଲିକା ସହ ୱେଟିଂଲିଷ୍ଟ ପ୍ରକାଶ ପାଇବ। ୧୧ରୁ ୧୩ ତାରିଖ ଭିତରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର୍ ନେଇ ଆଡମିସନ କରିବା ସହ ଅନଲାଇନ ମାଧ୍ୟମରେ ଟଙ୍କା ପଇଠ କରିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୫ରୁ ୧୬ ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୭ରେ ନୋଟିସ୍‌ବୋର୍ଡ, ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ସମସ୍ତ ଡକ୍ୟୁମେଣ୍ଟ ନେଇ ୧୮ରୁ ୨୨ ତାରିଖ ସୁଦ୍ଧା ଯାଇ ନାମ ଲେଖାଇ ପାରିବେ।

ସେହିପରି, ପିଜି ପାଠ୍ୟକ୍ରମରେ ନାମଲେଖା ଆବେଦନ ଆଜିଠାରୁ ଆରମ୍ଭ ହୋଇଛି। ଆବେଦନ କରିବାର ଶେଷ ତାରିଖ ୩ ସେପ୍ଟେମ୍ବରକୁ ରଖାଯାଇଛି। ପ୍ରଥମ ରାଉଣ୍ଡର ମେଧା ତାଲିକା ୯ ତାରିଖରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର ନେଇ ୧୦ରୁ ୧୨ ତାରିଖ ଭିତରେ ଆଡମିସନ୍ କରିପାରିବେ। ୱେଟିଂଲିଷ୍ଟରେ ଥିବା ପିଲାମାନେ ୧୩ରୁ ୧୫ ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୬ରେ ନୋଟିସ୍‌ବୋର୍ଡ, ୱେବସାଇଟ୍ ଏବଂ ଫୋନ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୭ରୁ ୨୦ ତାରିଖ ସୁଦ୍ଧା ନାମ ଲେଖାଇ ପାରିବେ।

## ମୁଣ୍ଡ ଫଟାଇ ବୃଦ୍ଧଙ୍କୁ ହତ୍ୟା

କେନ୍ଦୁଝର,୨୩।୮ (ସମିସ): ମାଛ ଜଗିବାକୁ ଯାଇଥିବା ବେଳେ ଜଣେ ବୃଦ୍ଧଙ୍କ ମୁଣ୍ଡକୁ ବାଡ଼େଇ ହତ୍ୟା କରିଥିବା ଜଣାପଡିଛି। ମୃତକ ଜଣଙ୍କ ହେଲେ ଉପରରାଇଗୋଡା ଗାଁର ବୁଧୁରାମ ମୁଣ୍ଡା (୫୭)। ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ, ଶୁଆକାଟି ବିଟ୍ ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ, ସଦର ଏସଡିପିଓ ସୁଦର୍ଶନ ଗାଙ୍ଗଇ ଶବ ଜବତ କରିବା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ଦିଆଯାଇଛି। ହତ୍ୟା ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ୮ ଗେଟ୍ ଖୋଲିଲା ଆନନ୍ଦପୁର ବ୍ୟାରେଜ୍

ଆନନ୍ଦପୁର, ୨୩।୮ (ସମିସ): ଗତ ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇଛି। ଆଜି ରାତି ୮ଟା ସୁଦ୍ଧା ଆନନ୍ଦପୁରଠାରେ ବୈତରଣୀ ସତର୍କ ସଂକେତ ଅତିକ୍ରମ କରି ୩୭.୬୬୦ ମିଟରରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇ ପଡ଼ିରହିଛି। ବୋଟ୍ ଚାଳକ ବି ନାହାନ୍ତି। ଆନନ୍ଦପୁର ବ୍ୟାରେଜରେ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ୮ଗେଟ୍ ଖୋଲାଯିବା ପରେ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ ନିବାସରେ...

ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ବୁଧବାର ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ। ନବୀନଙ୍କ ଅସୁସ୍ଥତା ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ସୁସ୍ଥ ହେବା ପରେ ଦିଲ୍ଲୀ ଆସି ତାଙ୍କୁ ଭେଟିବାକୁ ପ୍ରଧାନମନ୍ତ୍ରୀ ନିଜେ ଆମନ୍ତ୍ରଣ ଜଣାଇଥିଲେ। ସେହିପରି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

### ଆମେରିକାକୁ ଡାକ...

ଡିଏଚ୍ଏଲ୍ ଭଳି ଅନେକ କୋରିୟର ସଂସ୍ଥା ମଧ୍ୟ ଆମେରିକାକୁ ସାମଗ୍ରୀ ପରିବହନ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ତେବେ ଡିଏଚ୍ଏଲ୍ ଏକ୍ସପ୍ରେସ ସେବା ଚାଲୁ ରହିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଆମେରିକାକୁ ଡାକ ସେବା ବନ୍ଦ ରହିଲେ ଭାରତୀୟ ଡାକ ସେବାକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଗତବର୍ଷ ଆମେରିକାକୁ ଡାକସେବା ପାଇଁ ଡାକ ବିଭାଗକୁ ପ୍ରାୟ ଅଢେଇ ହଜାର କୋଟିର ରାଜସ୍ୱ ମିଳିଥିଲା। ବିଶେଷ କରି ଚିଠି ଓ ସ୍ପିଡ୍‌ପୋଷ୍ଟ ସର୍ଭିସର ବହୁତ ଚାହିଦା ରହିଛି।

### କର୍ଣ୍ଣାଟକ ବିଧାୟକ...

ଚଳାଉଥିଲେ। ବୀରେନ୍ଦ୍ର କିଙ୍ଗ୍୫୬୭ ଓ ରାଜା୫୬୭ ଭଳି ଏକାଧିକ ବେଟିଂ ପ୍ଲାଟଫର୍ମ ଚଳାଉଥିଲେ। ୮ ଦିନ ପୂର୍ବେ କର୍ଣ୍ଣାଟକର ଅନ୍ୟଜଣେ କଂଗ୍ରେସ ବିଧାୟକଙ୍କ ଘରୁ ଏକ କୋଟି ୪୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା।

### ଅନିଲ ଅମ୍ବାନୀଙ୍କ...

ବିରୋଧରେ ଏତଲା ଦିଆଯାଇଥିଲା। ସିବିଆଇ ଅନିଲ ଏବଂ ତାଙ୍କ କମ୍ପାନୀ ରିଲାଏସ କମ୍ୟୁନିକେସନ (ଆର କମ୍) ବିରୋଧରେ ନୂଆ ଏତଲା ରୁଜୁ କରିଥିଲା।

ଅଭିଯୋଗରେ ସିବିଆଇ ପକ୍ଷରୁ କୁହାଯାଇଥିଲା ଯେ ଅନିଲ ଅମ୍ବାନୀଙ୍କ ଆର୍‌କମ ପକ୍ଷରୁ ୩,୦୭୩ କୋଟି ଟଙ୍କାର ଠକେଇ କରାଯାଇଛି। ପୂର୍ବରୁ ୨୦୨୦, ନଭେମ୍ବର ୧୦ରେ ଏସ୍‌ବିଆଇ ଠକେଇ ନେଇ ଏହାର ପ୍ରମୋଟର ଏବଂ ମାଲିକଙ୍କ ଆକାଉଣ୍ଟ ନମ୍ବର ଜାରି କରିଥିଲା। ୨୦୨୧ ଜାନୁଆରୀ ୫ରେ ସିବିଆଇ ଏତଲା ରୁଜୁ କରିଥିଲା। ତେବେ ୨୦୨୧ ଜାନୁଆରୀ ୬ରେ ଦିଲ୍ଲୀ ହାଇକୋର୍ଟ ସ୍ଥିତାବସ୍ଥା ନିର୍ଦ୍ଦେଶ ଦେବାରୁ ଅଭିଯୋଗ ଫେରି ଆସିଥିଲା। କିନ୍ତୁ ଏବେ ଏସ୍‌ବିଆଇ ଆନୁଷ୍ଠାନିକ ଭାବେ ଆରକମ୍ ଏବଂ ଏହାର ପ୍ରମୋଟର ନିର୍ଦ୍ଦେଶକ ଅନିଲଙ୍କୁ ଠକ ଘୋଷଣା କରିସାରିଛି। ଏହା ପୂର୍ବରୁ ଜୁଲାଇ ୨୩ରେ ଇଡି ଏହି ମାମଲାରେ ଅନିଲଙ୍କ ରିଲାଏନ୍ସ ଗ୍ରୁପ୍ ସମ୍ବନ୍ଧିତ ୩୫ରୁ ଅଧିକ ଠିକଣା ଉପରେ ଚଢ଼ଉ କରିଥିଲା। ୟେସ ବ୍ୟାଙ୍କ ସମ୍ବନ୍ଧିତ ୩ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଗତ ୫ ତାରିଖରେ ୧୭ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ଇଡି ଅମ୍ବାନୀଙ୍କୁ ପଚରାଉଚରା କରିଥିଲା।

### ମାରିଜୁଆନା ପାଇଁ...

କରାଯାଉଛି। ଚାଲାଣକାରୀ ଧରାପଡୁଛନ୍ତି। ମାରିଜୁଆନା ଜବତ ମଧ୍ୟ ହେଉଛି। ଏହାସତ୍ତ୍ୱେ ଚାଲାଣ ବେଧଡ଼କ ଭାବେ ଜାରି ରହିଛି। ଏହା ପଛର କାରଣ କଣ ବୋଲି ପ୍ରଶ୍ନ ଉଠିଲାଣି।

ଗତ କିଛି ମାସ ହେଲା ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଗାତର ଭାବେ ମାରିଜୁଆନା ଜବତ ହେଉଛି। ଜୁଲାଇ ୨୯ ତାରିଖରେ ତିନି ଜଣ ଯୁବକଙ୍କୁ ଗିରଫ କରିଥିଲା ଏୟାରପୋର୍ଟ ପୁଲିସ। ସେମାନଙ୍କ ନିକଟରୁ ୨୫ କେଜିର ମାରିଜୁଆନା ଜବତ କରିଥିଲା। ଏହାପରେ ଅଗଷ୍ଟ ୨ ତାରିଖରେ ବ୍ୟାଙ୍କକରୁ ଚୋରାରେ ମାରିଜୁଆନା ଆଣୁଥିବା ବେଳେ ଜଣେ ଯାତ୍ରୀଙ୍କୁ ଗିରଫ କରିଥିଲା କଷ୍ଟମ ବିଭାଗ। ଗିରଫ ବ୍ୟକ୍ତିଙ୍କ ଠାରୁ ୧୦ କୋଟିର ମାରିଜୁଆନା ଜବତ କରାଯାଇଥିଲା। ସେହିପରି ଅଗଷ୍ଟ ୨ ତାରିଖରେ ଥାଇଲାଣ୍ଡରୁ ଚାଲାଣ ବେଳେ କଷ୍ଟମ ବିଭାଗର ହାତରେ ଲାଗିଥିଲା ୮ କୋଟିର ମାରିଜୁଆନା।

ପୁଣି ଭୁବନେଶ୍ୱର ଏୟାରପୋର୍ଟରେ ଆଜି ମାରିଜୁଆନା ଜବତ ହୋଇଛି। ବ୍ୟାଙ୍କକରୁ ୪ କୋଟି ଟଙ୍କାର ମାରିଜୁଆନା ଆଣୁଥିବା ବେଳେ ଭୁବନେଶ୍ୱରରେ ଧରାପଡିଛନ୍ତି ପ୍ରେମୀଯୁଗଳ। ଏୟାରପୋର୍ଟରେ ଦୁହିଁଙ୍କ ଉପରେ ସନ୍ଦେହ ହେବାରୁ କଷ୍ଟମ ଅଧିକାରୀ ସେମାନଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା। ଏହାସହିତ ଯୁବକ ଓ ଯୁବତୀଙ୍କୁ ଅଟକ ରଖି ଜେରା କରାଯାଉଛି। ସେମାନଙ୍କର ଘର ପଞ୍ଜାବ ବୋଲି ଜଣାପଡ଼ିଛି। ତେବେ ଏହି ନିଶାଦ୍ରବ୍ୟ ବ୍ୟାଙ୍କକରୁ କେଉଁ ସ୍ଥାନରୁ ଆସିଥିଲା? ଭୁବନେଶ୍ୱରରୁ କେଉଁ କେଉଁ ଜାଗାକୁ ଚାଲାଣ ହେବାରେ ଥିଲା? ଏଥିରେ କିଏ କିଏ ସାମିଲ ଅଛନ୍ତି? ତାକୁ ନେଇ ଛାନ୍‌ଭିନ କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୬ ମାସ ଭିତରେ ୫୦ କୋଟିରୁ ଅଧିକ ଏହି ବିଦେଶୀ ଡ୍ରଗ୍ସ ଜବତ କରାଗଲାଣି। ବ୍ୟାଙ୍କକରୁ ଆସୁଥିବା ଏହି ନିଶାସାମଗ୍ରୀ ଭୁବନେଶ୍ୱର ଦେଇ ଚାଲାଣ କରାଯାଉଛି। ଭୁବନେଶ୍ୱରରୁ ଏହା କେଉଁ କେଉଁ ରାଜ୍ୟକୁ ଚାଲାଣ ହେଉଛି, ତାହାର ଯାଞ୍ଚ କରାଯାଉଛି।

### ବର୍ଷାରେ ଭିଜିବ...

ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ମଧ୍ୟ ବର୍ଷା ହେବ। ୨୫ ତାରିଖେର ବର୍ଷାର ବିସ୍ତୃତି ବଢ଼ିବା ସହ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ମୟୂରଭଞ୍ଜ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ବଳକା ୨୩ ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସମାନ ଭାବେ ୨୬ ଓ ୨୭ ତାରିଖରେ ରାଜ୍ୟବ୍ୟାପୀ ବର୍ଷା ସମ୍ଭାବନା ଥିବା ବେଳେ ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏପଟେ ଲଗାଣ ବର୍ଷା କାରଣରୁ ବୈତରଣୀ ନଦୀ ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଛି। ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାଯୋଗୁଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଛତିଶଗଡ଼ ଉପରେ ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦରେ ଆଜି ଆଉ ୪ଟି ଗେଟ ଖୋଲାଯାଇଛି। ମୋଟ ୮ଟି ଗେଟ ଦେଇ ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି।

### ପୁଣି ୮ ଫାଟକ...

ବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା।

ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୫ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୩,୧୩୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୧,୬୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୬,୧୨୦ ଘନଫୁଟ, ପାୱାର ଚେନାଲ ଦେଇ ୩୨,୩୨୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୩,୦୬୨ ଘନଫୁଟ, ଖଇରମାଳଠାରେ ୧,୩୪,୦୦୦ ଘନଫୁଟ, ବାରମୁଲଠାରେ ୯୬,୦୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧,୨୧,୫୩୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨୧.୬୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨୭.୬୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୮୩ ଫୁଟ୍ ରହିଥିଲା।

ଆଜି ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯିବା ପୂର୍ବରୁ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ମହାନଦୀରେ ବନ୍ୟାଜଳ ନିଷ୍କାସନ ନେଇ ଡାକବାଜି ଯନ୍ତ୍ରରେ ସତର୍କ କରାଯାଇଥିଲା। ବନ୍ୟା ଜଳ ନିଷ୍କାସନର କେଇଘଣ୍ଟା ପୂର୍ବରୁ ସାଇରନ୍ ବାଜିଥିଲା। ଶନିବାର ସକାଳେ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ପ୍ରବନ୍ଧକ, ବୁର୍ଲା ଇଂ. ସୁଶୀଲ କୁମାର ବେହେରା କହିଛନ୍ତି ଯେ, ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ। ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୨୫ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ତାହାକୁ ଦୃଷ୍ଟିରେ ରଖି ୪ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏହାଦ୍ୱାରା ବଢୁଥିବା ଜଳସ୍ତରକୁ ସଠିକ ପରିଚାଳନା କରିବାସହ ଲଘୁଚାପ ବର୍ଷାର ଜଳପ୍ରବେଶକୁ ମୁକାବିଲା କରିବା ପାଇଁ ଜଳଭଣ୍ଡାରରେ ଜାଗା ରହିବ। ଆବଶ୍ୟକସ୍ଥଳେ ଆଉ ୪ଟି ଗେଟ୍ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ହୀରାକୁଦ ତଳମୁଣ୍ଡରେ ବନ୍ୟା ସମ୍ଭାବନା ନଥିବା ଇଂ. ବେହେରା କହିଛନ୍ତି।

### ସୁବର୍ଣ୍ଣରେଖାରେ ପୁଣି...

ପାଉଛି। ବାଲେଶ୍ୱର ଜିଲ୍ଲାରେ ଗତକାଲି ଏବଂ ଆଜିକୁ ମିଶାଇ ୨୮.୨୫ ପ୍ରତିଶତ ହାରରେ ମୋଟ ୩୩୯ ମିମି ବର୍ଷା ରେକର୍ଡ କରାଯାଇଛି। ବାହାନଗା ବ୍ଲକରେ ୨୫ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସଦରରେ ୫୩ମିମି, ବାଲିଆପାଳରେ ୧୬, ଭୋଗରାଇରେ ୧୫, ନୀଳଗିରିରେ ୫୮, ଔପଦାରେ ୩୯, ରେମୁଣାରେ ୪୭, ସିମୁଳିଆରେ ୨୦ ଏବଂ ସୋରରେ ୧୦ମିମି ବର୍ଷା ରେକର୍ଡ ହୋଇଛି।

ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ୭.୧୩ ମିଟର ରହିଛି। ଏହି ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ସେହିପରି ମଥାନୀଠାରେ ଜଳକାର ଜଳସ୍ତର ୫.୦୧ମିଟର ରେକର୍ଡ ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ ମିଟର ରହିଛି।

### ୩୦ ହଜାର ପ୍ରିମିୟମ...

ହେଉଛି। ପ୍ରିମିୟମ ହିସାବରେ ୫୦ ପ୍ରତିଶତରୁ ଅଧିକ ଫସଲ କ୍ଷତି ହେଲେ ୩ ଲକ୍ଷ ୪୦ ହଜାର ଟଙ୍କା ମିଳିବାର ଥିଲା। ତେବେ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି କେବଳ ୧୨୭୪ ଟଙ୍କା ପ୍ରଦାନ କରିଥିଲା। ଏହା ବହୁତ କମ୍। ଏହି ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ମଧ୍ୟ ଲାଜ ଲାଗୁଛି ବୋଲି ସେ କହିଛନ୍ତି।

ଅତର ଗ୍ରାମର ଅନେକ ଚାଷୀଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଘଟିଛି। ଅନିଲ କହ୍ନେୟାଲାଲ ୧୫ ଏକର ଜମି ପାଇଁ ୪୫୭୦ ଟଙ୍କା ଦେଇ ବୀମା କରାଇ ଥିଲେ। ତେବେ ତାଙ୍କୁ ମାତ୍ର ୧୩୮୭ ଟଙ୍କା ମିଳିଛି। ସେହିପରି ପ୍ରିମିୟମ ବାବାଦକୁ ଗାଁର ଗଙ୍ଗାଲାଲ୍‌ଙ୍କୁ ୧୨୦୦ ଟଙ୍କା, କମଲଚନ୍ଦ ନଥୁଙ୍କୁ ୨୨୦୦ ଟଙ୍କା, ଶୁଭମ କମଲଚନ୍ଦଙ୍କୁ ୨୪୦୦ ଟଙ୍କା, ରାକେଶ ନଥୁଙ୍କ ୨୪୦୦ ଟଙ୍କା କଟିଥିଲା। କିନ୍ତୁ ଏମାନଙ୍କୁ କାହାକୁ ବୀମା ରାଶି ମିଳିପାରି ନାହିଁ।


**AFFIDAVIT**

I, Pritam Agrawal, S/o- Radhashyam Agarwal, Resident of Vill - Bazarpada (Madanmohanpada), PS/ PO/ Dist - Angul, Pin - 759122, Odisha,declare by this affidavit No - 2746, dated- 22.08.2025, that now onwards I shall be known as **PREETAM AGARWAL** for all future purposes.

**Notice**
**(Above 18 years of age)**

By Virtue of an Affidavite sworn before the Notary Public, Udala, Mayurbhnaj, dated 22-08-2025 I, Jhankar Tudu, Address At- Taradashol, Po- Taradashol, Ps- Khunta, Dist- Mayurbhanj, Pin- 757085 declare that I have changed my name Jhinkar Tudu to Jhankar Tudu. Henceforth I shall be known as Jhankar Tudu for all purposes.

Jhankar Tudu

**AFFIDAVIT**

By virtue of an affidavit no-3869 sworn before the Executive Magistrate, Dhenkanal on dtd- 31/07/2025, I **Rasananda Garanayak,** S/o- Gumani Garanayak, resident of At/Po- Neulapoi, Ps- Gondia, Dist- Dhenkanal, Odisha. My Aadhar Card bearing No. 8632 0518 2255. I have changed my name from **Rasananda Samal** (old name) to **Rasananda Garanayak** (new name). Henceforth, both name Rasananda Samal and Rasananda Garanayak is one & same person, I will be known as **Rasananda Garanayak** for all future purposes.

Rasananda Garanayak

**Notice (for Minor)**

By virtue of an affidavit sworn before Executive Magistrate, Baripada, Mayurbhanj dated 25.03.2025 with Serial No : 1838.i, Phulamani Murmu Resident of At-bhadua, Po-danadar, Ps-jharpakharia, Dist-mayurbhanj, Odisha, Pin-757032 declare that i have change the name of my son from Sambh Murmu To Sambhunath Murmu. Henceforth, He shall be known as Sambhunath Murmu for all purposes.

Phulamani Murmu

**ହଜିଯାଇଛି**

ମୁଁ ଦୁର୍ବା ରଞ୍ଜନ ସିଂହ ବାବୁ, ପିତା ୰ ସତ୍ୟ ଚରଣ ସିଂହ ବାବୁ, At : AM2/03, Brooke Street, Covent Garden, Adhalia, PO:Phulnakhara, Dist- Cuttack, ଘୋଷଣା କରୁଅଛି ଯେ, ମୋର ସମ୍ପତ୍ତି ସହ ସମ୍ପୃକ୍ତ ଏକ ମୂଳ ROR ପତ୍ରଟି କେଉଁଠି ହଜାଇ ଦେଇଛି, ଯାହାର ଖତିଆନ ନଂ.686/1000, ପ୍ଲଟ୍ ନଂ. 1118/7081, କ୍ଷେତ୍ରଫଳ : A 0.060 Dec. ଓ ଜମିଦାରଙ୍କ ନାମ ଶ୍ରୀମତୀ ଡଲି ଦାସ ଓ ଟୁଟୁଲ କିଶୋର ଦାସ, ମୌଜା-ଅଢ଼ାଳିଆ। ଏହି ROR ଟି ଏସ୍.ବି.ଆଇ. ହୋମ୍ ଲୋନ୍ ସେଣ୍ଟର, ମହାନଦୀ ବିହାର, କଟକ କୁ ଜମା କରିବାକୁ ଉଦ୍ଦିଷ୍ଟ। ଯଦି କାହାକୁ ଏହି ପତ୍ରଟି ମିଳେ, ତାହେଲେ ଦୟାକରି ଏହି ନମ୍ବରରେ ସମ୍ପର୍କ କରନ୍ତୁ। 9861077996

**AFFIDAVIT**

I, Md Muzammilur Rahman S/o-Md. Mohinuddin Ahmed, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No.7238 dtd. 20/06/2025 now onwards I shall be known as Md. Muzammilur Rahman for all future purposes.

**AFFIDAVIT**

I, Saroj Kumar Samal, S/o- Prafulla Chandra Samal, resident of At- Bantala, Po- Kurujanga, Dist- Cuttack, PIN- 754208, Odisha declared by this affidavit No. 675, dtd- 22/08/2025 that now onwards I shall be known as **SAROJA KUMAR SAMAL** for all future purposes.

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT- Dubulabeda, PO- Kuabuda, PS- Chandua, Dist- Mayurbhanj, PIN-757014 declare that I have changed the name of my Son from Sankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

By virtue of an affidavit No. 5151 sworn before the Executive Magistrate, Champua, dated- 18/08/2025. I, Sunita Behera, W/o- Gouttam Behera, permanent resident of Vill- Jayamangalpur, Po- Kodagadia, Ps- Champua, Dist-Keonjhar, Pin- 758041, Odisha, I have changed my minor daughter's name from **Line Behera** (old Name) to **Liza Behera** (new name). Henceforth, she shall be known as **Liza Behera** for all future purposes.

Sd/- Sunita Behera

**AFFIDAVIT**

I, Mrs Khoosnaz Raheman W/o-Md. Muzammilur Rahman, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No. 7238 dtd. 20/06/2025, now onwards I shall be known as Khoosnaz Raheman for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 29-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଗାଲ୍ଭାନାଇଜ୍ଡ (Galvanized) ଷ୍ଟିଲ୍ ଖୁଣ୍ଟର ସ୍ଥାନରେ ଆଣ୍ଟିକ୍ରିପ୍ (Anticreep) ଖୁଣ୍ଟର ଭାବରେ କ୍ୟାଟେନାରୀ (Catenary) ଖୁଣ୍ଟର ର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ : ₹ 79,10,763.04, EMD : ₹ 1,58,200/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.09.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ଦସ୍ତାବିଜ ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-509/Q/25-26

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO-273411, dated 02-08-2025 I, **RAMESH KUMAR NAYAK, S/o Bharat Nayak** permanent resident of Village At-Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **RAMESH NAYAK** (Old name) to **RAMESH KUMAR NAYAK** (New name), Henceforth, I shall be known as **RAMESH KUMAR NAYAK** for all purposes.

Sd-( RAMESH KUMAR NAYAK )

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025ରିଖ

କାର୍ଯ୍ୟର ନାମ : EPC ମୋଡ୍‌ରେ ଉପଯୋଗି ବସ୍ତୁର ସ୍ଥାନାନ୍ତରଣ, ବିଦ୍ୟୁତୀକରଣ ଏବଂ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାରର କାର୍ଯ୍ୟ ସହିତ ବୈତାରୀ ଷ୍ଟେସନ ଠାରୁ ବାଲିପର୍ବତ ପର୍ଯ୍ୟନ୍ତ ନୂଆ ଲାଇନର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 10633.00 ଲକ୍ଷ, EMD : ₹ 53,16,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.12.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକଯୋଗିଆଳ/ଫ୍ୟାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-83/CI/25-26

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO-278012, dated 05-08-2025 I, **PRAVATI NAYAK, W/o Ramesh Kumar Nayak** permanent resident of Village At-Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **PRAVATI RANI NAYAK** (Old name) to **PRAVATI NAYAK** (New name), Henceforth, I shall be known as **PRAVATI NAYAK** for all purposes.

Sd-( PRAVATI NAYAK )

**LOST**

I, **Smt. Chhabi Rani Ghosh,** aged about 52 years, W/o Sibanjan Ghosh, present resident of At: QTR No. JIB-43, South Balanda Colony, Talcher, Dist-Angul, Odisha do hereby declare that, on dtd- 02/08/2025, while I was coming from NSCH Colony to my resident at Balanda Colony in as Autorickshaw, I have lost my original Sale Deed No- 10051700921, dt- 02/06/2017, Hal Khata no- 370/288, Plot No- 1917, Area- 60 dcml, Mouza- Tentulei with other documents which was kept in my hand bag. If anyone finds it kindly contact to my number 9090706201 or above the address.

Chhabi Rani Ghosh

**LOST**

I, **Lingaraj Mishra,** aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO- Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541500182 date- 25/03/2015 and ROR Mouza- Biraramachandrapur, Khata No. 1339/5019 in name of Padmaja Priyadarshini Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.

LICHFL Branch, BBSR
N.C. Pattnaik, Advocate
Mob: 9853311189

Office of the Principal Cum-Secretary
**SHREE JAGANNATH HIGHER SECONDARY SCHOOL**
AT/P.O.- PINGUA, DHENKANAL - 759016
Email Id- s.j.m.pingua@gmail.com

Applications are invited from the eligible candidates for the Contractual Post of **Watch Man** within 7 days, to the Administrative Officer, S.J. Higher Secondary School, Pingua, Dhenkanal.

Sd/- Administrative Officer
Shree Jagannath H.S. School

**ନିଲାମ ହେଉନି ଅଣ୍ଡରା ହାଟ**

# ଦୁର୍ଦ୍ଦଶାରେ ଖାଉଟି ଓ ବେପାରୀ

ପଟ୍ଟାମୁଣ୍ଡାଇ,୨୩।୮ (ସମିସ)



ଅଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟ ଓ ଉଷାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ଅଣ୍ଡରା ସାପ୍ତାହିକ ହାଟ ପ୍ରତ୍ୟେକ ସୋମବାର ଓ ଗୁରୁବାର ବସିଥାଏ। ବିଭିନ୍ନ ପନିପରିବା ସହିତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ହାଟରେ ମିଳିଥାଏ। ଏହି ହାଟର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଖାଉଟି ଓ ବେପାରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ହାଟ ନିଲାମ ହୋଇ ନ ଥିବାରୁ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଅଣ୍ଡରା ହାଟ ଉପରେ ଅଣ୍ଡରା, ଅମୃତମଣୋହି, ବଲୁରିଆ, ନୂଆପଡା, ବାଟିପଡ଼ା ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଗତ କିଛିବର୍ଷ ହେବ ଏହି ହାଟ ପରିଚାଳନାରେ ସମସ୍ୟା ସୃଷ୍ଟି ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏ ହାଟ ନିଲାମ ହୋଇନାହିଁ। ପଞ୍ଚାୟତ ପକ୍ଷରୁ ବେପାରୀଙ୍କଠାରୁ ମହାଶୂଳ ଆଦାୟ କରାଯାଉଛି। ମାତ୍ର ହାଟର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଆଯାଉନାହିଁ। ଗତ ୨ ବର୍ଷ ତଳେ ପୂର୍ବତନ ବିଧାୟକଙ୍କ ପାଣ୍ଠି ଅନୁଦାନ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ହାଟରେ ଫେବର ବ୍ଲକ୍ ବିଛାଯାଇଥିଲା। ସମ୍ପ୍ରତି ହାଟଟି କାଦୁଅରେ ପରିପୂର୍ଣ୍ଣ ହେବା ସହିତ ପଚା ପରିବାପତ୍ର ପଡ଼ିରହିବା ଯୋଗୁଁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଫଳରେ ଉଭୟ ଖାଉଟି ଓ ବେପାରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏହି ହାଟ ନିଲାମ ହୋଇ ନ ଥିବାରୁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇ ବିଡିଓ ଓ ସବକଲେକ୍ଟର ତୁରନ୍ତ ହାଟ ନିଲାମ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ



କେନ୍ଦ୍ରାପଡ଼ା,୨୩।୮ (ସମିସ): ହିନ୍ଦୁଧର୍ମର ସୁରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଦର୍ଶ ଓ ବିଚାରାଧାରା ଭାରତୀୟ ଆଧ୍ୟାତ୍ମିକ ଜଗତକୁ ଯୁଗ ଯୁଗ ଧରି ଦିଗଦର୍ଶନ ଦେବ ବୋଲି ବଳିଦାନ ଦିବସରେ ମତ ପ୍ରକାଶ ପାଇଛି। ରାଷ୍ଟ୍ରବାଦୀ ସାମାଜିକ ସଂଗଠନ "ଜୟ ରାଷ୍ଟ୍ର' ପକ୍ଷରୁ ସ୍ଥାନୀୟ କୋର ଗ୍ରାମସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଧର୍ମାନ୍ତରଣ ରୋକିବା ଓ ଗୋସମ୍ପଦର ସୁରକ୍ଷା ପାଇଁ ଆଜୀବନ କାର୍ଯ୍ୟ କରିଥଲେ। ବନବାସୀଙ୍କ ଜୀବନରେ ସଂସ୍କାର ଆଣିବାରେ ମଧ୍ୟ ତାଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କ ସ୍ମୃତି ରକ୍ଷା ପାଇଁ ଉଦ୍ୟମ ହେବା ଜରୁରୀ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ସମାଜସେବୀ ସୀତାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ବେହୁରା, ଜ୍ଞାନରଞ୍ଜନ ଦାସ, ରଶ୍ମିରଞ୍ଜନ ସାମଲ, ମଳୟ ସାହୁ, ପଙ୍କଜ ସିହ୍ନା, ବୀରେନ୍ଦ୍ର ଦାସ, ସୁଶାନ୍ତ ନାୟକ, ନିରଞ୍ଜନ ମହାରଣା, ଅଞ୍ଜନ ଶତପଥୀ ଓ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପୂଜକ ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅଭିଷେକ ଓ ପୂଜାର୍ଚ୍ଚନା କରିଥିଲେ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ରାଜନଗର,୨୩।୮ (ସମିସ): ରାଜନଗର ବ୍ଲକ୍ ଉପାନ୍ତ ତାଲଚୁଆ ମେରାଇନ ଥାନା ଅନ୍ତର୍ଗତ କେରୁଆପାଳ ପଞ୍ଚାୟତରେ ଜଣେ ମହିଳା ନିକଟସ୍ଥ ଦୋଲସାହି ବଜାରରୁ ସଉଦା କରି ଫେରୁଥିବା ସମୟରେ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ ଅଶ୍ୱିନୀ ଖଟୁଆ ନିଛାଟିଆ ରାସ୍ତାରେ ଏକୁଟିଆ ପାଇ ଅସଦାଚରଣ କରିଥିଲେ। ମହିଳା ଜଣକ ପାଟି କରିବାରୁ ସେ ବାଟ ଦେଇଯାଉଥିବା ଜଣେ ଲୋକ ଆସିବାରୁ ଅଶ୍ୱିନୀ ବିଲ ଭିତରକୁ ଡିଆଁ ମାରି ପଳାଇଯାଇଥିଲା। ଏ ନେଇ ସଂପୃକ୍ତ ମହିଳା ତାଲଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥଲେ। ଅଭିଯୋଗ ପାଇବା ପରେ ମହିଳାଙ୍କୁ ଆଜି ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମଇନା କରାଯିବା ସହ ୧୦୧/୨୦୨୫ରେ ମାମଲା ରୁଜୁ କରାଯାଇଛି। ଫେରାର ଥିବା ଅଶ୍ୱିନୀକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ପଲେଇ ପଞ୍ଚାୟତରେ ନଳକୂପ ଚୋରି ଅଭିଯୋଗ

ଡେରାବିଶ,୨୩।୮ (ସମିସ): ଡେରାବିଶ ଥାନା ଅଧୀନସ୍ଥ ପଲେଇ ପଞ୍ଚାୟତର ବିଭିନ୍ନ ସ୍ଥାନରୁ ଗତକାଲି ରାତିରେ କେହି ଦୁର୍ବୃତ୍ତ ନଳକୂପର ଉପର ସମେତ ହ୍ୟାଣ୍ଡେଲ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ପଲେଇ ପଞ୍ଚାୟତର ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ସୋସାଇଟି ଛକ, ମଣିମଠ, ଶ୍ମଶାନ ଓ ବସନ୍ତ ବଗିଚାରୁ ୪ଟି ନଳକୂପ ମୁଣ୍ଡ ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ସିଡ଼ି ଘର କବାଟ କାଟି ମୋବାଇଲ ଚୋରି

ପଞ୍ଚୁପାଣ୍ଡବ,୨୩।୮ (ସମିସ): ନିକିରାଇ ଥାନା ଅଧୀନରେ ଥିବା ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଦୁଇଟି ମୋବାଇଲ ଚୋରି ହୋଇଥିବା ନେଇ ନିକିରାଇ ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଗ୍ରାମର ସୀତାକାନ୍ତ ମଲ୍ଲିକଙ୍କ ଘର ସିଡ଼ି ଘରର କବାଟ କାଟି କେହି ଦୁର୍ବୃତ୍ତ ଦୁଇଟି ମୋବାଇଲ ଚୋରି କରିନେଇଛି। ପ୍ରତିଦିନ ଭଳି ଶ୍ରୀ ମଲ୍ଲିକ ଓ ତାଙ୍କ ପତ୍ନୀ ଗୁରୁବାର ରାତି ପ୍ରାୟ ୮ଟା ସମୟରେ ନିକଟରେ ଥିବା ପନ୍ଥେଇ ଠାକୁରାଣୀ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ସ୍ୱାମୀସ୍ତ୍ରୀଙ୍କ ତିରିଶ ହଜାର ଟଙ୍କାର ମୋବାଇଲ ଚୋରି କରିନେଇଛି। ଏ ନେଇ ଶ୍ରୀ ମଲ୍ଲିକ ଗୁରୁବାର ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନା ପକ୍ଷରୁ ତଦନ୍ତ କରାଯାଇଥିବା ଜଣାପଡ଼ିଛି। ଏଥିସହ ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ବେଣୀପୁର ବିଦ୍ୟାଳୟ, ଦାମୋଦରଜୀଉ ବିଦ୍ୟାପୀଠ, ବଜାର ବିଦ୍ୟାଳୟ ଓ ଏହା ଆଖପାଖ ଅଞ୍ଚଳରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ସୁଦ୍ଧା ପୁଲିସ ଚୋରଙ୍କୁ ଧରିବାରେ ବିଫଳ ହୋଇଛି।

# ଅଳକା ଆଶ୍ରମ ପରିଦର୍ଶନ କଲେ ଦୁଇ ବିଧାୟକ



**ଆଶ୍ରମର ଉନ୍ନତି ପାଇଁ ଦେଲେ ପ୍ରତିଶ୍ରୁତି**

ଜଗତସିଂହପୁର, ୨୩।୮ (ସମିସ): ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଗତସିଂହପୁର ଜିଲ୍ଲାର ଅବଦାନ ଚିରସ୍ମରଣୀୟ। ସେହିପରି ଜିଲ୍ଲାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ର ଓ ଗୋପବନ୍ଧୁ ଚୌଧୁରୀଙ୍କ ଦ୍ୱାରା ଅଳକା ନଦୀକୂଳରେ ସ୍ଥାପନ କରାଯାଇଥିବା ଅଳକା ଆଶ୍ରମ ଥିଲା ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ। ଏହି ଅଳକା ଆଶ୍ରମକୁ ଉତ୍କଳମଣି ଗୋପବନ୍ଧୁ ଦାସ ଉଦ୍‌ଘାଟନ କରିଥିଲେ। ଏହାର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଚାତ୍ରାଠାରେ ଆଶ୍ରମ ପୁନଃପ୍ରତିଷ୍ଠା କରାଯାଇଛି। ଏଥିସହିତ ବର୍ଷ ବ୍ୟାପି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ଅବସରରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଅଳକା ଆଶ୍ରମ ପରିଦର୍ଶନ କରି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ସ୍ୱାଧୀନତା ସଂଗ୍ରାମର ସ୍ମୃତି ବହନ କରୁଥିବା ଅଳକା ଆଶ୍ରମର ଉନ୍ନତି ପାଇଁ ସହଯୋଗ ରହିବ ବୋଲି ଉଭୟ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଅଳକା ଆଶ୍ରମ ପକ୍ଷରୁ କୋଷାଧ୍ୟକ୍ଷ ବିଜୟ କୁମାର ରଥ, ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶ ଓ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ବିଧାୟକ ଶ୍ରୀ ଜେନା ଓ ବିଧାୟକ ଶ୍ରୀ ଭୋଇଙ୍କୁ ସ୍ୱାଗତ କରିବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ସରକାରୀ ସ୍ତରରେ ମଧ୍ୟ ଏହାର ଉନ୍ନତି ପାଇଁ ସମସ୍ତ ସହଯୋଗ କରାଯାଉଛି ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# ସ୍ୱାମୀ ଚିଦାନନ୍ଦଙ୍କ ପୂଣ୍ୟତିଥି ଆରାଧନା ଦିବସ ପାଳିତ



କେନ୍ଦ୍ରାପଡ଼ା,୨୩।୮ (ସମିସ): ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ପୂଣ୍ୟତିଥି ଆରାଧନା ଦିବସ ନିଆଳି ଗ୍ରାମସ୍ଥ ଶିବାନନ୍ଦ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ବିଶ୍ୱଶାନ୍ତି ନିମନ୍ତେ ତ୍ରିଦିବସୀୟ ମହାମନ୍ତ୍ର ନାମ ସଂକୀର୍ତ୍ତନ, ବୃକ୍ଷରୋପଣ, ସତସଙ୍ଗ, ଗୀତାପାଠ, ସହସ୍ରନାମ ଜପ, ନଗର ପରିକ୍ରମା, ସ୍ୱାମୀ ଚିଦାନନ୍ଦ ଦର୍ଶନ ସ୍ତୋତ୍ର ପାଠ କରାଯାଇଥିଲା। ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅମର କୁମାର ନାୟକ, ବଡ଼ଚଣା ସରପଞ୍ଚ, ସମିତିସଭ୍ୟ, ମଣ୍ଡଳ ଅଧିକାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱାମୀ ଚିଦାନନ୍ଦଙ୍କ ଦର୍ଶନ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ପରେ ଗ୍ରାମର ନାଗାର୍ଜ୍ଜୁନ ଜେନା, ବିଜୟ ଦାସ, ସଚିଦାନନ୍ଦ ଜେନା, ଭବାନୀ ଦାସ, ଭାଗବତ ସାମଲ, ବାଉଁ ମଳିକ, ଭାଗ୍ୟଧର ସାମଲ, ରାମଚନ୍ଦ୍ର ସାମଲ, ବାଇନ ଜେନା, ଧୋଇ ସାମଲ, ଦିନ ଜେନା, ନୃସିଂହ ଦାସ, ଗଗନ ଜେନା, ବାଇଧର ସେନାପତି, ଜିତୁ ଜେନା, ପୁନମ ନାୟକ, ହେଲେନା ଜେନା, ବିପିନ ଜେନା, କୁଳମଣି ନାୟକ ପ୍ରମୁଖ ଗ୍ରାମର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ଅର୍ଚ୍ଚନା ଗୋଏଙ୍କା, ଅଜୟ ଗୋଏଙ୍କା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅର୍ଥନୀତି ବିଭାଗ ପକ୍ଷରୁ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ



ଡେରାବିଶ,୨୩।୮ (ସମିସ): ଡେରବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ସଭା କକ୍ଷରେ ଆଜି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଏକ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସଂଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ବିଶ୍ୱ ଶୁଳ୍କ ପ୍ରବୃତ୍ତି ଓ ଏହାର ଭାରତର ଅର୍ଥନୀତି ଉପରେ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇଥିଲେ। ଏଥିରେ ବିଷୟ ବିଶେଷଜ୍ଞ ଭାବେ ଲୋକନାଥ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧ୍ୟାପକ ରାକେଶ ଦଳାଇ, ମୁଖ୍ୟବକ୍ତା ଭାବେ ଡେରାବିଶ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି ଓ ସମ୍ମାନିତ ଅତିଥି ଭାବେ ଆଇକ୍ୟୁଏସି ସଂଯୋଜକ ଇଂରାଜୀ ବିଭାଗ ଅଧ୍ୟାପକ ବିଶ୍ୱଜିତ ସାହୁ ଯୋଗ ଦେଇ ସମ୍ପ୍ରତି ବିଶ୍ୱ ବଜାରକୁ ବୃହତ ଶକ୍ତି ସେମାନଙ୍କ ଆମଦାନୀ ଓ ରପ୍ତାନୀ ନୀତି ମାଧ୍ୟମରେ ପ୍ରଭାବିତ କରୁଛନ୍ତି ବୋଲି କହିଥିଲେ। ସେମାନେ ଶୁଳ୍କ ବୃଦ୍ଧି କିମ୍ବା ହ୍ରାସ କରି ଭାରତ ଭଳି ଅର୍ଥନୀତିରେ କ୍ରମବର୍ଦ୍ଧିଷ୍ଣୁ ରାଷ୍ଟ୍ରଙ୍କ ଆର୍ଥିକ ଅଭିବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ। ଭାରତ ବର୍ତ୍ତମାନ ନିଜର ଆର୍ଥିକ ସୁପରିଚାଳନାରେ ସ୍ୱାବଲମ୍ବୀ ହୋଇ ଚତୁର୍ଥ ବୃହତ ଶକ୍ତି ହେବାରେ ସକ୍ଷମ ହୋଇପାରିଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଅଧ୍ୟାପକ ସଂଜୟ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ବନୀତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିଆ ମହିଳା କଲେଜରେ ସ୍ୱାସ୍ଥ୍ୟ ସଚେତନତା ଶିବିର




ଡେରାବିଶ,୨୩।୮ (ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ମହିଳା ମହାବିଦ୍ୟାଳୟରେ ଆଜି ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଣ୍ଟିଲୋସ୍ଥ କଳିଙ୍ଗ ଚିକିତ୍ସା ହସ୍‌ପିଟାଲ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟାପକ ଦୁତିଦୁଲ୍ଲାଳ ରାଉତ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କଳିଙ୍ଗ ଚିକିତ୍ସା ହସ୍‌ପିଟାଲ ପକ୍ଷରୁ ଡାକ୍ତର ଗୌରାଙ୍ଗ ଚରଣ ସାମନ୍ତରାୟ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା, ସ୍ତ୍ରୀ ରୋଗ, ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଓ ବିଭିନ୍ନ ରୋଗରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରତିଭା ପରିଡ଼ା, ସୁରେଶ ସ୍ୱାଇଁ, କଳିଙ୍ଗ ଚିକିତ୍ସାର ଏଚ୍‌ଆର ମନୋରଞ୍ଜନ ମିଶ୍ର, ସରୋଜକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ରାଜନଗର,୨୩।୮ (ସମିସ): ଶିଶୁ ସୁରକ୍ଷା କମିଟି ପକ୍ଷରୁ ରାଜନଗର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତ୍ରୈମାସିକ ବୈଠକରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ ବାଲ୍ୟ ବିବାହ ଆମ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ। ଆମେ ସମସ୍ତେ ମିଶି ଏହାର ପ୍ରତିରୋଧ କରିବା ଆବଶ୍ୟକ। ଜନସଚେତନତା ହିଁ ବାଲ୍ୟ ବିବାହ ରୋକିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଦିପାଳୀ ମିଶ୍ର ଏହାକୁ ସଂଯୋଜନା କରିବା ସହ ପରିବାରରେ ହେଉଥିବା ଶିଶୁ ନିର୍ଯାତନା, ବାଳ ଶ୍ରମିକ ବ୍ୟବସ୍ଥା ଓ ବାଲ୍ୟ ବିବାହ ଭଳି ସମସ୍ୟାରୁ ଆମ ସମାଜକୁ ରକ୍ଷା କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଅନୁସୂୟା ବେହେରା, ଏଏସ୍‌ଆଇ ଶିଶିର ସାହୁ, ସୁପରଭାଇଜର ରଜନୀ ରାଉଳ, ସନ୍ଧ୍ୟାରାଣୀ ବେହେରା, ମିନତୀ ମିଶ୍ର, ବିଜୟାଲକ୍ଷ୍ମୀ ସ୍ୱାଇଁ, ଶୈଳପ୍ରଭା ସ୍ୱାଇଁ, ସମୀକ୍ଷା ଖଟୁଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମତାମତ ପ୍ରଦାନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଗ୍ରାମସଭା ଓ ପଲ୍ଲୀସଭା ସହ ଅନ୍ୟ ସରକାରୀ କାର୍ଯ୍ୟକ୍ରମରେ ଏହି ଆଲୋଚନାକୁ ସ୍ଥାନ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ବାରଙ୍ଗ ହାଟରେ ଉଜ୍ଜ୍ୱଳ ଆଲୋକ ଲୋକାର୍ପିତ

ଜଗତସିଂହପୁର,୨୩।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁନଙ୍ଗ ପଞ୍ଚାୟତର ବାରଙ୍ଗ ହାଟ ନିକଟରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପୁନଙ୍ଗ ସରପଞ୍ଚ ଶକୁନ୍ତଳା ମହାପାତ୍ର, ସମିତିସଭ୍ୟ ଦୁର୍ଗାପ୍ରସାଦ ମହାପାତ୍ର, ବିଜୟ ମହାପାତ୍ର, ଜ୍ୟୋତିଷ କାନୁନଗୋ, ଲକ୍ଷ୍ମୀନାରାୟଣ ମିଶ୍ର, ସୁଧୀର ସିହ୍ନା, ବଂଶୀଧର ବେହେରା, ବଦ୍ରି ମହାନ୍ତି, ଅମୂଲ୍ୟ ବେହେରା, ଗିରିଜା ଭୂଷଣ ଦାସ, ଶରତ ଦାସ, ମୋହନ ଦାସ, ଦେବେନ୍ଦ୍ର ବେହେରା, ବୀରେନ୍ଦ୍ର ବେହେରା, ଅନୱର୍ ଖାଁ, ତପନ ବାରିକ, ମୁରଲୀଧର ବେହେରା, ଶତ୍ରୁଘ୍ନ ବେହେରା, ରବୀନ୍ଦ୍ର ଦାସ, ଗୋବିନ୍ଦ ବେହେରା, ଶାନ୍ତନୁ ଦାସ, କୃତ୍ତିବାସ ଦାସ ଓ ତର୍ଟଙ୍ଗ ପଞ୍ଚାୟତର କିଶୋର ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ପ୍ରଦୀପ୍ତ କୁମାର ସୂର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।



# ରାମଚଣ୍ଡୀ-ରାମନଗର ରାସ୍ତା ଉପରେ କୁମ୍ଭୀର



ମହାକାଳପଡ଼ା,୨୩।୮ (ସମିସ): ମହାକାଳପଡ଼ା ବ୍ଲକ୍ ରାମଚଣ୍ଡୀ-ରାମନଗର ମୁଖ୍ୟ ରାସ୍ତା ଉପରେ କୁମ୍ଭୀର ବୁଲୁଥିବା ଦେଖି ପଥଚାରୀ ଆତଙ୍କିତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଏହି ବିରାଟକାୟ କୁମ୍ଭୀର ରାସ୍ତା ଉପରେ ରହିଥିବାବେଳେ ବାଇକ୍ ଯୋଗେ ଦୁଇଜଣ ବ୍ୟକ୍ତି ସେହି ରାସ୍ତା ଦେଇଯାଉଥିଲେ। ବାଇକ୍ ଲାଇଟ ପଡ଼ିବା ପରେ କୁମ୍ଭୀରକୁ ଦେଖି ଭୟଭୀତ ହୋଇଥିଲେ। ପାଟି କରି ବାଇକ୍ ଲାଇଟ ପକାଇ ଓ ବାଇକ୍ ସାଉଣ୍ଡ ଅଧିକ କରିବାରୁ କୁମ୍ଭୀର ରାସ୍ତା କଡ଼ ଖାଲିଆକୁ ଚାଲିଯାଇଥିଲା। ରାମଚଣ୍ଡୀ ପୋଲ ନିକଟ ଗଳିଆ ମୁହଁରେ ପ୍ରାୟ ଚାରିଟି କୁମ୍ଭୀର ରହିଥିବା ବିଭିନ୍ନ ସମୟରେ ଦେଖାଯାଇଛନ୍ତି। ଏହି ଗଳିଆ ନଦୀରେ ଏକାଧିକ ଲୋକଙ୍କୁ କୁମ୍ଭୀର ଆକ୍ରମଣ କରିସାରିଲେଣି। ରାସ୍ତା ଉପରେ କୁମ୍ଭୀର ଥିବା ଦେଖି ସନ୍ଧ୍ୟା ପରଠାରୁ ପଥଚାରୀ ଓ ସାଇକଲ ଆରୋହୀ ସେହି ରାସ୍ତାରେ ଯାତାୟାତ ବନ୍ଦ କରିଦେଇଛନ୍ତି। ବନ ବିଭାଗ ପକ୍ଷରୁ ସତର୍କତା ଓ ସଚେତନତା ନେଇ କୌଣସି କାର୍ଯ୍ୟ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି।

**କର୍କଟ ରୋଗରେ ପୀଡ଼ିତ ଚିନ୍ମୟୀ**

# ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା

କେନ୍ଦ୍ରାପଡ଼ା,୨୩।୮ (ସମିସ)



ମୋତେ କର୍କଟ ରୋଗ ହୋଇଛି। ମୁଁ ଆଉ ଯନ୍ତ୍ରଣା ସହିପାରୁନି। ମୋ' ଚିକିତ୍ସା ପାଇଁ ୧୦ରୁ ୧୫ ଲକ୍ଷ ଟଙ୍କା ଦରକାର। ଆମର ଆୟୁଷ୍ମାନ କାର୍ଡରୁ ଟଙ୍କା ସରିବାକୁ ବସିଲାଣି। ଘରର ଆର୍ଥିକ ସ୍ଥିତି ଭଲ ନାହିଁ। ମୋ' ଔଷଧ ଖର୍ଚ୍ଚ ପାଇଁ ବାପାଙ୍କୁ ବହୁତ କଷ୍ଟ କରିବାକୁ ପଡୁଛି। ମୁଁ ଚାହୁଁଛି ମୋତେ ଟିକେ ଆପଣ ବଞ୍ଚାଇ ଦିଅନ୍ତୁ। ମୁଁ ଅନ୍ୟମାନଙ୍କ ଭଳି ସ୍କୁଲ ଯିବି, ପାଠ ପଢ଼ିବି ଓ ବଡ଼ ହେଲେ ଇଞ୍ଜିନିୟର ହେବି। ଏଭଳି ପ୍ରତିଟି ଶବ୍ଦ ହେଉଛି ଜଣେ କୁନି ଝିଅର ହୃଦୟର ଭାଷା। ଯାହାକି ସେ ଖଣ୍ଡେ କାଗଜରେ ଲେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ନିଜ ଦୁଃଖ ଜଣାଉଛି। ପରିବାରର ସେ ହେଉଛି ଗେହ୍ଲା ଝିଅ। ତିନି ଭଉଣୀ ଭିତରୁ ବାପାମାଆ ତାକୁ ବେଶୀ ଭଲପାଆନ୍ତି। ସେ ଜଣେ ମେଧାବୀ ଛାତ୍ରୀ। ପାଠ ଯେମିତି, ଖେଳକୁଦରେ ବି ସେମିତି। ସହପାଠୀଙ୍କଠୁ ଶିକ୍ଷକ ପର୍ଯ୍ୟନ୍ତ, ସମସ୍ତଙ୍କର ସେ ପ୍ରିୟ। ସେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ନହଙ୍ଗ ଗ୍ରାମର ପ୍ରମୋଦ ସାହୁ ଓ ଦୀପ୍ତି ସାହୁଙ୍କ ଝିଅ ଚିନ୍ମୟୀ ସାହୁ।

ଚିନ୍ମୟୀ ନବମ ପଢୁଥିବାବେଳେ ଦେହ ଅତି ଖରାପ ହୋଇପଡ଼ିଥିଲା। ଚିକିତ୍ସା ପରେ ତାଙ୍କୁ କର୍କଟ ରୋଗ ହୋଇଥିବା ଜଣାପଡିଥିଲା। ଚିନ୍ମୟୀ ନବମରେ ପ୍ରଥମ ହୋଇଥିଲେ, ଦଶମରେ ନାମ ଲେଖାଇଥିଲେ। ନିୟତିର ଇଛା ଟିକେ ଅଲଗା ଥିଲା। ଶରୀରରେ ରୋଗ ବଢିଯାଇଥିବାରୁ ସେହିଦିନରୁ ତାଙ୍କର ସ୍କୁଲ ଯିବା ବନ୍ଦ ହୋଇଯାଇଥିଲା। ଚିକିତ୍ସା ପାଇଁ ପ୍ରଥମେ କଟକ ଓ ପରେ ଭୁବନେଶ୍ୱର ଯାଇଥିଲେ। ସରକାରଙ୍କ ଆୟୁଷ୍ମାନ କାର୍ଡରେ ଯେତିକି ଟଙ୍କା ଥିଲା, ସେତକ ସରିଗଲାଣି। ଧାର କରଜ, ହାତ ଉଧାରୀ କରିସାରିବା ପରେ ସୁନା ଗହଣା ପରିବାର ଲୋକେ ବିକ୍ରି କରିସାରିଲେଣି। ଏବେ ପାଖରେ ଆଉ ଅର୍ଥ ନାହିଁ। ଚିନ୍ମୟୀଙ୍କ ବାପା ସୁଦୂର ବାଙ୍ଗାଲୋରରେ କାମ କରନ୍ତି। ଝିଅର ଚିକିତ୍ସା ପାଇଁ ସେ ମଧ୍ୟ ଅନବରତ କାମ କରୁଛନ୍ତି। ହେଲେ ଯେତିକି ଟଙ୍କା ଦରକାର, ସେତକ ଯୋଗାଡ଼ ହୋଇପାରୁନାହିଁ। ଈଶ୍ୱରଙ୍କୁ ଡାକି ଡାକି ଚିନ୍ମୟୀଙ୍କ ମାଆ ନୟାନ୍ତ ହୋଇପଡିଲେଣି। ଏବେ ଚିନ୍ମୟୀ ଜୀବନ ବଞ୍ଚାଇବାକୁ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି, ଜୀବନ ଭିକ୍ଷା କରିଛନ୍ତି। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପ୍ରଶାସନ ତରଫରୁ ଚିନ୍ମୟୀଙ୍କୁ ନିଶ୍ଚୟ ସହଯୋଗ କରାଯିବ ବୋଲି କୁହାଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହି କୁନି ଝିଅକୁ ସାହାଯ୍ୟର ହାତ ବଢ଼ାଇବେ, ତେବେ ଟିକିଏ ସାହାଯ୍ୟ ହୁଏତ ଚିନ୍ମୟୀଙ୍କ ଜୀବନ ବଞ୍ଚାଇପାରେ।

## ରାହାମାକୁ ଅଣଦେଖା ଅଭିଯୋଗ

# ପାର୍ବତୀ ଲୁଗାକଳର ପୁନରୁଦ୍ଧାର କେବେ

ପାରାଦୀପ, ୨୩।୮ (ସମିସ)

ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବେ ତିର୍ତ୍ତୋଲ ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଅଣ୍ଟା ଭିଡିଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ରାହାମା ଲୋକଙ୍କ ଉନ୍ନତି ପାଇଁ ଆଖିବୁଜି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତିର୍ତ୍ତୋଲସ୍ଥ ଶାରଳା ସୂତାକଳର ପୁନରୁଦ୍ଧାର ପାଇଁ ମନ୍ତ୍ରୀ ଦୃଷ୍ଟି ଦେଇଥିବାବେଳେ ରାହାମାର ପାର୍ବତୀ ଲୁଗାକଳ ପ୍ରତି ଅଣଦେଖା କରୁଥିବା ଅଭିଯୋଗ ହେଉଛି। ପାର୍ବତୀ ଲୁଗାକଳର ପୁନରୁଦ୍ଧାର କରାଯାଇ କର୍ମଚାରୀଙ୍କ ଦୁର୍ଦ୍ଦିନ ଅନ୍ତ ଘଟାଇବାକୁ ଦାବି କରାଯାଉଛି।



ସୂଚନା ମୁତାବକ, ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ପଞ୍ଚାୟତ ସମିତି ଅଧୀନରେ ଥିବା ଜିଲ୍ଲାର ପ୍ରମୁଖ ବଣିଜ୍ୟିକ ପେଣ୍ଠସ୍ଥଳ କୁହାଯାଉଥିବା ରାହାମାରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ଦ୍ୱାରା ୧୯୮୬-୮୭ରେ ବସନ୍ତ ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ନିର୍ମିତ ହୋଇଥିଲା ପାର୍ବତୀ ଲୁଗାକଳ। ବସନ୍ତ ବାବୁଙ୍କ ସ୍ୱପ୍ନ ଥିଲା ରାହାମାର ସାମଗ୍ରିକ ବିକାଶ, ଖଟିଖିଆ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି। ଏହି ପାର୍ବତୀ ଲୁଗାକଳ ୧୯୮୯ରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ତିନୋଟି ସିଫ୍ଟରେ ୩୬୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏଠାରେ ଉତ୍ପାଦିତ ଦ୍ରବ୍ୟ ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଯାଉଥିଲା। ୧୯୯୯ ମହାବାତ୍ୟା ପରେ କାରଖାନା ଚଳାଇବା ପାଇଁ ଉପଯୁକ୍ତ କଞ୍ଚାମାଲର ଅଭାବ ଓ ପରିଚାଳନାଗତ ସମସ୍ୟା ରହିଥିଲା। ୨୦୦୧ରେ ଏହି କାରଖାନାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିଲା। ଏପରିକି ରକ୍ଷଣାବେକ୍ଷଣ ଅଭାବରୁ ଲୁଗା କାରଖାନାର ଅନେକ ମୂଲ୍ୟବାନ ଯନ୍ତ୍ରାଂଶ, ଆସବାବପତ୍ର ଚୋରି ହେବା ସଙ୍ଗେ ସଙ୍ଗେ ନଷ୍ଟ ହୋଇଗଲା। ତେବେ ସ୍ଥାନୀୟ ଜନପ୍ରତିନିଧିଙ୍କ ବୈମାତୃକ ମନୋଭାବ ପାଇଁ ରାହାମାର ଏହି ବିରାଟ ଶିଳ୍ପ ଏବେ ମାଟିରେ ମିଶିଯାଇଛି। ଏବେ ରାଜନୈତିକ ପାଣିପାଗ ବଦଳିଛି। ଏ ଅଞ୍ଚଳର ରାଜନୈତିକ ପାଣିପାଗରେ ଅନେକ ପରିବର୍ତ୍ତନ ମଧ୍ୟ ଆସିଛି। ରାହାମା ପୂର୍ବରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ରହିଥିବାବେଳେ ଏବେ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ହୋଇଛି। ଗତ ନିର୍ବାଚନରେ ପାରାଦୀପର ବିଧାୟକ ଭାବେ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜିତିବା ପରେ ତାଙ୍କୁ ଶିଳ୍ପ ବିଭାଗର ମନ୍ତ୍ରୀ ପଦ ମିଳିଛି। ମନ୍ତ୍ରୀ ହେବା ପରେ ଶ୍ରୀ ସ୍ୱାଇଁ ଏବେ ରାହାମାକୁ ଅଣଦେଖା କରି ତିର୍ତ୍ତୋଲକୁ ଗୁରୁତ୍ୱ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀ ରାହାମାର ପାର୍ବତୀ ଲୁଗା କଳର ଭାଗ୍ୟ ସେହି ଅନ୍ଧାରରେ ରହିଯାଇଛି।

**କର୍ମଚାରୀଙ୍କ ଦୁଃଖର କେବେ ହେବ ଅନ୍ତ**

ସେ ଏବେ ତିର୍ତ୍ତୋଲ ଶାରଳା ସୂତାକଳର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଛନ୍ତି। ଫଳରେ ରାହାମା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ମନ୍ତ୍ରୀ ପାର୍ବତୀ ଲୁଗାକଳର ପୁନଃକାର୍ଯ୍ୟକ୍ଷମ କରିବାରେ ତାଙ୍କର ସମସ୍ତ ଶକ୍ତି ଲଗାଇ ଦେବାକୁ ଏ ଅଞ୍ଚଳବାସୀ ଅନୁରୋଧ କରିବା ସହ ରାହାମା ଅଞ୍ଚଳର ବିଶିଷ୍ଟ ସମାଜସେବୀ ଡକ୍ଟର ସୁନାକର ବେହେରା ଦାବି କରିଛନ୍ତି।

# ବଜାର ପାଖ ରାସ୍ତାରେ ପାଣି

**କୁଜଙ୍ଗ, ୨୩।୮ (ସମିସ):** କୁଜଙ୍ଗ ବଜାର ଜୁମା କଳ ଘର ପାଖରୁ କୁଜଙ୍ଗ ଗୋପବନ୍ଧୁ ବଜାର କମିଟି (୧)ର ସମ୍ପାଦକ ମହେଶ୍ୱର ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା କଂକ୍ରିଟ ହୋଇଥିଲେ ମଧ୍ୟ ରାସ୍ତାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଏହି ସମସ୍ୟା ନେଇ ମହେଶ୍ୱର ମହାନ୍ତିଙ୍କ ସହ ସ୍ଥାନୀୟ କେତେକ ବାସିନ୍ଦା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଏହି ରାସ୍ତାରେ ଲୋକେ ପଚା ପାଣିରେ ଯାତାୟାତ କରିବା ସହ ବିଭିନ୍ନ ରୋଗରେ ପଡୁଛନ୍ତି। ଏଥିସହ ଡେଙ୍ଗୁ ଓ ମ୍ୟାଲେରିଆର ଏହା ପ୍ରଜନନ କେନ୍ଦ୍ର ପାଲଟିଛି। ଅନ୍ୟପକ୍ଷରେ ଏହି ରାସ୍ତା ପାର୍ଶ୍ୱରେ ଏକ ଦୁଇଚକିଆ ଯାନ ଶୋ'ରୁମ୍ ଅନ୍ୟତ୍ର ସ୍ଥାନାନ୍ତର ହୋଇଛି। ଏଥିସହ ଜୁମା କଳକୁ ଆସୁଥିବା ଗ୍ରାହକ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ କୁଜଙ୍ଗ ବିଡିଓ, ଜନପ୍ରତିନିଧି ଓ ପ୍ରଶାସନ ନିକଟରେ ବରିଷ୍ଠ ବ୍ୟବସାୟୀ ମହେଶ୍ୱର ମହାନ୍ତି ଅନୁରୋଧ କରିଛନ୍ତି।



ସେହିପରି ତାଳଦଣ୍ଡା କେନାଲରେ ଅଧିକ ପାଣି ଆସିଲେ ଏହି ରାସ୍ତାର ସମସ୍ୟା ବଢ଼ି ଯାଉଥିବାବେଳେ କେନାଲକୁ ଲାଗି ଏକ କଲଭର୍ଟ କାମ କରୁ ନ ଥିବାରୁ ଏହି ସମସ୍ୟାକୁ ଏବେ ଦ୍ୱିଗୁଣି କରିଛି। ଯଦି ସଦର ମହକୁମାର ଅବସ୍ଥା ଏଭଳି, ତେବେ ଉପାନ୍ତ ଅଞ୍ଚଳରେ ସ୍ଥିତି କ'ଣ ଥିବ ଅନୁମେୟ। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ମହେଶ୍ୱର ମାହାନ୍ତି, ବିକ୍ରମ ମହାନ୍ତି, ପ୍ରସନ୍ନ ମହାନ୍ତି, ପିଣ୍ଟୁ ମହାନ୍ତି, ସେକ୍ ୱାସକ ଉଲ, ଟନିଆ ପଟ୍ଟନାୟକ ପ୍ରମୁଖ ଶିଳ୍ପମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପାଣି ନିଷ୍କାସନ ପଥକୁ ଜଣେ ବ୍ୟକ୍ତି ବନ୍ଦ କରି ରଖିବା ଯୋଗୁଁ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ବ୍ୟବସାୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

## ଗୋଲଡେନ୍ ସ୍ପାରେ ଚଢ଼ଉ

# ୯ ଯୁବତୀ ଉଦ୍ଧାର; ୪ ଗ୍ରାହକ ଅଟକ

**ପାରାଦୀପ, ୨୩।୮ (ସମିସ):** ପାରାଦୀପରେ ବିଭିନ୍ନ ମସାଜ ସେଣ୍ଟର ଓ ସ୍ପା ସେଣ୍ଟର ଆଳରେ ଦେହ ବ୍ୟବସାୟ ଚାଲିଥିବା ନେଇ ପୁଲିସ ପାଖରେ ଅନେକ ଦିନରୁ ଖବର ଥିଲା। ଏ ନେଇ ସ୍ଥାନୀୟ ଲୋକେ ମଧ୍ୟ ବାରମ୍ବାର ଥାନାରେ ଅଭିଯୋଗ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଆଜି ସନ୍ଧ୍ୟାରେ ତାରିଣୀଗଡ଼ାରେ ଥିବା ଗୋଲଡେନ ସ୍ପାରେ ପାରାଦୀପ ଆଦର୍ଶ ଥାନାର ଏକ ଟିମ ଅଚାନକ ଚଢ଼ଉ କରିଥିଲା। ସେଠାରୁ ୯ ଜଣ ଯୁବତୀଙ୍କୁ ଉଦ୍ଧାର କରିବା ସହିତ ୪ ଜଣ ଗ୍ରାହକଙ୍କୁ ଥାନାକୁ ଆଣିଛି। ଗ୍ରାହକଙ୍କ ପରିଚୟ ଖୋଜିବା ସହ ସେମାନେ ପାରାଦୀପର ନାଁ ପାରାଦୀପ ବାହାରର ଯୁବକ ତାକୁ ନେଇ ପୁଲିସ ତଦନ୍ତ କରୁଛି। ତେବେ ଯୁବକମାନେ ପାରାଦୀପର ଏକ କେନ୍ଦ୍ରୀୟ ସଂସ୍ଥାର କର୍ମଚାରୀ ବୋଲି ଶୁଣିବାକୁ ମିଳୁଥିବାବେଳେ ଜାହାଜର କ୍ରୁ ମେମ୍ବର ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

କିଛିମାସ ପୂର୍ବେ ଆଦର୍ଶ ଥାନା ପୁଲିସ ଏହି ସ୍ପା ଉପରେ ଚଢ଼ଉ କରି କିଛି ଯୁବତୀ ଓ ଗ୍ରାହକଙ୍କୁ ଧରିଥିଲା ଓ ପରେ ଛାଡ଼ିଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ତେବେ ଏହି ସ୍ପା ସେଣ୍ଟରରେ ଏଭଳି ବେପାର ରୀତିମତ ଚାଲୁଥିବାରୁ ସ୍ଥାନୀୟ ଲୋକେ ମଧ୍ୟ ଅତିଷ୍ଠ ହୋଇପଡ଼ିଛନ୍ତି। ପାରାଦୀପ ଅଞ୍ଚଳର କିଛି ଦଲାଲ ସ୍ପା ମାଲିକଙ୍କୁ ହାତ କରି ବେଶ କିଛି ମୋଟା ଅଙ୍କର ଟଙ୍କା ରୋଜଗାର କରିବାକୁ ଯୋଜନା ଚଳାଇଛନ୍ତି। ପଶ୍ଚିମବଙ୍ଗରୁ ସୁନ୍ଦରୀ ଝିଅଙ୍କୁ ଆଣି ସ୍ପା ସେଣ୍ଟରରେ ନିୟୋଜିତ କରି ପ୍ରଚୁର ଟଙ୍କା ରୋଜଗାର ଚାଲିଥିଲା। ଏ ସମ୍ପର୍କରେ ଅଧିକ ତଥ୍ୟ ପାଇଁ ଆଦର୍ଶ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇପାରି ନ ଥିଲା।

# ୧୩୫ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ଓହଳ (ପୁରୁଣା କୋର୍ଟ ଛକ)ରେ ଚଢ଼ଉ କରାଯାଇ ୧୩୫ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏଥିସହିତ ଏହି ନିଶା ବ୍ୟବସାୟ କରୁଥିବା ଓହଳ ଗ୍ରାମର ମିର୍ଜା ଅକ୍ତାର ବେଗ୍‌କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ୫୦ ହଜାର ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ଉରେ ଏଏସ୍‌ଆଇ ପିନାକୀ ରଞ୍ଜନ ରାଉତରାୟ, କନେଷ୍ଟବଳ ଜୟଦେବ ପାତ୍ର, ସବିତା ନାୟକ, ସୁକାନ୍ତ ମାଝି ଓ ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



# ଲାଟିନ୍ ଭିତରୁ ନାଗସାପ ଉଦ୍ଧାର

**ପାରାଦୀପ, ୨୩।୮ (ସମିସ):** ପାରାଦୀପ ଉପକଣ୍ଠ ଝିମାଣି ବେହେରା ସାହିର ଅନୁରାଧା ସେଠୀଙ୍କ ବାଡ଼ିରେ ଥିବା ଏକ ଲାଟିନ ଭିତରୁ ୬ ଫୁଟର ନାଗସାପ ଉଦ୍ଧାର କରାଯାଇଛି। ଅନୁରାଧା ଲାଟିନ ଯିବା ସମୟରେ ସାପଟି ଗର୍ଜନ କରୁଥିବା ଶୁଣିଥିଲେ। ସଙ୍ଗେ ସଙ୍ଗେ ସାପଟି ଅନୁରାଧାଙ୍କୁ ଗୋଡ଼ାଇ ଆସିଥିଲା। ସେ ଭୟରେ ଘର ଲୋକଙ୍କୁ ଡାକ ପକାଇବା ସହିତ କୁଜଙ୍ଗର ସାପ ଧରାଳି ପ୍ରଭାତ ବେହେରାଙ୍କୁ ଫୋନ୍ କରିଥିଲେ। ଶ୍ରୀ ବେହେରା ସହଯୋଗୀ ମଣିଶଙ୍କର ପରିଡ଼ା, ଜ୍ୟୋତିରଞ୍ଜନ ମହାପାତ୍ର, ରାଜା ପରିଡ଼ା, ସୂର୍ଯ୍ୟକାନ୍ତ ସେଣ, ଗୋପୀ ସାହୁ ଓ ପଙ୍କଜ ତରାଇଙ୍କୁ ସାଙ୍ଗରେ ଧରି ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।



# ବୃନ୍ଦାବନ ବିହାରୀ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ାସ୍ଥ ବୃନ୍ଦବନ ବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ଏଥିରେ ସଭାପତିତ୍ୱ କରି ପାଠପଢ଼ିବା ସହିତ ଛାତ୍ରଛାତ୍ରୀ ଉତ୍ତମ ଚରିତ୍ର ଗଠନ ପାଇଁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ, ସୁକାନ୍ତ ଜେନା, ନୃସିଂହ ଚରଣ ରଥ, ଅଜୟ କୁମାର ଦେବାଶିଷ, ଅଧ୍ୟାପିକା ସୁଜାତା ମୁଦୁଲି, ଅଧ୍ୟାପିକା ଅନସୂୟା ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ଗ୍ରହଣ ସହିତ ନିଜକୁ ଜଣେ ଜଣେ ସୁନାଗରିକ ଭାବେ ଗଢି ତୋଳିବାକୁ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ଉମେଶ ଲେଙ୍କା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ଚକ୍ରଧର ଦାସ, ନିରଞ୍ଜନ ରାଉତ, ସୁଶାନ୍ତ ହାତି, ଇନ୍ଦ୍ରମଣି ସାହୁଙ୍କ ସହିତ ସ୍ଥାନୀୟ ଗୋଡ଼ା ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୌଭାଗ୍ୟ ନାୟକ ସହଯୋଗ କରିଥିଲେ।



# ରେଡିଓ ଆଉଟ୍‌ରିଚ୍‌କୁ ୟୁନିସେଫ୍ ପୁରସ୍କାର




**ଏରସମା, ୨୩।୮ (ସମିସ):** ରାଜ୍ୟର ଅନ୍ୟତମ ଅଗ୍ରଣୀ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଆଉଟରିଚ୍‌କୁ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ 'ନିପୁଣ ଓଡ଼ିଶା'ର ପ୍ରସାରଣ ପାଇଁ ୟଙ୍ଗ ଇଣ୍ଡିଆ ଓ ୟୁନିସେଫ ପକ୍ଷରୁ ପୁରସ୍କୃତ କରାଯାଇଛି। ରାଜ୍ୟର ୨୦ଟି କମ୍ୟୁନିଟି ରେଡିଓରୁ ଏହି କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିବାବେଳେ ରେଡିଓ ଆଉଟରିଚର୍‌କୁ ବେଷ୍ଟ ପରଫର୍ମର ଆୱାର୍ଡ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଏହି ଆୱାର୍ଡ ପ୍ରଦାନ କରାଯାଇଥିଲା। ରେଡିଓ ଆଉଟରିଚ ପକ୍ଷରୁ ପ୍ରୋଗ୍ରାମ ଏକଜିକ୍ୟୁଟିଭ ସ୍ମୃତି ପ୍ରିୟଦର୍ଶିନୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ। ୟୁନିସେଫର ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ୟଙ୍ଗ ଇଣ୍ଡିଆର ପ୍ରତିଷ୍ଠାତା ଏନ୍.ଏ. ଶାହ ଅନସାରୀ ଯୋଗଦେଇଥିଲେ। ରେଡିଓ ଆଉଟରିଚ ପକ୍ଷରୁ ଦୀର୍ଘ ଦୁଇମାସ ଧରି ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିଲା। ଶିଶୁଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଗୁରୁତ୍ୱ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

ରେଡିଓ ଆଉଟରିଚ ପକ୍ଷରୁ ପ୍ରଚାରିତ ହୋଇଥିବା ନିପୁଣ ଓଡ଼ିଶା ଧାରାବାହିକ କାର୍ଯ୍ୟକ୍ରମରେ ନାଟକ, ଲୋକଗୀତ ଓ ସାକ୍ଷାତକାର ଆଦି ଦ୍ୱାରା ଅଭିଭାବକଙ୍କୁ ସଚେତନ କରାଯିବାର ପ୍ରୟାସ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିପୁଣ ଭାରତ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ନିଆଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଛାତ୍ରଛାତ୍ରୀ, ଶିକ୍ଷକ, ଅଙ୍ଗନବାଡି କର୍ମୀ, ଅଭିଭାବକ, ଶିକ୍ଷା ଅଧିକାରୀ, ସରପଞ୍ଚ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ମତ ଦେଇଥିଲେ। ରେଡିଓ ଆଉଟରିଚକୁ ଏହି ସମ୍ମାନ ପ୍ରଦାନ କରାଯିବା ପରେ ଖୁସିବ୍ୟକ୍ତ କରିଛନ୍ତି କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି। ମାତୃଭାଷାରେ ଶିକ୍ଷାଦାନର ଆବଶ୍ୟକତା ଓ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟିର ଉଦ୍ଦେଶ୍ୟରେ ଧାରାବାହିକ ଭାବେ ପ୍ରଚାରିତ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ଉପରେ ବେଶ ପ୍ରଭାବ ପକାଇଥିବା ଶ୍ରୀ ପତି କହିଛନ୍ତି।

# ଇଫ୍‌କୋ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ପାରାଦୀପ, ୨୩।୮ (ସମିସ):** ଇଫ୍‌କୋ ପାରାଦୀପ କର୍ମଚାରୀ, ଠିକାଦାର, ଶ୍ରମିକ ଓ ସ୍ଥାନୀୟ ଗ୍ରାମରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ପାଇଁ ସଚେତନ କରିଥାଏ। ଇଫକୋ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ବିପଦ ଓ ବିଶେଷକରି ଜରୁରିକାଳୀନ ସମୟରେ ସତର୍କତା ଯଥା ନିକଟବର୍ତ୍ତୀ ଗ୍ରାମକରେ ଆମୋନିଆ ଗ୍ୟାସ୍ ଲିକେଜ୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଓ ଜଗତସିଂହପୁରର କଲେକ୍ଟୋରେଟଠାରେ ଜିଲ୍ଲା ସଙ୍କଟ ଗୋଷ୍ଠୀ (ଡିସିଜି) ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଇଫକୋ ପାରାଦୀପ ୟୁନିଟ୍ ଦ୍ୱାରା ଶୁକ୍ରବାର କୁଜଙ୍ଗ ବ୍ଲକର ଜଗତି ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା, ଗୃହ ସୁରକ୍ଷା, ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସଚେତନତା ଉପରେ ସାମୂହିକ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଆମୋନିଆ ଲିକେଜ୍ ସମୟରେ କ'ଣ କରିବେ ଓ କ'ଣ କରିବେ ନାହିଁ, ତାହାର ଲିଫଲେଟ୍ ସେମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କୁ ନିଜକୁ ଓ ନିଜ ସାଥୀମାନଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରିବା ପାଇଁ କରାଯାଇଥିଲା। ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୁଳମଣି ମାଝୀ, ଏମ.ଆର. ନାୟକ, ପି.ସି. ବିଶ୍ୱାଳ, ଆର.କେ. ରଞ୍ଜନ, ଏ.କେ. ଜେନା ଓ ଜେ.କେ. ଜେନା ପ୍ରମୁଖ ଉପସ୍ଥିତ ଲୋକଙ୍କୁ ଜରୁରିକାଳୀନ ପରିସ୍ଥିତି ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ବିଷୟରେ ବୁଝାଇଥିଲେ। ବିଷାକ୍ତ ଗ୍ୟାସ ଲିକେଜ୍ ସମୟରେ କ'ଣ କରିବେ ଓ କ'ଣ କରିବେ ନାହିଁ ସେ ବିଷୟରେ ଓଡ଼ିଆ ଭାଷାରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

## ମହିଳା ଆୟୋଗର ଶିବିର ଅଦାଲତ

# ୨୨ ମାମଲାର ଶୁଣାଣି, ୫ଟିର ଆପୋସ ସମାଧାନ




**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଏକ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ସଦସ୍ୟା ଉର୍ମିଳା ମହାପାତ୍ର ଯୋଗଦେଇ ମାମଲାଗୁଡିକର ଶୁଣାଣି କରିଥିଲେ। ସେହିପରି ଆୟୋଗର କାଉନସିଲର ବନ୍ଦନା ମହାନ୍ତି ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଏଥିରେ ଯୋଗଦେଇ ଶୁଣାଣିରେ ସହଯୋଗ କରିଥିଲେ। ଏହି ଶିବିର ଅଦାଲତରେ ୩୩ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିବାବେଳେ ସେଥିରୁ ୨୨ଟିର ଶୁଣାଣି ହୋଇଥିଲା। ଏଥିରୁ ୫ଟି ମାମଲାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଥିବାବେଳେ ୩ଟି ମାମଲାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପୁଲିସ ପ୍ରଶାସନକୁ ପଠାଯାଇଥିଲା। ସେହିପରି ଅନ୍ୟ ୩ଟି ମାମଲାରେ ଆଇନଗତ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅନୁରୋଧ କରାଯାଇଛି। ବାକି ମାମଲାରେ ପୁନର୍ବାର ନୋଟିସ କରାଯିବା ପାଇଁ ଶିବିର ଅଦାଲତରେ ଆଦେଶ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ସୁରକ୍ଷା ଅଧିକାରୀ ରମଣି ଲାକ୍ରା ଓ ପୋଲିସ ମୁଖ୍ୟାଳୟର ଡିଏସ୍‌ପି ରଶ୍ମିରଞ୍ଜନ ଦାସ ପ୍ରମୁଖ ଏହି ଶିବର ଅଦାଲତରେ ଉପସ୍ଥିତ ରହି ମାମଲା ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଜମୁଛି ବର୍ଷାପାଣି

# ନିଷ୍କାସନ ବ୍ୟବସ୍ଥା ନ ହେଲେ ୩୦ରେ ଆନ୍ଦୋଳନ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ସହରର କେନ୍ଦ୍ରସ୍ଥଳ ସାନବଜାର ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ। ତେବେ ଏହି କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ମଝିରେ ବିରାଟ ଗର୍ତ୍ତ ହୋଇଥିବାରୁ ସାମାନ୍ୟ ଅସରାଏ ବର୍ଷାରେ ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ପ୍ରତିଦିନ ବିଦ୍ୟୁତ୍ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଶତାଧିକ ଲୋକ ଏହି ରାସ୍ତାରେ ଅତ୍ୟନ୍ତ ଦୟନୀୟ ଭାବେ ଯାତାୟାତ କରୁଛନ୍ତି। ପୂର୍ବରୁ ଏହି ରାସ୍ତା ମରାମତି ପାଇଁ ଜଗତସିଂହପୁର ପୌର ପରିଷଦ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପାରିଷଦଙ୍କୁ ଅବଗତ କରାଯାଇଛି। ତେବେ ଅଦ୍ୟାବଧି ଏହି ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୩୦ ତାରିଖରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସହିତ ରାସ୍ତାରେ ଶୋଇ ପ୍ରତିବାଦ କରାଯିବା ବୋଲି ଆଇନଜୀବୀ ବାସୁଦେବ ସୂଚନା ଦେଇଛନ୍ତି।



## ଅମାନିଆ ଡ୍ରାଇଭରଙ୍କୁ ବନ୍ଦର କର୍ତ୍ତୃପକ୍ଷଙ୍କ ଛାଟ

# ବେଆଇନ ଭାବେ ଟ୍ରକ୍ ପାର୍କିଂ କଲେ ୧୦ ହଜାର ଜରିମାନା

ପାରାଦୀପ, ୨୩।୮ (ସମିସ)

ବେଆଇନ୍ ଗାଡ଼ି ପାର୍କିଂ କଲେ ଦେବାକୁ ପଡ଼ିବ ୧୦ ହଜାର ଟଙ୍କାର ଜରିମାନା। ଏ ନେଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବନ୍ଦରର ସୂଚନା ମୁତାବକ ଭାରୀଯାନ ଡ୍ରାଇଭର ମନଇଚ୍ଛା ପାରାଦୀପ ବନ୍ଦରର ବିଭିନ୍ନ ସ୍ଥାନରେ ବେପରୁଆ ଭାବେ ପାର୍କିଂ କରୁଛନ୍ତି। ଯଦ୍ୱାରା ରାସ୍ତା ସଂକୁଚିତ ହେବା ସହିତ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପକ୍ଷରୁ ବେଆଇନ୍ ପାର୍କିଂ ଉପରେ ରୋକ ଲଗାଯାଇଛି। ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ବନ୍ଦର କର୍ତ୍ତୃପକ୍ଷ। ଯଦି କେହି ଡ୍ରାଇଭର ଭାରୀଯାନକୁ ଅଠରବାଙ୍କୀ ଗେଟ ନିକଟରୁ ରେଲୱେ ଷ୍ଟେସନ ରାସ୍ତା, ଅଠରବାଙ୍କୀ ଗେଟ ନିକଟରୁ ବନ୍ଦର ୧ ନମ୍ବର ଗେଟ ପର୍ଯ୍ୟନ୍ତ ଭୟା ମାଛଧରା ବନ୍ଦର ରାସ୍ତା ଓ ବନ୍ଦରର ୫ ନମ୍ବର ଗେଟରୁ ମେରାଇନ ରାସ୍ତା କଡ଼ରେ ବେଆଇନ ଭାବେ ପାର୍କିଂ କରନ୍ତି, ତେବେ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ନେଇ ବନ୍ଦରର ସଚିବ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଏକ ଚିଠି ପାରାଦୀପରେ ଥିବା ପାରାଦୀପ ଟ୍ରକ ମାଲିକ ସଙ୍ଘ, ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ଓ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ, ଡମ୍ପର ମାଲିକ ସଙ୍ଘ, ପାରାଦୀପ ଅତିରିକ୍ତ ଏସ୍‌ପି ଓ ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଯେହେତୁ ପାରାଦୀପ ବନ୍ଦର ଏକ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବନ୍ଦର ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଓ ବହୁ ସରକାରୀ ଅଧିକାରୀ ପାରାଦୀପକୁ ଆସୁଛନ୍ତି। ସେମାନେ ଏହି ବେଆଇନ୍ ପାର୍କିଂ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ, ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତା' ସହିତ ଆଉ ମାତ୍ର ଦିନ କେଇଟା ପରେ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେବ। ତେବେ ରାସ୍ତାରେ ଏଭଳି ବେଆଇନ ପାର୍କିଂ କଲେ ଦୁର୍ଘଟଣା ହେବ ହିଁ ହେବ। ଏହାକୁ ଆଖିରେ ଆଗରେ ରଖି ବନ୍ଦର ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

# ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ଜଗତସିଂହପୁର, ୨୩।୮ (ସମିସ):** ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଯୁବକର ନାମ ଲୋକନାଥ ଭୋଇ ଓ ତା'ର ଘର ବିରିଡି ଥାନା ଅନ୍ତର୍ଗତ ଦୋଗଛିଆ ଅଞ୍ଚଳରେ ବୋଲି ସଦର ଥାନା ସୂତ୍ରରୁ ସୂଚନା ମିଳିଛି। ଅଭିଯୁକ୍ତ ଲୋକନାଥକୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ,୨୩।୮ (ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଶୁଣାଣି କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ, ସ୍ଥାନୀୟ ରାଣୀଗୁଡ଼ା ଗ୍ରାମର ରିପୁ ଓରଫ ରିପୁରାଜ ବିଶ୍ୱାଳ।

୨୦୨୧ ନଭେମ୍ବର ୧୬ରେ ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକା ଟିଉସନ ଯାଉଥିବା ସମୟରେ ରିପୁ ତାଙ୍କୁ ବାଟରୁ ଉଠାଇ ନେଇ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। କିଛି ଦିନ ପରେ ସମ୍ପୃକ୍ତା ନାବାଳିକା ଗର୍ଭବତୀ ହେବାରୁ ରିପୁ ଜୋରଜବରଦସ୍ତ ଗର୍ଭନଷ୍ଟ ମଧ୍ୟ କରାଇଥିଲା। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ପରିବାରଲୋକେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ରିପୁକୁ ଗିରଫ କରିଥିଲା। ଶନିବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ୧୫ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ରିପୁକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ୩ ଅଟକ

ପାରାଦୀପ, ୨୩।୮ (ସମିସ): ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପାରାଦୀପ ଲକ୍ ଥାନା ପୁଲିସ୍ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ଲକ୍ ଥାନା ଅଞ୍ଚଳର ୯ ଜଣ ଛାତ୍ରୀ ପ୍ରତ୍ୟେକ ଦିନ ଟିଉସନ୍‌କୁ ଯାଇଥା'ନ୍ତି। ଛାତ୍ରୀଙ୍କ ଯିବା ଓ ଫେରିବା ସମୟରେ କିଛି ଯୁବକ ସେମାନଙ୍କୁ ଅଟକାଇବା ସହ ଅସଦାଚରଣ ଓ କମେଣ୍ଟ କରିଥା'ନ୍ତି। ଏ ସମ୍ପର୍କରେ ଛାତ୍ରୀମାନେ ଘରେ ଜଣାଇବା ସହ ଟିଉସନ ସାରଙ୍କୁ କହିଥିଲେ। ଗତକାଲି ସନ୍ଧ୍ୟାରେ ଛାତ୍ରୀମାନେ ଟିଉସନ୍ ଯିବା ସମୟରେ ତିନିଜଣ ଯୁବକ ପୁନର୍ବାର ସେମାନଙ୍କୁ ଅଟକାଇବା ସହିତ ପ୍ରାୟ ଅଧଘଣ୍ଟା କାଳ ଅଟକାଇ ଅସଦାଚରଣ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଥାନାରେ ଏତଲା ଦେଲେ କିମ୍ବା କାହାକୁ କହିଲେ, ଏସିଡ୍ ପକାଇ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବାରୁ ଉକ୍ତ ୯ଜଣ ନାବାଳିକା ଛାତ୍ରୀ ଗତରାତିରେ ଲକ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ତିନିଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିବା ସହିତ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ସୂତ୍ରରୁ ଜଣାପଡିଛି। ୩ ଯୁବକଙ୍କ ବୟସ ଜାଣିବା ପାଇଁ ପୁଲିସ ପରିବାର ଲୋକଙ୍କୁ ଡକାଇ ତଦନ୍ତ ଆରମ୍ଭ କରିଛି।

# ଏସ୍‌ସିବିରୁ ଡିସଚାର୍ଜ ହେଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

କଟକ,୨୩।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି ଆଜି ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଅସ୍ତ୍ରୋପଚାର ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଜି ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଏସ୍‌ସିବିର ସର୍ଜରୀ ୱାର୍ଡରେ ସିଷ୍ଟ ଅସ୍ତ୍ରୋପଚାର କରିବା ପାଇଁ ସେ ଭର୍ତ୍ତି ହୋଇଥିଲେ। ଏହା ପରେ ୨୧ ତାରିଖ (ଗୁରୁବାର) ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସର୍ଜନ ପ୍ରଫେସର ଡାକ୍ତର ଏଲ.ଭି ଗୌରୀଙ୍କ ନେତୃତ୍ୱରେ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ଜୟନ୍ତ ବିଶ୍ୱାଳଙ୍କ ସମେତ ଭେଷଜ, ସ୍ତ୍ରୀ ଓ ପ୍ରସୂତି ରୋଗ, ପଲ୍‌ମୋନାରୀ ମେଡିସିନ, ଆନେସ୍ଥେସିଆ, ଏଣ୍ଡୋକ୍ରାଇନୋଲୋଜି, କାର୍ଡିଓଲୋଜି ବିଭାଗର ୧୦ ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଇଥିଲା। ୨୨ତାରିଖ ଶୁକ୍ରବାର ସ୍ୱାସ୍ଥ୍ୟ ସଚିବ ଏସ୍.ଅଶ୍ୱଥୀ ଏସ୍‌ସିବି ଗସ୍ତରେ ଆସି ରୋଗୀଙ୍କୁ ଭେଟିବା ସହ ପ୍ରିୟଙ୍କାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

# ରେଭେନ୍ସା କଲିଜିଏଟ୍ ସ୍କୁଲ 'ନେତୃତ୍ୱ' ତିଆରି କାରଖାନା: ଧର୍ମେନ୍ଦ୍ର

କଟକ, ୨୩।୮ (ସମିସ): ରେଭେନ୍ସା କଲିଜିଏଟ୍ ସ୍କୁଲ ଏକ 'ନେତୃତ୍ୱ' ତିଆରି କାରଖାନା। ଏହି ସ୍କୁଲ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ତିଆରି କରିଛି, ଯେଉଁମାନେ ଆମର ରାଷ୍ଟ୍ରର ଗୌରବ ବଢ଼ାଇଛନ୍ତି। ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବକୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହା କହିଛନ୍ତି। ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ଅଭିଭାବକ ଏବଂ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରେଭେନ୍ସା କାଲିଜିଏଟ୍ ସ୍କୁଲ ରାଜ୍ୟର ଏକ ସର୍ବପୁରାତନ ଆଦର୍ଶ ଶିକ୍ଷାନିକେତନ। ଏହାର ଇତିହାସ ମହାନ। ଆଜି ମହାକାଶ ଅଭିଯାନ ଦିବସ ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।




ସାଂସଦ ଭର୍ତ୍ତୃହରି ମହତାବ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟିକା ସୋଫିଆ ଫିରଦୋସ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏବଂ ବିଦ୍ୟାଳୟର ଇତିହାସ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଏ-୧ ହାସଲ କରିଥିବା ୫ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପୁରାତନ ଛାତ୍ରଛାତ୍ରୀମାନଙ୍କୁ 'କୃତବିଦ୍ୟ ସମ୍ମାନ'ରେ ୧୦ଜଣଙ୍କୁ ଏବଂ 'ବିଦ୍ୟାମିତ୍ର ସମ୍ମାନ'ରେ ୩ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ପୁରାତନ ଛାତ୍ର କମିଟିର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନନ୍ଦନ ମହାନ୍ତି, ସଂଘମିତ୍ରା ପଟ୍ଟନାୟକ, ପରେଶ୍ ମଲ୍ଲ, ଦିଲ୍ଲୀପ ଜେନା, ପୁଷ୍ପାଞ୍ଜଳି ବେହେରା, ଜ୍ଞାନରଞ୍ଜନ ଧଳ, କଳ୍ପନା ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ, ଜାତୀୟ 'ମହାକାଶ ଦିବସ' ଅବସରରେ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଆୟୋଜିତ 'ବିଜ୍ଞାନ ମେଳା'କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବୁଲି ଦେଖିବା ସହ ବୁଲିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ଉପକରଣ ଦେଖି ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ସଂସଦର ୱେବସାଇଟ୍ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ "ଶିକ୍ଷା ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଧାଡ଼ି ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଛି: ଜିଲ୍ଲାପାଳ

ପୁରୀ,୨୩।୮ (ସମିସ): ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ସରିବା ପରେ ପ୍ରଥମ ବୈଠକରେ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତରଣ କରାଯିବ। ଏହାପରେ ସେପ୍ଟେମ୍ବର ୧୫ରୁ ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ତେବେ ଏହି ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ଶନିବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ନାଟମଣ୍ଡପରେ ହୁଣ୍ଡି ସ୍ଥାନାନ୍ତର ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଆସନ୍ତା ସେପ୍ଟେମ୍ବର ୩ରୁ ୪ ମଧ୍ୟରେ ପରିଚାଳନା କମିଟି ଗଠନ ସମାପ୍ତ ହେବ। ଏହାପରେ କମିଟି ବୈଠକ ଅନୁଷ୍ଠିତ ହେବ। ଏଥିରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବା ନେଇ ବିସ୍ତୃତ ଭାବେ ଆଲୋଚନା ହେବ। ଏଥିସହ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇ ସରକାରଙ୍କୁ ଅବଗତ କରାଯିବ। ଏହାପରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ଏହି ବ୍ୟବସ୍ଥା ଆରମ୍ଭ ହେଲେ ଭକ୍ତମାନେ ସୁଗମ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ। ଦର୍ଶନାର୍ଥୀଙ୍କ ପାଇଁ ଏହା ସହଜ ହେବ ବୋଲି ସୂଚନା ଦେଇଥିଲେ ଆଇନ ମନ୍ତ୍ରୀ।

# ବଳଦେବଜୀଉଙ୍କ ନିକଟରେ ଲାଗିହେଲା ସପ୍ତପୁରୀ

କେନ୍ଦ୍ରାପଡ଼ା,୨୩।୮ (ସମିସ): ବଳଦେବଜୀଉଙ୍କ ନିକଟରେ ଲାଗି ହୋଇଛି ସପ୍ତପୁରୀ ଭୋଗ। ଆଜି ସପ୍ତପୁରୀ ଅମାବାସ୍ୟାରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ସପ୍ତପୁରୀ ନୀତି କରାଯାଇଛି। ସକାଳ ଧୂପ ସମ୍ପନ୍ନ ପରେ ଏହି ଭୋଗ କରାଯାଇଥିଲା। ଚର୍ଚ୍ଚେଇତ ଗୁଡ଼ିଆ ବ୍ରାହ୍ମଣଙ୍କ ଦ୍ୱାରା ନଡ଼ିଆ, ଛେନା, ଖସା, ଗହମ ଅଟା, ଚାଉଳ ଚୁନା, ଗୋଲ ମରିଚ, ଗୁଜୁରାତି ଓ ଦେଶୀ ଘିଅରେ ପ୍ରସ୍ତୁତି ପରେ ରୌପ୍ୟ ପାତ୍ରରେ ପରସା ଯାଇ ବଡ଼ସାଇତି ସେବକଙ୍କ ଦ୍ୱାରା ନିଆଯାଇ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ କରାଯାଇଥିଲା। ପରେ ପାର୍ଶ୍ୱ ଦେବଦେବୀଙ୍କୁ ଅର୍ପଣ କରାଯାଇଥିଲା। ଏହି ଅବସରରେ ଆଜି ବଳଦେବଜୀଉଙ୍କ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।



## ରାଜଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ଯୋଜନା କାର୍ଯ୍ୟକାରୀ ବେଳେ ଅଧିକାରୀମାନେ ସହାନୁଭୂତିଶୀଳ ହୁଅନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର,୨୩।୮ (ସମିସ): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ବେଳେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ। ଶନିବାର ରାଜଭବନର ନ୍ୟୁ-ଅଭିଷେକ ହଲ୍‌ଠାରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆଜି ଅଧିକାରୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟପାଳ କହିଥିଲେ, ଜନଜାତିମାନଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇପାରିବେ। ତେଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା, ଫରେଷ୍ଟ ରାଇଟ୍ ଆକ୍ଟ-୨୦୦୬ର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ, ଧାରା-୨୭୫(୧), ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଇତ୍ୟାଦି ଯୋଜନାର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ। ଏହାସହ ଜଙ୍ଗଲ ଅଧିକାର ଆଇନ ଅଧୀନରେ ବିଭିନ୍ନ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ବିଚାରାଧୀନ ଆବେଦନଗୁଡ଼ିକୁ ଆଗାମୀ ୯୦ ଦିନ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଗ୍ରାମରେ ମୋବାଇଲ ନେଟୱାର୍କ ଉପଲବ୍ଧ କରାଇବା, ସୌରଶକ୍ତିର ବ୍ୟବହାର, ସିଏସଆର କାର୍ଯ୍ୟକ୍ରମ ସହଯୋଗରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ।

# ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସରାଓଙ୍କୁ 'ବାବୁ ଗଙ୍ଗାଶରଣ ସିଂହ' ପୁରସ୍କାର

ଭୁବନେଶ୍ୱର,୨୩।୮ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସରାଓଙ୍କୁ ଆଜି ବିହାର ସରକାରଙ୍କ ମନ୍ତ୍ରିମଣ୍ଡଳ ସଚିବାଳୟ (ରାଜଭାଷା) ବିଭାଗ ତରଫରୁ 'ବାବୁ ଗଙ୍ଗାଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପାଟନା ସଚିବାଳୟର ସମ୍ବାଦ ଭବନରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ହିନ୍ଦୀ ସେବା ସମ୍ମାନ ଏବଂ ପୁରସ୍କାର ଯୋଜନା ୨୦୨୩-୨୪ ବର୍ଗରେ ଡକ୍ଟର ରାଓଙ୍କୁ ଏହା ପ୍ରଦାନ କରାଯାଇଛି।



ବିଶିଷ୍ଟ ବିଦ୍ୱାନ ତଥା ପ୍ରଶାସକ ଡକ୍ଟର ରାଓ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଏବଂ ପିଏଚଡି ତଥା ଛତିଶଗଡ଼ର ସହିଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡି.ଲିଟ୍ ଡିଗ୍ରୀ ଲାଭ କରିଛନ୍ତି। ସେ ବହୁ ଅନ୍ତର୍ଜାତୀୟ ମଞ୍ଚରେ ଲେଖକଗୋଷ୍ଠୀଙ୍କ ପ୍ରତିନିଧିତ୍ୱ କରିବା ପୂର୍ବକ ୨୦ରୁ ଅଧିକ ଦେଶରେ ଆୟୋଜିତ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ସେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏବଂ ଜାତୀୟ ଅନୁଷ୍ଠାନର ସଦସ୍ୟ ଅଛନ୍ତି। ତାଙ୍କ ଦ୍ୱାରା ପ୍ରକାଶିତ ଉଲ୍ଲେଖଯୋଗ୍ୟ ପୁସ୍ତକଗୁଡ଼ିକ ହେଉଛି, ମିଥସ୍, ପ୍ଲେଜ ଏଣ୍ଡ ଗିରିଶ କର୍ଣ୍ଣାଡ, ଭାରତୀୟ ସାହିତ୍ୟ ଔର ସଂସ୍କୃତି, ଇଣ୍ଡିଆନ ଷ୍ଟୋରିଜ, ଭିତାସ୍ତା: ୟୁନାଇଟିଙ୍ଗ କଲଚର ଇତ୍ୟାଦି। ସେ ଦିଲ୍ଲୀ ତେଲୁଗୁ ଏକାଡେମୀ ପୁରସ୍କାର, କିନ୍ନରା ଉଗାଦି ପୁରସ୍କାର, ଭାରତୀୟ ବାଙ୍ମୟ ପୀଠ ପୁରସ୍କାର, ନନ୍ଦୀ ସେବା ଟ୍ରଷ୍ଟର ସୃଜନ ଶିଖର ସମ୍ମାନ, ଦିଲ୍ଲୀ ହିନ୍ଦୀ ଏକାଡେମୀର ହିନ୍ଦୀ ସେବା ସମ୍ମାନ, ଜୀ ନ୍ୟୁଜର "ଶିକ୍ଷା କନକ୍ଲେଭ ୨୦୨୫"ରେ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ସ୍ୱତନ୍ତ୍ର ପୁରସ୍କାର, ଆନ୍ଧ୍ରପ୍ରଦେଶ ସରକାରଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନ କଳାରତ୍ନ ପୁରସ୍କାର ଇତ୍ୟାଦି ବହୁ ପୁରସ୍କାର ଲାଭ କରିଛନ୍ତି। ବିଶ୍ୱର ସର୍ବବୃହତ୍ ସାହିତ୍ୟ ମହୋତ୍ସବ ଭାବେ ମାର୍ଚ୍ଚ ୨୦୨୪ରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର ସାହିତ୍ୟ ଉତ୍ସବ ପାଇଁ ଦୁବାଇର ଆଇନଷ୍ଟାଇନ୍ ୱାର୍ଲ୍ଡ ରେକର୍ଡସ୍ ଦ୍ୱାରା ବିଶ୍ୱ ରେକର୍ଡର ପ୍ରମାଣପତ୍ର ସେ ପାଇଛନ୍ତି।

## ବିଶ୍ୱ ବାଣିଜ୍ୟ

# ୩୬ ଲକ୍ଷରେ ବିକ୍ରି ହେଲା ୦୦୧ ନମ୍ବର ପ୍ଲେଟ୍

ଚଣ୍ଡିଗଡ଼, ୨୩।୮ (ଏଜେନ୍ସି): ଗାଡ଼ିର ଫ୍ୟାନ୍‌ସୀ ତଥା ମନ ପସନ୍ଦ ନମ୍ବର ହାସଲ କରିବା ପାଇଁ ପ୍ରତିଯୋଗିତା ଲାଗି ରହିଛି। ନିଜ ସଉକ ପୂରଣ ପାଇଁ ଲୋକେ ଅଧିକ ଟଙ୍କା ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଚଣ୍ଡିଗଡ଼ରେ ଏଭଳି ନମ୍ବର ପାଇଁ ନିଲାମ ଡକରା ହୋଇଛି। ଚଳିତ ବର୍ଷର ଏହି ନିଲାମ ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ୦୦୦୧ ନମ୍ବର ଯେଉଁ ମୂଲ୍ୟରେ ନିଲାମ ହୋଇଛି, ସେଥିରେ ଗୋଟିଏ ଟୟୋଟା ଫର୍ଚ୍ୟୁନର କିମ୍ବା ୩ଟି ଥର୍ ଗାଡ଼ି କ୍ରୟ କରାଯାଇପାରିବ। ଏହି ନମ୍ବର ୩୬.୪୩ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ଏଥିସହିତ ଏହା ସବୁଠାରୁ ମହଙ୍ଗା ନମ୍ବର ହୋଇଯାଇଛି। ସେକ୍ଟର-୧୭ ସ୍ଥିତ ରେଜିଷ୍ଟରିଂ ଆଣ୍ଡ ଲାଇସେନ୍ସିଂ ଅଥରିଟି (ଆରଏଲଏ) ପକ୍ଷରୁ ଏହି ନିଲାମ ହୋଇଥିଲା। ପ୍ରମୁଖ ୭ଟି ନମ୍ବର ବିକି ୧୨୮.୧୫ ଲକ୍ଷ ଟଙ୍କା ଆୟ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ନିଲାମ ପ୍ରକ୍ରିୟାରେ ଆରଏଲଏକୁ ୪ କୋଟିରୁ ଅଧିକ ଟଙ୍କା ମିଳିଥିଲା। ଚିଏଚ୍୦୧-ଡିଏ-୦୦୦୩ ନମ୍ବର ୧୭.୮୪ ଲକ୍ଷ, ୦୦୦୯ ୧୬.୮୨ ଲକ୍ଷ, ୦୦୦୫ ନମ୍ବର ୧୬.୫୧ ଲକ୍ଷ, ୦୦୦୭ ନମ୍ବର ୧୬.୫୦ ଲକ୍ଷ, ୦୦୦୨ ନମ୍ବର ୧୩.୮୦ ଲକ୍ଷ ଏବଂ ୯୯୯୯ ନମ୍ବର ୧୦.୨୫ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ସୂଚନା ଅନୁଯାୟୀ ଆରଏଲଏ ଗତ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ନିଲାମ ଡାକିଥିଲା। ଏହି ୪ ଦିନରେ ମୋଟ ୫୭୭ ନମ୍ବର ବିକ୍ରି କରାଯାଇଥିଲା। ଏଥିରୁ ୪ କୋଟି ୮ ଲକ୍ଷ ୮୫ ହଜାର ଟଙ୍କା ମିଳିଥିଲା। ଏହି ରାଜସ୍ୱ ଏ ପର୍ଯ୍ୟନ୍ତର ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ବର୍ଷ ହୋଇଥିବା ନିଲାମରୁ ୨.୨୬ କୋଟି ଟଙ୍କା ମିଳିଥିଲା।

# ୩ ରେ ଜିଏସ୍‌ଟି ପରିଷଦ ବୈଠକ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆସନ୍ତା ତିନି ଏବଂ ଚାରି ତାରିଖରେ ଜିଏସ୍‌ଟି ପରିଷଦର ବୈଠକ ହେବାକୁ ଯାଉଛି। ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ଏହି ବୈଠକରେ ସାମିଲ ହେବେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହାର ଅଧ୍ୟକ୍ଷତା କରିବେ। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଟିକସ ସ୍ଲାବ୍‌କୁ ଚାରିରୁ ହ୍ରାସ କରି ଦୁଇ କରି ଦିଆ ଯାଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ସ୍ୱାଧୀନତା ଦିବସରେ ଘୋଷଣା କରିଥିଲେ। ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଉଛି ବୋଲି କହିଥିଲେ। ଦୀପାବଳିରୁ ଏହି ନିୟମ ଲାଗୁ ହେବ। ଜିଏସ୍‌ଟି ପରିଷଦ ବୈଠକରେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତ ସ୍ଲାବ ଉଚ୍ଛେଦକୁ ମଞ୍ଜୁରି ମିଳିପାରେ। ଯଦି ଏପରି ହୁଏ ତେବେ ଜିଏସ୍‌ଟିର କେବଳ ଦୁଇଟି ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ସ୍ଲାବ ରହିବ। ବିଳାସପୂର୍ଣ୍ଣ ସାମଗ୍ରୀଗୁଡିକୁ ୪୦ ପ୍ରତିଶତରେ ରଖାଯିବ।

**ବନ୍ଦ ହେବ ୧୨% ଓ ୨୮% ସ୍ଲାବ**

ଏବେ ଜିଏସ୍‌ଟିର ଚାରୋଟି ସ୍ଲାବ୍ ୫%, ୧୨%, ୧୮% ଏବଂ ୨୮ ପ୍ରତିଶତ ରହିଛି। ଜିଏସ୍‌ଟି ପରିଷଦ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ଦୁଇ ଦିନିଆ ବୈଠକ ନୂଆଦିଲ୍ଲୀରେ ହେବ। ଏଥିରେ ଜିଏସ୍‌ଟି ହାରକୁ ଯୁକ୍ତିସଙ୍ଗତ କରିବାକୁ, କ୍ଷତିପୂରଣ ସେସ୍ ଏବଂ ସ୍ୱାସ୍ଥ୍ୟ ଓ ଜୀବନ ବୀମା ପ୍ରିମିୟମ ଉପରେ ଗଠିତ ମନ୍ତ୍ରିଗୋଷ୍ଠୀ (ଜିଓଏମ) ସୁପାରିସ ଉପରେ ବିଚାର କରାଯିବ। ଜିଏସ୍‌ଟି ସ୍ଲାବରେ ପରିବର୍ତ୍ତନ ଲାଗି କେନ୍ଦ୍ର ଦେଇଥିବା ପ୍ରସ୍ତାବ ଉପରେ ଜିଓଏମ ସହମତି ପ୍ରକାଶ କରିଛି। ଜିଏସ୍‌ଟିର ୨ଟି ସ୍ଲାବ ରହିବା ଦ୍ୱାରା ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। କ୍ଷୁଦ୍ର କାର୍ ମୂଲ୍ୟରେ ବଡ଼ ହ୍ରାସ ଦେଖା ଯାଇପାରେ। ସେହିପରି ଏୟାର କଣ୍ଡିସନର ସହିତ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ, କୋଠା ନିର୍ମାଣ ସାମଗ୍ରୀ, ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଶସ୍ତା ହେବ। ୧୨ ପ୍ରତିଶତ ସ୍ଲାବ ଥିବା ଅନେକ ସାମଗ୍ରୀକୁ ୫ ପ୍ରତିଶତ ସ୍ଲାବକୁ ଅଣା ଯାଇପାରେ। ଏଥିରେ କ୍ଷୀର, ଦହି, ଷ୍ଟେସନାରୀ, ଶିକ୍ଷା ଏବଂ ଅନ୍ୟ ସାମଗ୍ରୀ ସାମିଲ ରହିଛି।

# ନୂଆ ଆପ୍ ଆଣିଲା ଡ୍ରିମ୍୧୧

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଅନ୍‌ଲାଇନ ମନି ଗେମିଂ ଆପ୍ ନିଷିଦ୍ଧ ହେବା ପରେ ଭାରତୀୟ କ୍ରିକେଟ ଟିମ୍ ପ୍ରାୟୋଜକ ଡ୍ରିମ୍୧୧ର ପ୍ୟାରେଣ୍ଟ କମ୍ପାନୀ ଡ୍ରିମ୍ ସ୍ପୋର୍ଟ୍ସ ଶନିବାର ଏକ ନୂଆ ପର୍ସନାଲ ଫାଇନାନ୍ସ ଆପ୍‌ର ଶୁଭାରମ୍ଭ କରିଛି। ଏହି ଡ୍ରିମ୍ ମନି ଆପ୍ ଆର୍ଥିକ ପରିଚାଳନାର କାମ କରିବ। ଏହି ଆପ୍ ଫିକ୍ସଡ ଡିପୋଜିଟ (ଏଫ୍‌ଡି) ଏବଂ ଡିଜିଟାଲ ଗୋଲ୍ଡରେ ନିବେଶ ପାଇଁ ବ୍ୟବହାରକାରୀଙ୍କୁ ସହାୟତା କରିବ। ଏହା ଦୈନନ୍ଦିନ ଖର୍ଚ୍ଚର ହିସାବ ରଖିବା ସହିତ ନିବେଶକୁ ଟ୍ରାକ୍ କରିବାରେ ସହାୟକ ହେବ। ଏହି ଆପ୍ ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। କିଛି ବ୍ୟବହାରକାରୀଙ୍କ ପାଇଁ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ଏହା ଉପଲବ୍ଧ। ଅନ୍‌ଲାଇନ ଗେମିଂ ବିଲ୍-୨୦୨୫ ଆଇନରେ ପରିଣତ ହେବା ପରେ କମ୍ପାନୀ ଏହି ନିଷ୍ପତ୍ତି ନେଇଛି।

# ୟେସ୍ ବ୍ୟାଙ୍କର ୨୪.୯୯% ଅଂଶଧନ କିଣିବ ଜାପାନ ବ୍ୟାଙ୍କ

ମୁମ୍ବଇ, ୨୩।୮ (ଏଜେନ୍ସି): ଜାପାନର ସୁମିତୋମୋ ମିତ୍ସୁଇ ବ୍ୟାଙ୍କିଂ କର୍ପୋରେସନ (ଏସଏମବିସି) ମୁମ୍ବଇର ଘରୋଇ ବ୍ୟାଙ୍କ ୟେସ୍ ବ୍ୟାଙ୍କର ୨୪.୯୯ ପ୍ରତିଶତ ଅଂଶଧନ କିଣିବାକୁ ଯାଉଛି। ଏଥିପାଇଁ ଏସଏମ୍‌ବିସିକୁ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ମଞ୍ଜୁରି ଦେଇଛି। ଷ୍ଟକ ଏକ୍ସଚେଞ୍ଜ ଫାଇଲିଂରେ ୟେସ୍ ବ୍ୟାଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୨୨ ତାରିଖରେ ଆର୍‌ବିଆଇ ଏହି ମଞ୍ଜୁରି ଦେଇଥିଲା। ଏହା ବର୍ଷେ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଂଶଧନ କିଣିବା ସତ୍ତ୍ୱେ ଏସଏମବିସିକୁ ବ୍ୟାଙ୍କର ପ୍ରମୋଟର ଧରାଯିବ ନାହିଁ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି।

## ପୁଣି ଲିପୁଲେଖ ପାସ୍ ଦେଇ ବ୍ୟବସାୟ କରିବେ ଭାରତ-ଚୀନ୍

# ଟଙ୍କା-ୟୁଆନରେ ହେବ କାରବାର

ଡେରାଡୁନ, ୨୩।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଭାରତ ଏବଂ ଚୀନ୍ ସମ୍ବନ୍ଧ ସୁଧୁରିବାରେ ଲାଗିଛି। ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତ ଗସ୍ତକୁ ଏହାର ସଙ୍କେତ ଭାବେ ଦେଖାଯାଉଛି। ଏବେ ଦୁଇ ଦେଶ ଉତ୍ତରାଖଣ୍ଡର ଲିପୁଲେଖ ପାସ୍ ଦେଇ ପୁଣି ଥରେ ବ୍ୟବସାୟ ଆରମ୍ଭ କରିବାକୁ ସହମତି ପ୍ରକାଶ କରିଛନ୍ତି। ୱାଙ୍ଗଙ୍କ ଗସ୍ତ ସମୟରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଲିପୁଲେଖ ସହିତ ସିପକି ଲା ଏବଂ ନାଥୁ ଲା ପାସ୍ ଦେଇ ପୁଣି ଥରେ କାରବାର ଆରମ୍ଭ କରିବାକୁ ସହମତି ପ୍ରକାଶ ପାଇଛି। ସଡ଼କ ପଥରେ ଏହି ବ୍ୟବସାୟ ହେବ। ଏବେ ବ୍ୟବସାୟ ଭାରତୀୟ ଟଙ୍କା ଏବଂ ଚୀନ୍ ୟୁଆନରେ କରାଯିବ। ପୂର୍ବରୁ ସାମଗ୍ରୀ ବଦଳରେ ସାମଗ୍ରୀ କାରବାର ହେଉଥିଲା। ତିବ୍ବତରୁ ବ୍ୟବସାୟୀ ଲୁଣ, ବୋରାକ୍ସ, ପଶୁ ଉତ୍ପାଦ, ଜଡିବୁଟି ଏବଂ ସ୍ଥାନୀୟ ସାମଗ୍ରୀ ବିକ୍ରି କରିବାରୁ ଆସିଥାନ୍ତି। ତେବେ ଭାରତୀୟ ବ୍ୟବସାୟୀ, ଛେଳି, ମେଣ୍ଢା, ଚାଉଳ, ମସଲା, ଗୁଡ଼, ମିଶ୍ରି, ଗହମ ସେଠାରେ ବିକିଥାନ୍ତି।

ଅନ୍ୟପକ୍ଷରେ ନେପାଳ ଏହି ଚୁକ୍ତି ଉପରେ ଆପତ୍ତି ଉଠାଇଛି। ଲିମ୍ପିୟାଧୁରା, ଲିପୁଲେଖ ଏବଂ କଳାପାଣିକୁ ଏହି ଦେଶ ନିଜ କ୍ଷେତ୍ର କହୁଛି। ଏହି ଅଞ୍ଚଳରେ କୌଣସି କାର୍ଯ୍ୟକଳାପ ନ କରିବା ପାଇଁ ଭାରତ ଏବଂ ଚୀନ୍‌କୁ ନେପାଳ ଅନୁରୋଧ କରିଛି।

# ଭଲ ନୁହେଁ ନିତିଦିନିଆ ମେକ୍ଅପ୍



ମହିଳାମାନେ ତ୍ୱଚାରେ ଥିବା କଳାଦାଗକୁ ଦୂର କରି ଆକର୍ଷଣୀୟ ତ୍ୱଚା ପାଇବା ପାଇଁ ମେକ୍ଅପ୍ କରିଥାନ୍ତି । ସେହିପରି କେତେକ ମହିଳା ଅଫିସ୍, କଲେଜ ଆଦି ଯିବା ସମୟରେ ନିୟମିତ ମେକ୍ଅପ୍ କରିଥାନ୍ତି । କିନ୍ତୁ ଏପରି କରିବା ଦ୍ୱାରା ତ୍ୱଚାକୁ କ୍ଷତି ପହଞ୍ଚିଥାଏ । ଏଥିସହ ତ୍ୱଚାର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ । କେବଳ ସେତିକି ନୁହେଁ, ଏଥିଯୋଗୁ ବ୍ରଣ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ ।

- ନିୟମିତ ମେକ୍ଅପ୍ କରିବା ଦ୍ୱାରା ଲୋମଛିଦ୍ର ବନ୍ଦ ହୋଇଯାଏ । ସେହିପରି କିଛି ମହିଳାଙ୍କ ତ୍ୱଚାରେ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ ଚର୍ମ ଶୁଷ୍କ ରହିଥାଏ ।
- ବିଶେଷଜ୍ଞଙ୍କ କହିବାନୁଯାୟୀ ପ୍ରତିଦିନ ମେକ୍ଅପ୍ କରିବା ଅନାବଶ୍ୟକ । କୌଣସି ପାର୍ଟି ଫଙ୍କ୍ସନ୍ କିମ୍ବା ବିଶେଷ ଦିନରେ ମେକ୍ଅପ୍ କରିବା ଠିକ୍ । ଏଥିସହ ଫେସ୍ୱାସ୍ ପରେ ମଏଶ୍ଚରାଇଜର୍ ଲଗାଇବା ମଧ୍ୟ ଜରୁରି ।
- ତ୍ୱଚା ଅନୁସାରେ ଠିକ୍ ମେକଅପ୍ ପ୍ରସାଧନ ବ୍ୟବହାର କରିବା ଆବଶ୍ୟକ । ସେହିପରି ଶୋଇବା ପୂର୍ବରୁ ମେକ୍ଅପ୍ ରିମୁଭର୍ ବ୍ୟବହାର କରିବା ଜରୁରୀ ।

# ଗୃହିଣୀରୁ ଉଦ୍ୟୋଗୀ ଅର୍ପିତା



ଆଜିର ମହିଳା ନିଜକୁ ଆର୍ଥିକ ସଶକ୍ତ କରିବା ଦିଗରେ ଆଗକୁ ବଢ଼ୁଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ନିଜର ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଦୃଢ଼ ଆତ୍ମବିଶ୍ୱାସ ଓ ମନବୋଳ ଥିଲେ ସବୁକିଛି ସମ୍ଭବ ବୋଲି ସେମାନେ ପ୍ରମାଣିତ କରିଛନ୍ତି । ସେମିତି ଜଣେ ମହିଳା ହେଲେ ବୌଦ୍ଧ ଜିଲ୍ଲା ଖୁଣ୍ଟିଆପଡ଼ା ଗ୍ରାମର ଅର୍ପିତା ଦେଓ । ସେ ମିଲେଟ୍ରୁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି କରି ବିକ୍ରି କରନ୍ତି । ଏଥିସହ 'ମିଲେଟ୍ ବେକରୀ କାଫେ' ପ୍ରତିଷ୍ଠା କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିଛନ୍ତି ।

ଖାଦ୍ୟ ପ୍ରସ୍ତୁତିରେ ରୁଚି ରଖୁଥିବା ଅର୍ପିତା ବୌଦ୍ଧରେ ଆୟୋଜିତ ଅନେକ ମିଲେଟ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ମାଣ୍ଡିଆ ତଥା ମିଲେଟ୍‌ରେ ତିଆରି ବିଭିନ୍ନ ଜିନିଷ ବାବଦରେ ସେ ପ୍ରଶିକ୍ଷଣ ନେଇଥିଲେ । ମିଲେଟ୍ ଆଧାରିତ ଅନେକ ସଫଳ ଭିଡିଓ ଦେଖିଥିଲେ । ଏହାପରେ ସେ ଓଡ଼ିଶା ମିଲେଟ୍ ମିଶନ ତାଲିମ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଲେ । ଧୀରେ ଧୀରେ ମିଲେଟ୍ ତିଆରି ଜିନିଷ ପ୍ରତି ତାଙ୍କର ଆଗ୍ରହ ବଢ଼ିଲା । ଫଳରେ ସେ ୨୦୨୨ ମସିହାରେ ମିଲେଟ୍ ଖାଦ୍ୟପଦାର୍ଥ ଉପରେ ଗବେଷଣା ଆରମ୍ଭ କରିଥିଲେ । କଠିନ ପରିଶ୍ରମ କରି ସେ ୨୦୨୩ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀର ସାତଜଣ ମହିଳାଙ୍କୁ ନେଇ ମିଲେଟ୍ ବେକରୀ କାଫେ ପ୍ରତିଷ୍ଠା କରିଥିଲେ ।

ଏଥିରେ ସେ ପ୍ରଥମେ ୮ ପ୍ରକାର ଖାଦ୍ୟ ସାମଗ୍ରୀ ରଖିଥିଲେ । ସମୟକ୍ରମେ ବ୍ୟବସାୟ ବୃଦ୍ଧିହେଲା ଲୋକେ ତାଙ୍କ ନିର୍ମିତ ଖାଦ୍ୟକୁ ପସନ୍ଦ କଲେ । ଏବେ ସେ କାଫରେ ୨୫ ରୁ ଅଧିକ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏଥିସହ ସହ ବାଜାରରୁ କୁକିଜ୍ ତିଆରି କରୁଛନ୍ତି । ବ୍ୟବସାୟରେ ସଫଳତା ପାଇଁ ତାଙ୍କୁ ୨୦୨୩-୨୦୨୪ ମସିହାରେ ବୌଦ୍ଧ ଜିଲ୍ଲାର ସର୍ବଶ୍ରେଷ୍ଠ ମିଲେଟ୍ ଉଦ୍ୟୋଗୀ ଭାବେ ମିଶନ ଶକ୍ତି ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଏଥିସହ ଜିଲ୍ଲାରେ ମିଲେଟ୍ ଟିଫିନ୍ କେନ୍ଦ୍ର ଖୋଲିବା ପାଇଁ ଅର୍ପିତାଙ୍କ 'ମାଆ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ମିଲେଟ୍ ମିଶନ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଗୋଷ୍ଠୀର ମହିଳାଙ୍କ ସହାୟତାରେ ସେ ମାଣ୍ଡିଆରୁ ଭଳିକି ଭଳି, ବିସ୍କୁଟ୍,ଆରିସା, କେକ୍, ନିମ୍କି,ଚା', ଉପମା, ସୁପ୍, ନୁଡୁଲ୍ ଭଳି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସେଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ବିକ୍ରିବଟା କରିଥାନ୍ତି । ମିଲେଟ୍‌ରୁ ଭଳିକି ଭଳି ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଗାଁ ତଥା ସହରାଞ୍ଚଳରେ ତାଙ୍କ ଖାଦ୍ୟର ଲୋକାଦୃତ ହୋଇପାରିଛି । ଏହି ମିଲେଟ କାଫେରୁ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିକୁ ନେଇ ପ୍ରଶିକ୍ଷଣ ଦେଇଥାନ୍ତି । ଏହାଦ୍ୱାରା ଜିଲ୍ଲାରେ ୩୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ୍ ବ୍ୟବସାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ଶାଗୁ ପରଟା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଶାଗୁ – ୨୦୦ ଗ୍ରାମ୍, ସିଝା –ଆଳୁ –ଦୁଇଟି, ଚିନାବାଦାମ- ଏକ କପ୍, ଜିରା – ଏକ ଚାମଚ, କଟା ଧନିଆ ପତ୍ର – ଅଧା , ଦହି – ଏକ କପ୍ , ଜିରା ଲଙ୍କା ଗୁଣ୍ଡ – ଅଧା ଚାମଚ , ତେଲ – ଆବଶ୍ୟକତା ଅନୁସାରେ , ଲୁଣ – ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି



ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ଶାଗୁ ପକାଇ ଉଷୁମ କରନ୍ତୁ । ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ଏହାପରେ ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ଶାଗୁ ସମେତ ଭଜା ଚିନାବାଦାମ ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ସେଥିରେ ସିଝା ଆଳୁକୁ, ଜିରା, ଧନିଆପତ୍ର ଲୁଣ ଦେଇ ଅଟା ଭଳି ଏହାକୁ ଚକଟି ଦିଅନ୍ତୁ । ଏହାପରେ ଛୋଟ ଛୋଟ ଗୁଳା କରି ଏହାକୁ ଅଟା ଗୁଣ୍ଡ ଦେଇ ପୁରୀ ଭଳି ବେଲନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲେ ସେଥିରେ ପରଟାକୁ ଦେଇ ଅଳ୍ପ ତେଲ ପକାଇ ସେକନ୍ତୁ । ଦୁଇ ପାଖ ହାଲୁକା ନାଲି ରଙ୍ଗ ହୋଇଗଲେ ଏହାକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହେଇଗଲା 'ଶାଗୁ ପରଟା' । ଏହାକୁ ଦହି ଓ ଜିରାଲଙ୍କା ଗୁଣ୍ଡ ସହ ପରଷନ୍ତୁ ।

# ଗଣେଶ ପୂଜାରେ ମରାଠୀ ଲୁକ୍



ପାଖେଇ ଆସୁଛି ଗଣେଶ ପୂଜା । ଏଥିପାଇଁ ଚଳଚଞ୍ଚଳ ଗାଁଠୁ ସହର । ସାଧାରଣତଃ ପର୍ବପର୍ବାଣୀରେ ମହିଳାମାନେ ସଜେଇ ହେବାକୁ ଭଲପାଆନ୍ତି । ବିଶେଷ କରି ଏବେ ପର୍ବପର୍ବାଣୀ ଅନୁଯାୟୀ ଲୁକ୍ ନେବାକୁ ଯୁବତୀମାନେ ବେଶି ପସନ୍ଦ କରୁଛନ୍ତି । ଏଥିପାଇଁ ପାର୍ଲର ଯାଇ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରିଥାନ୍ତି । କିନ୍ତୁ ଚାହିଁଲେ ଘରେ ଥିବା ଜିନିଷକୁ ଉପଯୋଗ କରି ପୂଜାରେ ପାରମ୍ପରିକ ମରାଠୀ ଲୁକ୍ ନେଇପାରିବେ । ଜାଣିବା ସେ ବିଷୟରେ ।

### ନୌବାରୀ ଶାଢ଼ି

ମରାଠୀ ଲୁକ୍‌ର ମୁଖ୍ୟ ଆକର୍ଷଣ ହେଉଛି ନୌବାରୀ ଶାଢ଼ି । ଏହା ଏକ ପାରମ୍ପରିକ ଶାଢ଼ି ଭାବେ ଜଣାଯାଏ । ଏହାକୁ ଧୋତି ଷ୍ଟାଇଲ୍‌ରେ ପିନ୍ଧାଯାଇଥାଏ । ଏହି ଶାଢ଼ି ରେଶମ ଫ୍ୟାବ୍ରିକ୍‌ରେ ନିର୍ମିତ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।

### ନୋଥ

ନୋଥ ବିନା ମରାଠୀ ଲୁକ୍ ଅସମ୍ପୂର୍ଣ୍ଣ । ତେଣୁ ସମ୍ପୂର୍ଣ୍ଣ ଲୁକ୍ ନେବା ପାଇଁ ମାଳି କିମ୍ବା ଷ୍ଟୋନ୍ ଲାଗିଥିବା ନୋଥ ପିନ୍ଧିପାରିବେ । ସ୍ୱତନ୍ତ୍ର ଡିଜାଇନର ଏହି ନୋଥ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ । ନାକଫୋଡ଼େଇ ନ ଥିବା ମହିଳାମାନେ ମଧ୍ୟ ଏହାକୁ ସହଜରେ ଲଗାଇପାରିବେ । ମୋତି ଓ କୁନ୍ଦନରେ ସଜ୍ଜିତ ଏହି ନୋଥ ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ।

### ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦି

ତେବେ ମରାଠୀ ଲୁକ୍‌ରେ ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ମୁହଁରେ ଲଗାଇଲେ ଖୁବ୍ ସୁନ୍ଦର ଦିଶିଥାଏ । ତେଣୁ ପାରମ୍ପରିକ ମରାଠୀ ଲୁକ୍ ପୁରା କରିବା ପାଇଁ ଚନ୍ଦ୍ରକାର ବିନ୍ଦି ଲଗାଇବା ଆବଶ୍ୟକ ।

### ସବୁଜ ଚୁଡ଼ି

ସବୁଜରଙ୍ଗ ଚୁଡ଼ି ମରାଠୀ ମହିଳାଙ୍କ ପରିଚୟ ଭାବେ ଜଣାଯାଏ । ତେଣୁ ହାତରେ ସୁନ୍ଦର ସବୁଜ ଚୁଡ଼ି ପିନ୍ଧିବା ଜରୁରୀ ।

### ଅଣ୍ଟାସୂତା

ସେହିପରି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଅଣ୍ଟାବିଛା ପିନ୍ଧିପାରିବେ । ବଜାର ବିଭିନ୍ନ ରଙ୍ଗ ଓ ଡିଜାଇନର୍ ଅଣ୍ଟାବିଛା ମିଳୁଛି ।

# କଞ୍ଚା ଅମୃତଭଣ୍ଡା ମାସ୍କର ଫାଇଦା



ଅମୃତଭଣ୍ଡା ଉଭୟ ତ୍ୱଚା ଓ ଶରୀର ପାଇଁ ସ୍ୱାସ୍ଥ୍ୟକର ହୋଇଥାଏ । ବିଶେଷ କରି କଞ୍ଚା ଅମୃତଭଣ୍ଡାରେ ଥିବା ଏନ୍‌ଜାଇମ୍ସ ଓ ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ପୋଷଣ ଦେଇଥାଏ । ତେଣୁ କଞ୍ଚା ଅମୃତ ଭଣ୍ଡା ତ୍ୱଚାରେ ଲଗାଇଲେ କେଉଁ ସୁଫଳ ମିଳିଥାଏ, ଜାଣିବା ସେ ବିଷୟରେ...



### ଦାଗ ଓ ବ୍ରଣ ସମସ୍ୟାରୁ ମୁକ୍ତି

କଞ୍ଚା ଅମୃତଭଣ୍ଡା ଆଣ୍ଟି ବ୍ୟାକ୍ଟେରିୟଲ ଗୁଣରେ ଭରପୂର ରହିଥାଏ । ତେଣୁ ଏହାକୁ ତ୍ୱଚାରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏଥିସହ ତ୍ୱଚା ଉଜ୍ଜ୍ୱଳ ଦିଶିଥାଏ ।

### ମୃତ କୋଷ କରେ ଦୂର

ଏଥିରେ ଥିବା ଏନ୍‌ଜାଇମ୍ସ ତ୍ୱଚାର ଉପର ପରସ୍ତରେ ଥିବା ମୃତ କୋଷକୁ ହଟାଇ ନୂଆ ତ୍ୱଚା ବାହାରକୁ ଆଣିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିଥାଏ ।

### ପିଗ୍‌ମେଣ୍ଟସନ୍ କରେ ଦୂର

କଞ୍ଚା ଅମୃତଭଣ୍ଡା ତ୍ୱଚାରେ ଥିବା ମେଲାଲିନ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା କଳାଦାଗ , ପିଗ୍‌ମେଣ୍ଟସନ୍ ହାଲୁକା ହୋଇଥାଏ ।

### ମୁହଁ ତେଲ ନିୟନ୍ତ୍ରଣ

ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ କଞ୍ଚା ଅମୃତଭଣ୍ଡା ବରଦାନ ସ୍ୱରୂପ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରି ଏକ ମ୍ୟାଟ୍ ଲୁକ୍ ଦେଇଥାଏ । ଏହା ମୁହଁର ରୁକ୍ଷତାକୁ ଦୂର କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

### ସତର୍କତା

- କଞ୍ଚା ଅମୃତଭଣ୍ଡା ଖୁବ୍ କଡ଼ା ହୋଇଥାଏ । ତେଣୁ ସମ୍ବେଦନଶୀଳ ତ୍ୱଚା ଥିବା ମହିଳାମାନେ ଏହାକୁ ସିଧାସଳଖ ତ୍ୱଚାରେ ଲଗାନ୍ତୁ ନାହିଁ ।
- ପ୍ରଥମେ ପ୍ୟାଚ୍ ଟେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇବା ଭଲ । ଏହାଦ୍ୱାରା ତ୍ୱଚାରେ କୌଣସି ପ୍ରକାର ସଂକ୍ରମଣ ହୋଇ ନଥାଏ ।
- ଦୀର୍ଘ ସମୟ ଏହାକୁ ତ୍ୱଚାରେ ଲଗାଇ ରଖନ୍ତୁ ନାହିଁ । ଲଗାଇବାର ୧୦-୧୫ ମିନିଟ୍‌ରେ ଏହାକୁ ଧୋଇ ଦିଅନ୍ତୁ ।

# ଘର ପାଇଁ ସୁଗନ୍ଧିତ ତୈଳ

ଦିନସାରା ଧାଁଦୌଡ଼ ଭିତରେ ସନ୍ଧ୍ୟାରେ ଘରକୁ ଫେରିଲେ ମନକୁ ଟିକିଏ ଆଶ୍ୱସ୍ତି ମିଳିଥାଏ । ଏଥିପାଇଁ ସମସ୍ତେ ନିଜ ଅନୁସାରେ ଘରକୁ ସଜାଇଥାନ୍ତି । ସେହିପରି ଘରେ ଶାନ୍ତି ବାତାବରଣକୁ ଦ୍ୱିଗୁଣିତ କରିବାକୁ ଚାହୁଁଥିଲେ ଘରେ ରୁମ୍ ସ୍ପ୍ରେ ବଦଳରେ ଏସେନ୍‌ସିଆଲ୍ ଅଏଲ ସ୍ପ୍ରେ କରିପାରିବେ । ଏହାକୁ ବ୍ୟବହାର କରିବା ଦ୍ୱାରା ଶାନ୍ତି ମିଳିବା ସହ ଘରେ ସକାରାତ୍ମକ ବାତାବରଣ ରହିଥାଏ ।

### ସାଇଟ୍ରିକ୍ ଅଏଲ୍‌ରୁ ସତେଜ

ମନ ଅଶାନ୍ତି ରହୁଥିଲେ, ସାଇଟ୍ରିକ୍ ବେସ୍‌ଡ ଅଏଲ୍‌କୁ ଶୋଇବା କୋଠରୀରେ ସ୍ପ୍ରେ କରିପାରିବେ । ସେହିପରି ବର୍ଷାଦିନେ ଏହା ଘରକୁ ଓଦାଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ ଚାହିଁଲେ ଲେମ୍ବୁ ଥିବା ଏସେନ୍‌ସିଆଲ୍ ଅଏଲ ବ୍ୟବହାର କରିପାରିବେ । ଏହାଦ୍ୱାରା ଘରେ ସକାରାତ୍ମକ ପରିବେଶ ସହ ମନ ପ୍ରସନ୍ନ ରହିଥାଏ ।

### ଲାଭେଣ୍ଡର ଅଏଲ୍

ଘରେ ହସଖୁସିର ବାତାବରଣ ରଖିବାକୁ ଚାହୁଁଥିଲେ, କିଛି ଲାଭେଣ୍ଡର ଅଏଲ୍ ନେଇ ସେଥିରେ ପାଣି ମିଶାଇ ସ୍ପ୍ରେ କରିପାରିବେ । ଏଥିସହ ଗେଷ୍ଟ ରୁମ୍, ବେଡ୍‌ରୁମ ଆଦିରେ ଏହାକୁ ସ୍ପ୍ରେ କରିପାରିବେ । ସେହିପରି ଚାହିଁଲେ ତକିଆରେ ମଧ୍ୟ ଏହାର କିଛି ବୁନ୍ଦା ସ୍ପ୍ରେ କରିପାରିବେ । ସେହିପରି କାମକୁ ନେଇ ଅଧିକ ଚାପ ଅନୁଭବ କରୁଥିଲେ ଏହାଦ୍ୱାରା ଚାପମୁକ୍ତ ଅନୁଭବ ହୋଇଥାଏ ।



### ଚନ୍ଦନ ଓ ଗୋଲାପ

ସେହିପରି ଘରକୁ ଏକ ବିଳାସମୟ ଅନୁଭୂତ ଦେବାକୁ ଚାହୁଁଥିଲେ, ଚନ୍ଦନ ଓ ଗୋଲାପ ତେଲ ସ୍ପ୍ରେ କରିପାରିବେ । କାରଣ ଏହାର ବାସ୍ନା ଖୁବ୍ ସୁନ୍ଦର ହୋଇଥାଏ । ସେହିପରି ଚନ୍ଦନ ତେଲ ଜୀବାଣୁରୋଧୀ ହୋଇଥାଏ । ସେହିପରି ଚାହିଁଲେ ଏହାକୁ ଇଣ୍ଡୋର୍ ପ୍ଲାଣ୍ଟରେ ମଧ୍ୟ ଛିଞ୍ଚିପାରିବେ ।


■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା

## ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୨୩।୮ (ସମିସ): ଶ୍ରୀନଗରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା ପ୍ରଶଂସନୀୟ ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ୧୦ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ମଧ୍ୟପ୍ରଦେଶ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ୧୮ ପଦକ ଜିତି ଚାମ୍ପିଅନ ହୋଇଛି। ସେହିଭଳି କେରଳ (୭ ପଦକ) ୩ୟ, ଉତ୍ତର ପ୍ରଦେଶ (୩ ପଦକ) ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଶେଷଦିନରେ ଓଡ଼ିଶା ପ୍ରତିଯୋଗୀମାନେ ୫ଟି ପଦକ ଜିତିବାରେ ସଫଳ ହୋଇଥିଲେ। ଯେଉଁଥିରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ରହିଛି। ରଶ୍ମିତା ସାହୁ ଓ ଆଟୋଇବାମ୍ ଦେବୀ ଯୋଡ଼ି କାନୋଇଂ-୫୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ମହିଳା କାୟାକିଂ-୫୦୦ ମିଟର ଓ ପୁରୁଷ ସିଙ୍ଗଲ୍ସ ସ୍କଲରେ ସ୍ୱର୍ଣ୍ଣ ପଦକ ରାଜ୍ୟକୁ ମିଳିଥିଲା। ଏହି ସଫଳତା ଲାଗି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘର ସମ୍ପାଦକ ବିପିନ ଦାଶ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅନିମେଶଙ୍କୁ ସ୍ୱର୍ଣ୍ଣ, ସ୍ୱାଧୀନଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୩।୮ (ସମିସ): ଚେନ୍ନଇରେ ଚାଲିଥିବା ୬୪ତମ ଜାତୀୟ ଆନ୍ତଃରାଜ୍ୟ ସିନିଅର ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶା ଖେଳାଳିଙ୍କ ପଦକ ବିଜୟଧାରା ଜାରି ରହିଛି। ଶନିବାର ଓଡ଼ିଶା ଖେଳାଳିମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦେଶର ଦ୍ରୁତତମ ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଅନିମେଶ ୨୦.୬୩ ସେକେଣ୍ଡ ସମୟ ନେଇ ରେସ୍ ଫିନିଶ କରିବା ସହ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ସ୍ୱାଧୀନ ମାଝୀ କାଂସ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ହାଇଜମ୍ପରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ୨.୧୮ ମିଟର ଉଚ୍ଚକୁ ଡେଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମ ଦିବସରେ ଓଡ଼ିଶାର ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

## ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଓ କିକ୍‌ବକ୍ସିଂରେ କିଟ୍‌କୁ ୨ ପଦକ



ଭୁବନେଶ୍ୱର, ୨୩।୮ (ସମିସ): କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଆଉ ୨ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍‌ରେ ଏମ୍‌ବିଏ ପଢୁଥିବା ଅବିନାଶ ମହାନ୍ତି ଘାନା ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ ସେ ଏହି ସଫଳତା ପାଇଥିଲେ। ଏଥିରେ ଅନ୍ୟତମ ଓଡ଼ିଆ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସାଥୀ କରି ଖେଳିଥିବା ଅବିନାଶ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଇଣ୍ଡୋନେସିଆରେ ଅନୁଷ୍ଠିତ କିକ୍‌ବକ୍ସିଂ ଓପନ୍ ପ୍ରତିଯୋଗିତାରେ କିଟ୍‌ର ଯଶ କୁମାର ସିହ୍ନା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଉଭୟ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ - ୨୦୨୭

# ଦ.ଆଫ୍ରିକାର ୮ଟି ଭେନ୍ୟୁରେ ୪୪ ମ୍ୟାଚ୍

ଜୋହାନ୍ସବର୍ଗ,୨୩।୮ (ଏଜେନ୍ସି):

ଆଫ୍ରିକା ମହାଦେଶର ୩ଟି ଦେଶ ଯଥା ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ଲାଗି ଏବେଠାରୁ ସ୍ଥାନୀୟ ଆୟୋଜନ କମିଟି ସମସ୍ତ ପ୍ରକାର ପ୍ରସ୍ତୁତିରେ ଲାଗିପଡ଼ିଛି। ବିଶେଷ କରି ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୪ ବର୍ଷ ପରେ ଆଇସିସି ବିଶ୍ୱକପ୍ ଖେଳାଯାଉଥିବାରୁ ଆୟୋଜକ ଓ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏହା ମଧ୍ୟରେ ବିଶ୍ୱକପ୍‌ର ଆୟୋଜନ ମିଳିତଭାବେ ହେଉଥିବାରୁ କେଉଁ ଦେଶ କେତୋଟି ମ୍ୟାଚ୍ ଆୟୋଜନ କରିବ ସେ ସମ୍ପର୍କରେ ଆଜି କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ଘୋଷଣା କରିଛି। ଘୋଷଣା ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ୪୪ଟି ଏବଂ ଅନ୍ୟ ଦୁଇଦେଶ ଜିମ୍ବାୱେ ଓ ନାମିବ୍ୟାରେ ୧୦ଟି ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକାରେ ମଧ୍ୟ କେଉଁ ଭେନ୍ୟୁରେ ମ୍ୟାଚ୍ ଖେଳାଯିବ ତାହା ଘୋଷଣା କରାଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ଟ୍ରେଭର ମାନୁଏଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅର୍ଗାନାଇଜିଂ କମିଟି (ଏଲ୍‌ଓସିବି) ଗଠନ କରାଯାଇଛି।

୨୦୨୭ ଅକ୍ଟୋବର ଓ ନଭେମ୍ବର ମାସରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଭାଗନେବେ। ୨୦୨୭ ସୁଦ୍ଧା ଆଇସିସି ମାନ୍ୟତାରେ ଥିବା ପ୍ରଥମ ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ସେହିପରି ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ପ୍ରଥମେ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ଯୁଗ୍ମ ଆୟୋଜକ ଜିମ୍ବାୱେ ଓ ନାମିବ୍ୟାକୁ ସେହି ସୁଯୋଗ ମିଳିନାହିଁ।



ଏହା ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ମ୍ୟାଚ୍ ଖେଳାଯିବାକୁ ଥିବା ୮ଟି ଭେନ୍ୟୁ ଚୂଡ଼ାନ୍ତ ହୋଇଛି। ସେଗୁଡିକ ହେଲା ଜୋହାନ୍ସବର୍ଗ, ପ୍ରିଟୋରିଆ, କେପ୍‌ଟାଉନ୍, ଡର୍ବାନ, ଜେବେରହା (ପୋର୍ଟ ଏଲିଜାବେଥ), ବ୍ଲୋଏମଫୋଣ୍ଟେନ, ଇଷ୍ଟ ଲଣ୍ଡନ ଓ ପାର୍ଲ। ସେହିପରି ଜିମ୍ବାୱେର ହରାରେ ଓ ବୁଲାୱାୟୋ, ନାମିବ୍ୟାର ଗୋଟିଏ ସହର ୱିଣ୍ଡୋହୋଏକ୍‌ରେ ୩ଟି ଗ୍ରାଉଣ୍ଡ ଯଥା ନାମିବ୍ୟା କ୍ରିକେଟ ଗ୍ରାଉଣ୍ଡ, ୟୁନାଇଟେଡ ଗ୍ରାଉଣ୍ଡ ଓ ୱାଣ୍ଡରର୍ସ କ୍ରିକେଟ ଗ୍ରାଉଣ୍ଡ। ପରେ ଅନ୍ୟ କଥା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସିଏସ୍‌ଏ ପକ୍ଷରୁ କୁହାଯାଇଛି।

ସିଏସ୍‌ଏ ସଭାପତି ରିହାନ ରିଚାର୍ଡ୍ସଙ୍କ କହିବା ଅନୁଯାୟୀ ଦୀର୍ଘ ୨୪ ବର୍ଷ ପରେ ପୁରୁଷ କ୍ରିକେଟ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବାରୁ ନୂଆ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ରହିଛି। ବିଶେଷ କରି ଡିଜିଟାଲ ଯୁଗରେ ଦର୍ଶକଙ୍କୁ କିପରି ଷ୍ଟାଡିୟମ୍‌କୁ ଆକୃଷ୍ଟ କରାଯିବ ତାହା ଉପରେ ଆମେ ବେଶ ଗୁରୁତ୍ୱ ଦେଉଛୁ। ଏହି ସୁଯୋଗକୁ ଆମେ ଆଦୌ ହାତଛଡ଼ା କରିବୁ ନାହିଁ। ଆଫ୍ରିକା ମହାଦେଶରେ କ୍ରିକେଟକୁ ଅଧିକ ଲୋକପ୍ରିୟ କରାଇବା ଏବଂ ନୂଆ ଦର୍ଶକଙ୍କୁ ଆକୃଷ୍ଟ କରିବା ଆମର ମୂଳ ଲକ୍ଷ୍ୟ। ଏହି ସମୟରେ ଏହି ମେଗା ଇଭେଣ୍ଟ କିପରି ଶୃଙ୍ଖଳାର ସହ ଆୟୋଜିତ ହେବ ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଦକ୍ଷିଣ ଆଫ୍ରିକାର ସରକାର ଓ ପ୍ରଶାସନ ପୂରା ସହଯୋଗ କରୁଛନ୍ତି। ଆମେ ବିଶ୍ୱ କ୍ରିକେଟ ପ୍ରେମୀଙ୍କୁ ଦକ୍ଷିଣ ଆଫ୍ରିକା ସହ ଯୋଡିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ରିଚାର୍ଡସ।

ପୂର୍ବପରି ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ଏହି ଦେଶଗୁଡିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ରାଉଣ୍ଡ ରବିନ ଭିତ୍ତିରେ ଲିଗ୍ ମ୍ୟାଚ୍ ଖେଳାଯିବା ପରେ ପ୍ରତ୍ୟେକ ଗ୍ରୁପ୍‌ର ୩ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ। ସୁପର ସିକ୍ସରେ ଯୋଗ୍ୟତା ଅର୍ଜନ କରିଥିବା ୩ଟି ଦଳ ଅନ୍ୟ ଗ୍ରୁପ୍‌ର ୩ଟି ଦଳ ସହ ଖେଳିବେ। ଏହା ପରେ ୧୯୯୯ ବିଶ୍ୱକପ୍ ଭଳି ପଏଣ୍ଟ ଭିତ୍ତିରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ଗତ ସଂସ୍କରଣ ବା ୨୦୨୩ରେ ଏହି ବିଶ୍ୱକପ୍ ଭାରତରେ ଖେଳାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲାବେଳେ ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

## ଦୁଲୀପ୍ ଟ୍ରଫି ଖେଳିବେନି ଗିଲ୍

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଅସୁସ୍ଥତା ଯୋଗୁ ଚଳିତମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ କ୍ରିକେଟ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଏବେ ତାଙ୍କ ସ୍ଥାନରେ ଅଙ୍କିତ କୁମାରଙ୍କୁ ଉତ୍ତରାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଏହି ମ୍ୟାଚ୍ ଖେଳିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦୁଲୀପ୍ ଟ୍ରଫି ଖେଳିବାରେ ଅସମର୍ଥ ହୋଇଥାନ୍ତେ। ସେପ୍ଟେମ୍ବର ୯ରୁ ଏସିଆ କପ୍ ଆରମ୍ଭ ହେବାକୁ ଥିଲାବେଳେ ଗିଲ୍ ଏହି ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଉତ୍ତରାଞ୍ଚଳ ତାହାର ପ୍ରଥମ ମ୍ୟାଚ୍ ପୂର୍ବାଞ୍ଚଳ ସହ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଖେଳିବ।

## ଅର୍ଜୁନ-ଏଲାଭେନିଲଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତର ଅର୍ଜୁନ ବବୁଟା ଓ ଏଲାଭେନିଲ ଭାଲାରିଭାନଙ୍କ ଯୋଡି କାଥାକସ୍ଥାନରେ ଚାଲିଥିବା ଏସିଆନ ସୁଟିଂ ଚାମ୍ପିଅନସିପ୍‌ର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଏମାନେ ଚୀନ୍‌ର ଡିଙ୍ଗକେ ଲୁ ଓ ଜିନ୍‌ଲୁ ପେଙ୍ଗଙ୍କ ଯୋଡିକୁ ୧୭-୧୧ ପଏଣ୍ଟରେ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଚୀନ ପ୍ରତିଯୋଗୀ ଆଗୁଆ ରହିଥିଲେ। କିନ୍ତୁ ଶେଷ ପର୍ଯ୍ୟାୟରେ ଭାରତୀୟ ଯୋଡି ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଚୀନା ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜୟ ଛଡ଼ାଇଆଣିଥିଲେ। ଗତକାଲି ଏଲାଭେନିଲ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଗତ ଦୁଇଦିନରେ ସେ ଦୁଇଟି ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଛନ୍ତି।

## ଜାତୀୟ ଜୁନିଅର ହକି: ଓଡ଼ିଶାକୁ ରୌପ୍ୟ




ଭୁବନେଶ୍ୱର, ୨୩।୮ (ସମିସ): ପଞ୍ଜାବରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ୨-୩ ଗୋଲରେ ହରିୟାଣା ନିକଟରୁ ପରାସ୍ତ ହୋଇଥିଲା। ଏକଦା ୨-୦ରେ ଅଗ୍ରଣୀ ରହିଥିବା ଓଡ଼ିଶା ମ୍ୟାଚର ଶେଷ ୧୦ ମିନିଟରେ ୩ଟି ଗୋଲ୍‌ବରଣ କରି ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲା। ସେହିଭଳି ଆୟୋଜକ ପଞ୍ଜାବ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଥିଲା। ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ୨ଟି ଗୋଲ୍ ଦେଇଥିଲା। ୧୭ତମ ମିନିଟରେ ଦୀପକ ପ୍ରଧାନ ଓ ୧୯ତମ ମିନିଟରେ ପ୍ରତାପ ଟପ୍ପୋଙ୍କ ଷ୍ଟିକ୍ସରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ଫଳରେ ପ୍ରଥମାର୍ଦ୍ଧ ଓଡ଼ିଶା ସପକ୍ଷରେ ଯାଇଥିଲା। ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ହରିୟାଣା ଖେଳାଳି ଶେଷ ୧୦ ମିନିଟରେ ୩ଟି ଗୋଲ୍ ଦେଇ ଓଡ଼ିଶା ନିକଟରୁ ବିଜୟ ଛଡ଼ାଇ ନେଇଥିଲେ। ଏହି ୩ଟି ଗୋଲରୁ ନୀତୀନ ୨ଟି ଗୋଲ୍ ଦେଇ ହରିୟାଣାକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଡୁରାଣ୍ଡ କପ୍ ବଜାୟ ରଖିଲା ନର୍ଥଇଷ୍ଟ

କୋଲକାତା, ୨୩।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଏକପାଖିଆ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ୍ ୬-୧ ଗୋଲ୍‌ରେ ଡାଏମଣ୍ଡ ହାର୍ବରକୁ ପରାସ୍ତ କରିଥିଲା। ଏଥିସହ ଡୁରାଣ୍ଡ କପ୍‌ର ଗତ ୩୪ ବର୍ଷ ମଧ୍ୟରେ ପ୍ରଥମ ଦଳ ଭାବେ ନର୍ଥଇଷ୍ଟ ଟାଇଟଲ୍ ବଜାୟ ରଖିଛି। ଶେଷଥର ଲାଗି ଇଷ୍ଟ ବେଙ୍ଗଲ ୧୯୮୯ରୁ କ୍ରମାଗତ ୩ବର୍ଷ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ଡୁରାଣ୍ଡ କପ୍ ପଦାର୍ପଣରେ ଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଡାଏମଣ୍ଡ ହାର୍ବର ଫାଇନାଲରେ କିନ୍ତୁ ଏହି ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲା। ସେମିଫାଇନାଲରେ ହାର୍ବର ଦଳ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ହରାଇଥିଲା।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଆଜିଠାରୁ

## ଓଡ଼ିଶାରୁ ଭାଗନେବେ ୬ ପ୍ରତିଯୋଗୀ

ଭୁବନେଶ୍ୱର,୨୩।୮ (ସମିସ): ଅହମ୍ମଦାବାଦ୍‌ଠାରେ ଆସନ୍ତାକାଲିଠାରୁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ବରିଷ୍ଠ, ଯୁବ ଓ କନିଷ୍ଠ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଅଗଷ୍ଟ ୩୦ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାର ୬ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ଯୁବ ବାଳିକା ବିଭାଗ ୪୪ କେଜିରେ ପ୍ରୀତିସ୍ମିତା ଭୋଇ ଓ ୬୩ କେଜିରେ ଟିକି ମୋହିନୀ ମଲ୍ଲିକ। କନିଷ୍ଠ ବାଳିକା ୫୮ କେଜି ବିଭାଗରେ ମୀନା ସାନ୍ତା-ଏ' ଓ ୬୩ କେଜି ବିଭାଗରେ ବିଦୁସ୍ମିତା ଭୋଇ ଏବଂ କନିଷ୍ଠ ବାଳକ ୮୮ କେଜି ବିଭାଗରେ ହୃଦାନନ୍ଦ ଦାସ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ବରିଷ୍ଠ ମହିଳା ବିଭାଗରେ ଜଣେ ମାତ୍ର ପ୍ରତିଯୋଗୀ ସ୍ନେହା ସୋରେନ୍ ରହିଛନ୍ତି। ସେ ୫୩ କେଜି ବିଭାଗରେ ଅଂଶଗ୍ରହଣ କରିବେ। ଏମାନେ ସମସ୍ତେ ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟର ଓ ଢେଙ୍କାନାଳ ସବ୍‌ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ଚୟନ ଶିବିରରେ ଏମାନେଙ୍କୁ ମନୋନୀତ କରାଯାଇଥିଲା। ପ୍ରଥମଥର ଓଡ଼ିଶାର ଅଧାଡଜନେ ଖେଳାଳି ଭାଗ ନେଇଥିବାରୁ ଖେଳାଳି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଶୁଭେଚ୍ଛା କରାଯାଇଛି।



### ଆନ୍ତଃଜୋନ୍ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍ / ପୂର୍ବାଞ୍ଚଳ ଚାମ୍ପିଅନ



ଭୁବନେଶ୍ୱର, ୨୩।୮ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ଆନ୍ତଃଜୋନ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ ଚାମ୍ପିଅନ ହୋଇଛି। ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ଫାଇନାଲରେ ୪୦ ରନରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୨୦ ଓଭରରେ ୫ ୱିକେଟ୍‌ରେ ୧୬୨ ରନ କରିଥିଲା। ଓଡ଼ିଶାର ପାର୍ବତୀ ମାରାଣ୍ଡି ୬୭, ଯମୁନାରାଣୀ ଟୁଡୁ ୨୬, ବାସନ୍ତୀ ହାଁସଦା ୨୦ ଓ ଝିଲ୍ଲି ବିରୁଆ ୧୮ ରନ କରିଥିଲେ। ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାର୍ବତୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ସଫଳତା ପରେ ପୂର୍ବାଞ୍ଚଳ ଦଳର ସମ୍ପାଦକ ଏମଡି ଜାଫର ଇକବାଲ, ପ୍ରଶିକ୍ଷକ ସୁଖରାମ ମାଝୀ ପ୍ରମୁଖ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚାମ୍ପିଅନ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଥିଲେ। ଏହି ପ୍ରତିଯୋଗିତାରୁ ଆଗାମୀ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯିବ।

ଆଜିଠୁ ୟୁଏସ୍ ଓପନ୍

# ୨୫ତମ ଗ୍ରାଣ୍ଡସ୍ଲାମ୍ ଲକ୍ଷ୍ୟରେ ଜୋକୋଭିଚ୍

### ସିଙ୍ଗଲ୍ସ ଚାମ୍ପିଅନଙ୍କୁ ମିଳିବ ୪୩ କୋଟି

ନ୍ୟୁୟର୍କ, ୨୩।୮ (ଏଜେନ୍ସି):

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୟୁଏସ୍ ଓପନର ଏହା ହେବ ୧୪୫ତମ ସଂସ୍କରଣ। ବିଶ୍ୱର ୭ ନମ୍ବର ଖେଳାଳି ତଥା ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ୩୮ ବର୍ଷୀୟ ଜୋକୋଭିଚ୍ ତାଙ୍କ କ୍ୟାରିୟରର ଅନ୍ତିମ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏଠାରେ ଜିତିଥିଲେ। ତେଣୁ ଚଳିତ ବର୍ଷ ଏହି ସଫଳତାକୁ ଜୋକୋଭିଚ୍ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଯଦି ସେ ଚାମ୍ପିଅନ ହୁଅନ୍ତି ତେବେ ଓପନ ଏରାରେ ଉଭୟ ପୁରୁଷ ଓ ମହିଳାବର୍ଗରେ ବିଶ୍ୱର ପ୍ରଥମ ଟେନିସ ଖେଳାଳି ଭାବେ ୨୫ଟି ଗ୍ରାଣ୍ଡସ୍ଲାମ ଜିତିବାର ବିଶ୍ୱକୀର୍ତ୍ତିମାନ ସ୍ଥାପନ କରିବେ। ପ୍ରଥମ ରାଉଣ୍ଡରେ ଜୋକୋଭିଚ୍‌ଙ୍କ ମୁକାବିଲା ଆମେରିକାର ଯୁବେ ଖଳାଳି ଲିନର ଟିଏନ୍‌ଙ୍କ ସହ ହେବ।





#### ୪୫ ବର୍ଷୀୟା ଭେନସ୍‌ଙ୍କୁ ୱାଇଲ୍ଡ କାର୍ଡ

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଓ ଆରିନା ସାବାଲେଙ୍କା ଯଥାକ୍ରମେ ପୁରୁଷ ଏବଂ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଇଟାଲୀର ସିନର୍ ଚେକ୍ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ସେହିଭଳି ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଡେନମାର୍କର ତୌସନଙ୍କୁ ଭେଟିବେ। ଅପରପକ୍ଷରେ ଘରୋଇ ଖେଳାଳି ତଥା ୭ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ୪୫ ବର୍ଷୀୟା ଭେନସ୍ ୱିଲିୟମ୍ସ ଦୀର୍ଘ ବର୍ଷର ବ୍ୟବଧାନ ପରେ ୟୁଏସ୍ ଓପନ୍ ଖେଳିବେ। ମହିଳା ସିଙ୍ଗଲ୍ସରେ ତାଙ୍କୁ ଏଥର ୱାଇଲ୍ଡ କାର୍ଡ ମିଳିଛି।

#### ମୋଟ୍ ପୁରସ୍କାର ରାଶି ୭୮୫ କୋଟି

ଏଥର ୟୁଏସ୍ ଓପନରେ ରେକର୍ଡ ୭୮୫ କୋଟି ଟଙ୍କା ପୁରସ୍କାର ରଖାଯାଇଛି। ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ସେହିଭଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳି ୪୩ କୋଟି ୬୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇବେ। ଯାହାକି ବିଶ୍ୱର ଯେକୌଣସି ଗ୍ରାଣ୍ଡସ୍ଲାମରେ ପ୍ରଦାନ କରାଯାଉଥିବା ସର୍ବାଧିକ ପୁରସ୍କାର ରାଶି। ସିଙ୍ଗଲ୍ସ ବିଭାଗରେ ପ୍ରଥମ ରାଉଣ୍ଡରେ ବିଜୟୀ ହେଲେ ୯୬ ଲକ୍ଷ ଟଙ୍କା, ଦ୍ୱିତୀୟ ରାଉଣ୍ଡରେ ୧ କୋଟି ୩୪ ଲକ୍ଷ, ୩ୟ ରାଉଣ୍ଡ ଜିତିଲେ ୨ କୋଟି ୬ ଲକ୍ଷ ଟଙ୍କା ଖେଳାଳି ସାଙ୍ଗରେ ନେଇ ଆସିବେ। ସେହିଭଳି ପ୍ରି-କ୍ୱାର୍ଟର ବିଜେତାଙ୍କ ୩.୫ କୋଟି, କ୍ୱାର୍ଟର ବିଜେତାଙ୍କୁ ୫.୭୬ କୋଟି ଏବଂ ସେମିଫାଇନାଲ ବିଜେତାଙ୍କୁ ୧୧ କୋଟି ଟଙ୍କା ମିଳିବ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS